

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୪ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 AUGUST 2022

Vol.No. 35 ■ No. 213 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଚିନ୍ତା ବଢାଇଲା ଚାଇନାର ଗୁଇନ୍ଦା ଜାହଜ



ନୂଆଦିଲ୍ଲୀ, ୧୩/୦୮ : ଚାଇନାର ଗୁଇନ୍ଦା ଜାହଜକୁ ନିଜ ବନ୍ଦରରେ ପ୍ରବେଶ କରିବାକୁ ଅନୁମତି ଦେଇ ଦେଇଛି କଲମ୍ବୋ । ଶ୍ରୀଲଙ୍କା ସରକାର ଚୀନର ଗୁଇନ୍ଦା ଜାହଜ 'ୟୁୱାନ ୱାନ-୫'କୁ ନିଜ ବନ୍ଦରରେ ପ୍ରବେଶ କରିବାକୁ ଅନୁମତି ଦେଇ ଦେଇଛି । ଭାରତର ପ୍ରତିରୋଧ ସତ୍ୱେ ଚୀନ ଜାହଜକୁ ଶ୍ରୀଲଙ୍କା କୂଳରେ ଲଗାଇବାକୁ ଅନୁମତି ପ୍ରଦାନ କରିଛି କଲମ୍ବୋ । ଅନ୍ତର୍ଜାତୀୟ ଖବର ସରବରାହ ସଂସ୍ଥା ଏଏଫପି ର ରିପୋର୍ଟ ଅନୁସାରେ– ୧୬ରୁ ୨୨ ଅଗଷ୍ଟ ଭିତରେ ହବନଟୋଟାରେ ଚୀନ ଜାହଜ 'ୟୁୱାନ ୱାନ-୫'କୁ ଆସିବାକୁ ଶ୍ରୀଲଙ୍କା ବିଦେଶ ମନ୍ତ୍ରାଳୟ ମଂଜୁରୀ ପ୍ରଦାନ କରିଛି । ଚୀନ ଜାହଜ ଶ୍ରୀଲଙ୍କା କୂଳରେ ଲାଗୁଥିବାରୁ ଏହାକୁ ନେଇ ଚିନ୍ତାରେ ଭାରତୀୟ ପ୍ରତିରକ୍ଷା ବିଭାଗ । କୁହାଯାଉଛି ଏହି ଜାହଜ ଭାରତୀୟ ପ୍ରତିରକ୍ଷା ସମ୍ପର୍କୀୟ ଗୁପ୍ତ ତଥ୍ୟ ହାସଲ କରିବାକୁ ଶ୍ରୀଲଙ୍କା ଆସିଛି । ଭାରତୀୟ ପ୍ରତିରକ୍ଷା ବିଭାଗର ତଥ୍ୟ ଅନୁସାରେ 'ୟୁୱାନ ୱାନ-୫' ଅନ୍ତରୀକ୍ଷ ଏବଂ ଉପଗ୍ରହ ଉପରେ ନଜର ରଖୁଥିବା ଏକ ଶକ୍ତିଶାଳୀ ଜାହଜ, ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ଜାହଜରେ ରହିଛି ସ୍ୱତନ୍ତ୍ର ଆଂଟିନା, ଯାହା ଅନ୍ତରୀକ୍ଷ ଏବଂ ଉପଗ୍ରହ ଉପରେ ନଜର ରଖେ । ୬ଶହ କିମି ଦୂରତା ପର୍ଯ୍ୟନ୍ତ ଗୁପ୍ତ ତଥ୍ୟ ହାସଲ କରିବାରେ ସକ୍ଷମ 'ୟୁୱାନ ୱାନ-୫' । ଅନ୍ତଃ-ମହାଦ୍ୱୀପିୟ ବାଲାଷ୍ଟିକ୍ ମିଜାଇଲ ପ୍ରକ୍ଷେପଣ ଏବଂ ପରୀକ୍ଷଣ ଉପରେ ନଜର ରଖେ। ଭାରତ ପ୍ରତିରକ୍ଷା ମନ୍ତ୍ରାଳୟ 'ୟୁୱାନ ୱାନ-୫' ଶ୍ରୀଲଙ୍କାକୁ ଆସିବା ନେଇ ବିରୋଧ କରି ଆସୁଛି । ଭାରତୀୟ ପ୍ରତିରକ୍ଷା ବିଭାଗର ଗୁପ୍ତ ତଥ୍ୟ ହାସଲ କରିବାକୁ ଜାହଜଟି ଆସିଥିବା ଦାବି କରୁଛି ଭାରତ । ହେ ଚୀନ ଏହାକୁ ଖଣ୍ଡନ କରି ଆସୁଛି । ମାତ୍ର ଏହା ସଇତାନ ଚୀନର ଆଉ ଏକ ଚାଲ ।

## ବିଜେପି ଉପରେ ଜୋରଦାର ବର୍ଷିଲେ ଆରଜେଡି ନେତା ତେଜସ୍ୱୀ ଯାଦବ



ନୂଆଦିଲ୍ଲୀ, ୧୩/୦୮ : ବିଜେପି ଉପରେ ବର୍ଷିଲେ ତେଜସ୍ୱୀ ଯାଦବ । ବିହାର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆରଜେଡି ନେତା ତେଜସ୍ୱୀ ଯାଦବ ଭାରତୀୟ ଜନତା ପାର୍ଟି ଉପରେ ଜୋରଦାର ବର୍ଷିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତେଜସ୍ୱୀ କହିଛନ୍ତି, ଆମ ଉପଲବ୍ଧ ଏହା ଯେ, ଲୋକମାନେ ଏବେ ହିନ୍ଦୁ-ମୁସଲମାନ କଥା ଛାଡି ରୋଜଗାର ଉପରେ ଚର୍ଚ୍ଚା କରୁଛନ୍ତି । ବେରୋଜଗାରୀ ଓ ରୋଜଗାର ଉପରେ ଏବେ ସକରାତ୍ମକ ବିମର୍ଶ ହେଉଛି ବୋଲି ତେଜସ୍ୱୀ କହିଛନ୍ତି । ଏକ ଭିଡିଓ ଟୁଇଟ୍ କରି ତେଜସ୍ୱୀ କହିଛନ୍ତି, ସବୁ ପ୍ରତିଶ୍ରୁତ ଆମେ ପୂରଣ କରିବୁ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଏନେଇ ଆଜି ସୂଚନା ଦେଇଛନ୍ତି । ତେବେ ଥରେ ସେମାନଙ୍କୁ ମଧ୍ୟ ୨ କୋଟି ଚାକିରି କଥା ପଚରାଯାଉ ବୋଲି ତେଜସ୍ୱୀ କହିଛନ୍ତି । ତା ସହିତ ବିଜେପି ଗତ ଦୁଇ ବର୍ଷ ହେଲା ଶାସନରେ ରହିଲା, ହେଲେ ୧୯ ଲକ୍ଷ ଚାକିରି ପ୍ରତିଶ୍ରୁତିରୁ ସେ ୧୯ଟି ରୋଜଗାର ଦେଇଛନ୍ତି କି ? ବୋଲି ତେଜସ୍ୱୀ ପ୍ରଶ୍ନ କରିଛନ୍ତି । ଅନ୍ୟପଟେ ଆରଜେଡି ନେତା ଶିବାନନ୍ଦ ତିୱାରୀ ହର ଘର ତ୍ରିରଙ୍ଗା ଅଭିଯାନ ଜରିଆରେ ବିଜେପିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ବିଜେପି ଜାତୀୟ ପତାକାକୁ ଅପମାନ କରୁଛି । ଦେଶର ଜାତୀୟ ପତାକା ଦେଶର ପ୍ରତୀକ ଅଟେ । ଜାତୀୟ ପତାକାର ରାଜନୈତିକ ବ୍ୟବହାର କରିବା ଏହାର ପବିତ୍ରତାଓ ମାନ ମର୍ଯ୍ୟାଦା ପ୍ରତି ଅପମାନ ଅଟେ ବୋଲି ସେ କହିଛନ୍ତି । ଅନ୍ୟପଟେ ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେପିର ମାତୃ ସଙ୍ଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତ୍ରିରଙ୍ଗାକୁ ଅଶୁଭ କହିଥିଲା । ଲମ୍ବା ସମୟ ଧରି ସଂଘ ଆମ ଜାତୀୟ ପତାକାର ବହିଷ୍କାର କରିଥିଲା । ଏମିତି କି ୨୦୦୧ ମସିହା ପର୍ଯ୍ୟନ୍ତ ନାଗପୁର ସ୍ଥିତ ଆରଏସଏସ୍ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ପତାକା ଲଗାଯାଇନଥିଲା । ହେଲେ ଆଜି ସେହି ସଂଘ ହର ଘର ତ୍ରିରଙ୍ଗା ଅଭିଯାନ ଚଲାଇ ଦେଶରେ ଭକ୍ତିର ବାତାବରଣ ସୃଷ୍ଟି କରୁଛି ବୋଲି କହିଛନ୍ତି ଆରଜେଡି ନେତା ଶିବାନନ୍ଦ ତିୱାରୀ ।

## ମହାନଦୀରେ ଆସି ପାରେ ଛୋଟ ଧରଣର ବନ୍ୟା : ଜଳ ସମ୍ପଦ ବିଭାଗ ସବୋର୍ଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ମହାନଦୀରେ ଏକ ଛୋଟ ଧରଣର ବନ୍ୟା ଆସିପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି କରିଛନ୍ତି ଜଳ ସମ୍ପଦ ବିଭାଗ ସବୋର୍ଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର । ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଛତିଶଗଡ଼ରେ ପ୍ରବଳ ବର୍ଷା ହେଉଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଏବେ ହୀରାକୁଦ ଡ୍ୟାମ୍ ର ପାଣି ବଢୁଛି । ଫଳରେ ଗୋଟେ ପରେ ଗୋଟେ ଗେଟ୍ ଖୋଲିବାରେ ଲାଗିଛି । ଏବେ ହୀରାକୁଦର ୨୮ଟି ଗେଟ୍ ଦେଇ ପାଣି ନିଷ୍କାସନ ହେଉଛି । ତେଣୁ ତଳ ମୁଣ୍ଡରେ ଏକ ଛୋଟ ଧରଣର ବନ୍ୟା ଆସିପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

## ଆଜି ଅବପାତର ରୂପ ନେବ ଲଘୁଚାପ, ୨ ଦିନ ପାଇଁ ୧୭ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୧୩/୦୮ (ନି.ପ୍ର): ଉତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନିଭୂତ ହୋଇ ଆସନ୍ତା ୨୪ ଘଂଟା ମଧ୍ୟରେ ଅବପାତର ରୂପ ନେବ। ଅବପାତ ପରେ ଏହା ଛତିଶଗଡ଼ ମୁହାଁ ହେବ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଏଚ.ଆର ବିଶ୍ୱାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଲଘୁଚାପ ପ୍ରଭାବରେ ୧୩ରେ ଉପକୂଳ ଓଡିଶା ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ, ୧୪ରେ ଆଭ୍ୟନ୍ତରୀଣ ସହ ପଶ୍ଚିମ ଓଡିଶା ପ୍ରଭାବିତ ହେବା ସମ୍ଭାବନା ରହିଛି। ସେହିପରି ଓଡିଶା ଉପକୂଳ ଏବଂ ତାର ଆଖ-ପାଖ ଅଂଚଳରେ ଝଡ ପବନ ଘଂଟା ପ୍ରତି ୪୫ ରୁ ୫୫ କିମି ସହ ସର୍ବାଧିକ ୬୫ କିମି ଯାଏଁ ରହିବ। ଏଥିସହ ସମୁଦ୍ର ଅତ୍ୟଧିକ ଅଶାନ୍ତ ରହୁଥିବାରୁ, ମତ୍ସ୍ୟଜୀବୀଙ୍କୁ ୧୫ ଯାଏଁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଅତିପ୍ରବଳ ତଥା ଅତ୍ୟନ୍ତ ପ୍ରବଳ ବର୍ଷା। ପ୍ରଭାବରେ ତଳୁଆ ଅଂଚଳରେ ପାଣି ଜମିବା ସହ, ସହରୀ ବନ୍ୟା ପରିସ୍ଥିତି ଉପୁଜିବା ତଥା ଅଣ୍ଡର-ପାସ ରୋଡ଼ ରେ ପାଣି ଜମିବା ସହ, ପାହାଡିଆ ଅଂଚଳରେ ଭୂସ୍ଖଳନ ହୋଇପାରେ। ପାଣିପାଗ ବିଭାଗ ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଭୀଷଣ ବର୍ଷା ସମ୍ଭାବନା ଥିବାରୁ ଉପକୂଳ ଓଡିଶାର ୭ ଜିଲ୍ଲାକୁ ରେଡ ଆଲର୍ଟ କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ରହିଛି ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ , ଯାଜପୁର ଏବଂ ଭଦ୍ରକସାମିଲ ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ୧୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ହାଇକୋର୍ଟରେ ଶପଥ ନେଲେ ୨ ନୂଆ ବିଚାରପତି

ଭୁବନେଶ୍ୱର,୧୩/୦୮ (ନି.ପ୍ର): ଓଡ଼ିଶା ହାଇକୋର୍ଟରେ ଦୁଇ ବିଚାରପତି ଶପଥ ନେଇଛନ୍ତି। ନୂଆ ବିଚାରପତି ଭାବେ ଜଷ୍ଟିସ ଗୌରୀ ଶଙ୍କର ଶତପଥୀ ଏବଂ ଜଷ୍ଟିସ ଚିତ ରଞ୍ଜନ ଦାସ ଶପଥ ନେଇଛନ୍ତି । ମୁଖ୍ୟ ବିଚାରପତି ଦୁଇ ନୂଆ ବିଚରପତିଙ୍କ ଶପଥ ପାଠ କରାଇଛନ୍ତି। ତେବେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି । ସୂଚନା ଥାଉକି ଦୁଇ ନୂଆ ବିଚରପତିଙ୍କୁ ଗତକାଲି ନିଯୁକ୍ତି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଦୁଇ ବରିଷ୍ଠ ଅଧିକାରୀଙ୍କୁ ହାଇକୋର୍ଟରେ ନିଯୁକ୍ତ କରାଯାଇଥିବା ଆଇନ୍ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶ ବିଜ୍ଞପ୍ତିରୁ ଜଣାଯାଇଥିଲା। ପୂର୍ବରୁ ଦୁଇ ଜୁଡ଼ିସିଆଲ ଅଫିସରଙ୍କୁ ବିଚାରପତି ଭାବେ ନିଯୁକ୍ତ କରିବାକୁ ସୁପାରିଶ କରାଯାଇଥିଲା। ସୁପ୍ରିମ୍ କୋର୍ଟ କଲେଜିୟମ ପକ୍ଷରୁ ନାମ ସୁପାରିଶ ହୋଇଥିବା ସୂଚନା ମିଳିଥିଲା । ଗୌରୀ ଶଙ୍କର ଶତପଥୀ ଓ ଚିତ ରଞ୍ଜନ ଦାସଙ୍କ ନାଁ ସୁପାରିଶ କରିଥିଲା କଲେଜିୟମ ।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରାଉରକେଲା ଷ୍ଟେସନରେ ହର ଘର ତ୍ରିରଙ୍ଗା ପ୍ରଦର୍ଶନୀକୁ ଉଦ୍‌ଘାଟନ କଲେ



ରାଉରକେଲା, ୧୩/୦୮ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦିନ ରାଉରକେଲା ଷ୍ଟେସନରେ ହର ଘର ତ୍ରିରଙ୍ଗା ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ନାୟକ, ଚକ୍ରଧରପୁଟ ଡିଆରଏମ ବିଜୟ ସାହୁ, ଅନ୍ୟ ବରିଷ୍ଠ ଅଧିକାରୀ ଓ ବିଜେପିର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନ୍ତର୍ଜାତୀୟ ହକି ଖେଳାଳି ଲାଜରୁସ ବାର୍ଲା, ପ୍ରଫେସର ଜେ କେ ରାଓ, ଅର୍ଜୁନ ସାହୁ, ସହିଦଙ୍କ ଭଉଣୀ ବିନୀତ ସଏ ଓ ସମାଜସେବୀ ହେମା ଏକ୍କାଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ହୀରାକୁଦର ୩୪ ଟି ଗେଟ୍ ଦେଇ ଜଳ ନିଷ୍କାସିତ



ଭୁବନେଶ୍ୱର,୧୩/୦୮ (ନି.ପ୍ର): ଗତ ୪ ଦିନ ଧରି ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ବୃଦ୍ଧି ପାଇଛି। ଜଳସ୍ତର ନିୟନ୍ତ୍ରଣରେ ରଖିବା ପାଇଁ ଆଜି ପୂର୍ବାହ୍ନ ପରଠାରୁ ବିଳମ୍ବିତ ସନ୍ଧ୍ୟା ଯାଏଁ ପର୍ଯ୍ୟାୟକ୍ରମେ ୧୪ଟି ଗେଟ୍ ଖୋଲାଯାଇଛି। ଶନିବାର ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ହୀରାକୁଦ ଡ୍ୟାମ୍ ରୁ ମୋଟ ୩୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଆବଶ୍ୟକ ପଡ଼ିଲେ ଆହୁରି ଗେଟ୍ ମଧ୍ୟ ଖୋଲାଯାଇପାରେ। ଅପରପକ୍ଷରେ ବର୍ଷା ବଢୁଥିବାରୁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଭଦ୍ରକ ଜିଲ୍ଲାର ଆଖୁଆପଦା ଠାରେ ବୈତରଣୀର ଜଳସ୍ତର ବିପଦ ସଂକେତ ଉପରେ ରହିଛି। ଏଠାରେ ବିପଦ କଙ୍କେତ ୧୮.୮୩ ରହିଥିବାବେଳେ ଏବେ ବିପଦ ସଂକେତ ଉପରେ ୧୮.୯୭ରେ ଜଳସ୍ତର ପ୍ରବାହିତ ହେଉଛି। ସେହିପରି ମଥାନି ଠାରେ ଜଳକା ନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି।

## ସଂକଟାପନ୍ନ ରହିଛି କମେଡିଆନ୍ ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥା



ନୂଆଦିଲ୍ଲୀ, ୧୩/୦୮ : ଲୋକପ୍ରିୟ ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସୁନାହିଁ । ଏନେଇ ଅଭିନେତାଙ୍କ ପରିବାର ତରଫରୁ ସ୍ପଷ୍ଟ କରାଯାଇଛି । ସେହିପରି ଚିକିତ୍ସା ର ରେସପଣ୍ଡ କରୁନଥିବା ନେଇ ହସ୍ପିଟାଲ ସୂତ୍ରରୁ କୁହାଯାଇଛି । ରାଜୁ ଶ୍ରୀବାସ୍ତବ ଗତ କିଛି ଦିନ ହେବ ହୃତଘାତ କାରଣରୁ ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ପଡିଛନ୍ତି । ପ୍ରତିଦିନ ପରି ଜିମରେ ବ୍ୟାୟାମ କରୁଥିବା ସମୟରେ ଗତ ବୁଧବାର ଅସୁସ୍ଥ ହୋଇପଡିଥିଲେ ରାଜୁ ଶ୍ରୀବାସ୍ତବ । ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ଆଣିବା ପାଇଁ ତାଙ୍କ ପରିଜନ ଏମ୍ସ ପାଖରେ ଥିବା ଗୁରୁଦ୍ୱାରକୁ ଯାଇ ପ୍ରାର୍ଥନା କରିଛନ୍ତି ଯାହାର ସୂଚନା ତାଙ୍କ ଭାଇ କାଜୁ ଶ୍ରୀବାସ୍ତବ ଦେଇଛନ୍ତି । ସେହିପରି ହାସ୍ୟ ଅଭିନେତାଙ୍କ ଶହ ଶହ ପ୍ରସଂସକ ମଧ ରାଜୁ ଶ୍ରୀବାସ୍ତବଙ୍କ ଶୀଘ୍ର ସ୍ୱସ୍ଥ୍ୟକାମନା କରିଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀଙ୍କ ସମେତ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ ଅଭିନେତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିବା ସହ ସବୁପ୍ରକାର ସୁବିଧା ଯୋଗାଇବାନେଇ ପ୍ରତିଶ୍ରୁତି ଦେଇଥିଲେ ।

## ନବରଙ୍ଗପୁରରେ ମକା ଚାଷ ପାଇଁ ମହାଭାରତ



ଭୁବନେଶ୍ୱର,୧୩/୦୮ (ନି.ପ୍ର): ମକା ପାଇଁ ମହାଭାରତ । ନବରଙ୍ଗପୁର ଜିଲ୍ଲାରୁ ଆସିଛି ଏଭଳି ସାଙ୍ଘାତିକ ଖବର । ହାତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଅନ୍ୟ ଏକ ଗୋଷ୍ଠୀର ଘର ପୋଡ଼ିବା ସହ ଏକର ଏକର ମକା ଚାଷ ନଷ୍ଟ କରିଦେଇଛନ୍ତି ଆଉ ଏକ ଗୋଷ୍ଠୀ । ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତର ୩ଟି ଗାଁର ପ୍ରାୟ ଶହେ ପରିବାର ଦୀର୍ଘ ୫୦ ବର୍ଷ ହେଲା ଜଙ୍ଗଲ ଜମିରେ ବସବାସ କରିବା ସହ ଚାଷ କରି ଜୀବିକା ନିର୍ବାହ କରି ଆସୁଛନ୍ତି । ୨୦୦୫ରୁ କୁସୁମଗୁଡା ବନ ସୁରକ୍ଷା ସମିତି ଏହି ତିନିଟି ଗାଁକୁ ଏଠାରୁ ହଟାଇବାକୁ ଦାବି କରିଆସୁଛି । ଯାହାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ମକା କ୍ଷେତରେ ଶହ ଶହ ଆଦିବାସୀ ନଷ୍ଟ କରୁଛନ୍ତି ଏକର ଏକର ମକା ଫସଲ । ଅମଳ ହେବା ପୂର୍ବରୁ ଉଜୁଡି ଯାଇଛି ସୁନାର ଫସଲ । ଆଉ ନିଜ ଆଖି ଆଗରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫଳାଇଥିବା ଫସଲ ଦେଖି ଲୁହ ଗଡାଉଛନ୍ତି ଶହେରୁ ଅଧିକ କନ୍ଧ ପରିବାର । କାନ୍ଦ ବୋବାଳିରେ ଫାଟି ପଡୁଛି ପୁରା ଗାଁ । କେବଳ ସେତିକି ନୁହେଁ ଆଦିବାସୀ ମାନେ ପୋଡି ଦେଇଛନ୍ତି ଜମି ନିକଟରେ ବସବାସ କରୁଥିବା କନ୍ଧ ସଂପ୍ରଦାୟର ଘର । ସବୁକିଛି ପୋଡି ପାଉଁଶ ହୋଇଯିବା ପରେ ନିଆଁରୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି ଘରକରଣା ସାମଗ୍ରୀ । ଏଭଳି କିଛି ଖବର ଆସିଛି ନବରଙ୍ଗପୁର ଜିଲ୍ଲା ଉମରକୋଟର କପାସଭଟା ଗ୍ରାମରୁ । ଜଙ୍ଗଲ ଜମି ଅଧିକାରକୁ ନେଇ ଏଠାରେ ସ୍ଥାନୀୟ ଆଦିବାସୀ ଓ କନ୍ଧ ସଂପ୍ରଦାୟ ଭିତରେ ବିବାଦ ବହୁ ଦିନରୁ ଲାଗି ରହିଛି । ପ୍ରତିବର୍ଷ ଅମଳ ସମୟରେ ଆଦିବାସୀ ମାନେ ଏକଜୁଟ ହୋଇ କନ୍ଧ ମାନଙ୍କର ଫସଲ ନଷ୍ଟ କରୁଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନ ନେବା ଯୋଗୁ ଏହି ପରିସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି । ବୁର୍ଜା ପଞ୍ଚାୟତର କପସାଭଟା, ସାରିୟାଭଟା ଓ ଲକଟିପଖନା ଗାଁରେ ୧୦୦ରୁ ଅଧିକ କନ୍ଧ ପରିବାର ବିଗତ ୫୦ ବର୍ଷ ଧରି ବସବାସ କରିବା ସହ ମକା ଚାଷ କରି ଜୀବିକା ନିର୍ବାହ କରିଆସୁଛନ୍ତି । କିନ୍ତୁ ଏମାନଙ୍କୁ ବିରୋଧ କରୁଛନ୍ତି ନିକଟରେ ଥିବା ଅନ୍ୟ ୮ ଗାଁର ଆଦିବାସୀ । କୁସୁମଗୁଡା ବନସୁରକ୍ଷା ସମିତି ଗଠନ କରି ଏହି କନ୍ଧ ଜନଜାତିର ଲୋକଙ୍କୁ ଏଠାରୁ ହଟାଇବା ପାଇଁ ଦାବି କରିଆସୁଛନ୍ତି ଆଉ ପ୍ରତିବର୍ଷ ନଷ୍ଟ କରିଦେଉଛନ୍ତି ଏକର ଏକର ଫସଲ । ଘଟଣା ଉଗ୍ରରୂପ ନେବା ପରେ ପୋଲିସ ଓ ପ୍ରଶାସନ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ କିନ୍ତୁ ଧ୍ୱଂସ ପାଇଯାଇଛି ସବୁକିଛି । ଆଦିବାସୀଙ୍କ ଏମିତି ସଂଘବଦ୍ଧ ଆକ୍ରମଣ ପରେ ଏବେ ଏହି ପରିବାର ଭୟଭୀତ ଅବସ୍ଥାରେ ଥିବା ବେଳେ, କିଭଳି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଅଛନ୍ତି ।

## ଅଗଷ୍ଟ ୧୫ରେ ଖୋଲା ରହିବ ନନ୍ଦନକାନନ




ଭୁବନେଶ୍ୱର,୧୩/୦୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୫ ତାରିଖରେ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନପ୍ରାଣୀ ଉଦ୍ୟାନ ଖୋଲା ରହିବ। ସୋମବାର ସତ୍ୱେ ସ୍ୱାଧୀନତା ଦିବସ ଥିବାରୁ ପର୍ଯ୍ୟଟକଙ୍କ ପାଇଁ ପ୍ରାଣୀ ଉଦ୍ୟାନ ଖୋଲା ରଖିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି। ଏହା ସହ ରାଜ୍ୟ ବଟାନିକାଲ ଗାର୍ଡେନ୍ ମଧ୍ୟ ୧୫ ତାରିଖରେ ଖୋଲା ରହିବ। ସୋମବାର ବଦଳରେ ୧୬ ତାରିଖ ମଙ୍ଗଳବାର ଦିନ ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ନନ୍ଦନକାନନ ଉପ ନିର୍ଦ୍ଦେଶକ ସଂଜିତ କୁମାର ଏହି ସୂଚନା ଦେଇଛନ୍ତି।

## ସଲମାନ ରୁସ୍‌ଦିଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ

ନୂଆଦିଲ୍ଲୀ, ୧୩/୦୮ : ନ୍ୟୁୟର୍କରେ ବୁକର ପୁରସ୍କାର ବିଜେତା ତଥା ଭାରତରେ ଜନ୍ମିତ ଔପନାସିକ ସଲମାନଙ୍କ ରୁସଦିଙ୍କୁ ଆକ୍ରମଣ ପରେ ହସ୍ପିଟାଲରେ ଚିକିତ୍ସା ଚାଲିଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ବଡ ଖବର ସାମ୍ନାକୁ ଆସିଛି । ସଲମାନ ରସ୍‌ଦିଙ୍କ ବହି ଏଜେଂଟ ଆଣ୍ଡ୍ରୁ ୱାଲି କହିଛନ୍ତି, ଛୁରି ମାଡରେ ତାଙ୍କ ବେକ ଓ ତଳିପେଟରେ ଗଭୀର ଆଘାତ ହାଇଛି । ଭେଂଟିଲେଟରରେ ଚିକିତ୍ସିତ ହେଉଥିବା ସଲମାନ ରୁସଦି କଥା କହି ପାରୁନାହାନ୍ତି । ଛୁରାମାଡରେ ତାଙ୍କର ଗୋଟିଏ ଲିଭର କ୍ଷତିଗ୍ରସ୍ତ ହୋଇଛି ଓ ରୁସଦି ଗୋଟିଏ ଆଖି ହରାଇ ପାରନ୍ତି ବୋଲି ସୂଚନା ମିଳିଛି । ପଶ୍ଚିମ ନ୍ୟୁୟର୍କରେ ଏକ ସଭାରେ ସଲମାନ ରସଦିଙ୍କୁ ଆକ୍ରମଣ ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଏୟାରଲିଫ୍ଟ କରାଯାଇ ହସ୍ପିଟାଲ ନିଆଯାଇଥିଲା । ହସ୍ପିଟାଲରେ ସର୍ଜରି କରିବା ପରେ ଏବେ ଭେଂଟିଲେଟରରେ ରଖି ଚିକିତ୍ସା କରାଯାଉଛି । ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ▶▶ପୃଷ୍ଠା ୭

# ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସରେ ତମାଖୁସେବନ ନିଷିଦ୍ଧ ହେବ

ପୁରୀ,୧୩/୦୮ (ନି.ପ୍ର): ଏଣିକି ଶିକ୍ଷାନୁଷ୍ଠାନ ଓ ସରକାରୀ ଦପ୍ତର ରେ ତମାଖୁ ବ୍ୟବହାର ଉପରେ ରୋକ୍ ଲଗାଯିବା ସହ ତମାଖୁ ବ୍ୟବହାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବାପାଇଁ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ମିଟିଂରେ ନିଷ୍ପତି ହୋଇଛି । ଆଜି ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଯୁବଗୋଷ୍ଠୀଙ୍କୁ ତମାଖୁ ମୁକ୍ତ କରିବା ପାଇଁ ଚଳିତ ବର୍ଷ ଜିଲ୍ଲାର ୨୭ଟି କଲେଜ ଓ ୧୫ଟି ସ୍କୁଲରେ ସ୍ୱତନ୍ତ୍ର ସଚେତନତା ଶିବିର ଅନୁଷ୍ଠିତ ହେବା ସହ ଶିକ୍ଷାନୁଷ୍ଠାନର ୧୦୦ମିଟର ପରିଧି ଭିତରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ତମାଖୁ ବିକ୍ରୀ ସଂପୂର୍ଣ୍ଣ ନିଷେଧ କରାଯିବାର ନିଷ୍ପତି ନିଆଯାଇଛି । ଏଥିସହ ପୁଲିସ ଓ ବିଭିନ୍ନ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଂଚଳରେ ନିୟମିତ ଭାବେ ମିଳିତ ଚଢ଼ଉ କରାଯିବାକୁ ସ୍ଥିର ହୋଇଛି । ସେହିପରି କ୍ୟାନସର ଚିହ୍ନଟ ପାଇଁ ବ୍ଲକସ୍ତରୀୟ ଶିବିର, ବାଇଓସ୍ପି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପୁରୀରେ ଅଂକୋଲଜି ବିଭାଗ ଖୋଲିବା ପାଇଁ ସରକାରଙ୍କୁ ପଦକ୍ଷେପ ନେବା ନିମନ୍ତେ ବୈଠକରେ ନିବେଦନ ରଖାଯାଇଛି ।

ଡିଏଲସିସିର ସଂଯୋଜନା ଅଧିକାରୀ ଡକ୍ଟର ସୁଶାନ୍ତ କୁମାର ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଡ଼ାକ୍ତର ବିରଜା ରଥ, ଡାକ୍ତର ଯଶସ୍ୱୀ ଦାସ, ସମାଜସେବୀ ବଦ୍ରି ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର, ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ମିଶନ ଓଡ଼ିଶା ର ବରିଷ୍ଠ ସଦସ୍ୟ ମଧୁସୂଦନ ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତ୍ୟୁଷ ରଂଜନ ତାରେଣିଆ ଓ ବେଦଶ୍ରୀ ସାହୁ, ଡ୍ରଗ ଇନ୍ସପେକ୍ଟର ଅଂଜନ ସାହୁ, ଡିଏସପି ହେମନ୍ତ ଶ୍ରୀ କୁମାର ପଣ୍ଡା, ଅବକାରୀ ଇନ୍ସପେକ୍ଟର ମାନସୀ ସାହୁ, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ଡାକ୍ତର ଅର୍ଦ୍ଧେନ୍ଦୁ ଶେଖର ମିଶ୍ର, ଆରତୀ ସାହୁ ଓ ଜାତୀୟ ସେବା ସଂସ୍ଥାର ଡକ୍ଟର ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

# ବଣ୍ଡା ଘାଟିରେ କେବେ ପହଞ୍ଚିବ ବିଶୁଦ୍ଧ ପାନୀୟ ଜଳ ?

ମାଲକାନଗିରି,୧୩/୦୮ (ନି.ପ୍ର): ବଣ୍ଡାଘାଟିରେ ଜଳ ଯନ୍ତ୍ରଣା । ପିଇବା ପାଇଁ ଟୋପାଏ ପାଣି ପାଇଁ ଲୋକେ ତହଲ ବିକଳ ହେଉଛନ୍ତି ବଣ୍ଡା ଜନଜାତି । ଉପଯୁକ୍ତ ପାନୀୟ ଜଳର ଅଭାବ ଯୋଗୁ ଲୋକେ ଝରଣା ପାଣି ପିଇ ଶୋଷ ମେଣ୍ଟାଉଛନ୍ତି । କାଶିପୁର ଓ ଦଶମନ୍ତପୁର ଭଳି ଅଞ୍ଚଳରେ ଦୂଷିତ ପାଣି ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟକ୍ରାନ୍ତ ହୋଇଥିବା ବେଳେ ବଣ୍ଡାଘାଟିରେ ଦୂଷିତ ପାଣି ବିପଦକୁ ଆମନ୍ତ୍ରଣ କରିବା ଆଶଙ୍କା ରହିଛି ରାଜ୍ୟ ସରକାର ବିକାଶ ର ଯେଉଁ ନାରାବାଜି ଦେଉଛନ୍ତି ବିକାଶ କେତେ ହୋଇଛି ତାହା ଆପଣ ମାନେ ଦେଖିଲେ ଜାଣିପାରିବେ । ସ୍ୱାଧୀନତାର ସାତ ଦଶନ୍ଧି ବିତି ଯାଇଥିଲେ ମଧ ବଣ୍ଡା ଘାଟିରେ ବିକାଶ ହୋଇପାରିନାହିଁ । ବିକାଶ କେବଳ କାଗଜ କଲମରେ ରହିଯାଇଛି । କିନ୍ତୁ ରାଜ୍ୟ ସରକାର ବିକାଶର ଡିଣ୍ଡିମା ପିଟୁଛନ୍ତି । ଆଜି ପର୍ଯ୍ୟନ୍ତ ବିକାଶ ଚଡି ପାରୁନାହିଁ ଘାଟି । ଯାହା ଫଳରେ ଅଟକି ଅଧା ବାଟରେ ଅଟକି ଯାଇଛି ମୌଳିକ ସୁବିଧା । ସମୁଦ୍ର ପତନ ଠାରୁ ପ୍ରାୟ ପାଞ୍ଚ ହଜାର ଫୁଟର ରହିଛି ବଣ୍ଡା ଘାଟି । ବଣ୍ଡା ଘାଟିରେ ରହିଛି ଦୁଇଟି ପଞ୍ଚାୟତ । ଯଥା ମୁଦୁ ଲିପଡ଼ା ଓ ଅଣ୍ଡରାହାଲ । ଏହି ଦୁଇଟି ପଞ୍ଚାୟତରେ ରହିଛି ୩୨ ଟି ଗ୍ରାମ । ବାର ହଜାରରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି । ଦୁଇଟି ପଞ୍ଚାୟତର ବିକାଶ ପାଇଁ ରାଜ୍ୟ ସରକର ଏବଂ କେନ୍ଦ୍ର ସରକାରଙ୍କ ଠାରୁ କୋଟି କୋଟି ଟଙ୍କା ଅନୁଦାନ ଆସୁଛି । କିନ୍ତୁ ଏହି ଟଙ୍କା ସଠିକ ଭାବରେ କାର୍ଯ୍ୟକାରୀ କରାଯାଉନାହିଁ । ଯାହା ଫଳରେ ବିକାଶ ହୋଇପାରୁନାହିଁ । ଲୋକେ ଏବେ ବି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ବର୍ଷ ବର୍ଷ ଧରି ବଣ୍ଡା ଜନଜାତି ଝରଣା ପାଣି ନିର୍ଭର କରି ଆସୁଛନ୍ତି ।ଖରା ହେଉ ବା ବର୍ଷା ସବୁ ସମୟରେ ଝରଣା ପାଣି ପିଉଛନ୍ତି । ବର୍ଷା ଦିନରେ ଝରଣା ପାଣି ଦୂଷିତ ହେଲେ ମଧ କୌଣସି ବିକଳ୍ପ ନାହିଁ । ଦୂଷିତ ପାଣି ପିଉଥିବା ହେତୁ ନାନା ପ୍ରକାର ରୋଗରେ ଶିକାର ହେଉଛନ୍ତି । କିନ୍ତୁ ଏତିପ୍ରତି ପ୍ରଶାସନର ଦୃଷ୍ଟି ନାହିଁ । କେତେକ ଗ୍ରାମରେ ନାମକୁ ମାତ୍ର ଗୋଟିଏ ଦୁଇଟି ନଳକୂପ ତିଆରି କରାଯାଇଛି । କିନ୍ତୁ ତାହା ଲୋକଙ୍କ କାମରେ ଆସୁନାହିଁ । ଏମିତି କେତେକ ଅଞ୍ଚଳ ଅଛି ଯେଉଁଠାରେ କି ଗୋଟିଏ ହେଲେ ମଧ ନଳକୂପ ନାହିଁ । ବର୍ଷ ବର୍ଷ ଧରି ଝରଣା ପାଣିରେ ମେଣ୍ଟୁଛି ଶୋଷ । ପ୍ରଶାସନ ବଣ୍ଡା ଜନଜାତିଙ୍କୁ କେବେ ବିଶୁଦ୍ଧ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରୁଛି ତାହା ଦେଖିବାକୁ ରହିଲା ।

# ଉତ୍କଳ ସମ୍ମିଳନୀ, ମାଲକାନଗିରି ଦ୍ୱାରା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

ମାଲକାନଗିରି,୧୩/୦୮ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ସଭାଗୃହ ଠାରେ ସ୍ୱଭା୍ୱ କବି ଗଙ୍ଗାଧର ମେହେରଙ୍କ ୧୬୧ ତମ ଜୟନ୍ତୀ ପାଳନ ହୋଇଯାଇଛି । ଉକ୍ତ ଉତ୍ସବରେ ଉତ୍କଳ ସମ୍ମିଳନୀ, ମାଲକାନଗିରି ଜିଲ୍ଲା ଶାଖାର ସଭାପତି ତଥା ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଅଧାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସମ୍ମଳନୀର ପୂର୍ବତନ ସଭାପତି ତଥା ବରିଷ୍ଠ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ତଥା ସମ୍ମଳନୀର ଉପସଭାପତି ତପନ କୁମାର ବେହେରା ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ଏବିଇଓ ରବିନ୍ଦ୍ର କୁମାର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମଂଚାସୀନ ଅତିଥି ମାନେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଜୀବନର ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିବା ବେଳେ ମୁଖ୍ୟବକ୍ତା କବିଙ୍କର କାଳଜୟୀ ରଚନା ତପସ୍ୱିନୀ, ଇନ୍ଦୁମତୀ ଓ କୀଚକ ବଧ କାବ୍ୟ ଉପରେ ବିଶ୍ଳେଷଣକ୍ଷମ୍ଭକ ଆଲୋଚନା କରିଥିଲେ । ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେନାପତି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ଅଧାପକ ଉମେଶ ଚନ୍ଦ୍ର ରାଉତ ,ପ୍ରଦୀପ ଓରାମ, ଡ଼ି. ଆଶିଷ ରାଠୋର ଅଧାପିକା ପ୍ରେମରେଖା ଭଦ୍ରା,ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ,ବିଚିତ୍ରା ନନ୍ଦ ରାଉତ, ପ୍ରକାଶ ଚନ୍ଦ୍ର ନାୟକ ,ବେଣୁପାଣି ଖାଡଙ୍ଗା, ବାଲରାଜୁ ପାଢ଼ୀ ,ଅଙ୍ଗୁରବାଳ ସ୍ୱାଇଁ ,ସଂଜ୍ଞାଶ୍ରୀ ଲେଙ୍କା, ରଞ୍ଜିତ ନାୟକ,ଶ୍ରୀଧର ସାହୁ ,ଖଗେଶ୍ୱର ସାହୁ, ନିର୍ମଳ ଖିଲ, ସୀତା ପଢ଼ିଆମୀ, ରଶ୍ମିତା ମାଡକାମୀ,ମାଧବ ମାଡ଼ି, କୃଷ୍ଣ କବାସୀ ପ୍ରମୁଖ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଜୟନ୍ତୀ ଉତ୍ସବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବାଲିଗୁଡାରେ ଷ୍ଟେଟବ୍ୟାଙ୍କର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କନ୍ଧମାଳ ,୧୩/୦୮ (ନି.ପ୍ର): ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେଶ ପାଳୁଛି "ଆଜାଦୀ କା ଅମୃତ୍ ମହୋତ୍ସବ" । ଏହି ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିଗୁଡ଼ା ମୁଖ୍ୟ ଶାଖା ପରିଚାଳକ ନିଳକଣ୍ଠ ବେହେରାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବାଲିଗୁଡ଼ା ମୁଖ୍ୟ ଶାଖା ସମେତ ବଜାର ଶାଖା, ବାରଖମା ଶାଖା ଓ କ.ନୂଆଗାଁ ଶାଖାର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସମସ୍ତ କର୍ମଚାରୀ ବାଲିଗୁଡ଼ା ମୁଖ୍ୟ ଶାଖା ସମ୍ମୁଖରୁ ହାତରେ ତ୍ରିରଙ୍ଗା ଧରି ସ୍ଲୋଗାନ୍ ମାନ ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଏହାପରେ ଚଳିତ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବା ସହ ଭାରତ ମା' ର ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାଖା ପରିଚାଳକ ନିଳକଣ୍ଠ ବେହେରା ଏହି କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସହ ଜଣେ ଭାରତୀୟ ନାଗରିକ ଭାବେ ନିଜକୁ ଗର୍ବ ଓ ଗୌରବ ଅନୁଭବ କରିବାକୁ ଆହ୍ୱାନ୍ ଦେଇଥିଲେ ।

## ଚୋରି ବ୍ୟାଟେରି ଜବତ: ଜଣେ ଗିରଫ

ଜୟପୁର,୧୩/୦୮ (ନି.ପ୍ର): ଜୟପୁର ଗାଗନାପୁର ଠାରେ ଥିବା ଏମଇଆରପିଏଲ ପେପର ମିଲ ରୁ ବ୍ୟାଟେରି ଚୋରି ମାମଲାରେ ସଦର ପୋଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗାଗନାପୁରର ବାବୁଲି ଡଙ୍ଗରି । ପୋଲିସର ସୂଚନା ଅନୁଯାୟୀ ଏମଇଆରପିଏଲ ପେପର ମିଲ ରୁ ୨୪ ଭୋଲଟର ବ୍ୟାଟେରି ଚୋରି ହୋଇଥିବା ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ଅଭିଯୁକ୍ତ ବାବୁଲି ଡଙ୍ଗରିକୁ ଗିରଫ କରି ଚୋରି ବ୍ୟାଟେରିକୁ ଜବତ କରିଛି । ଚୋରି ବ୍ୟାଟେରିର ମୂଲ୍ୟ ୧୪ ହଜାର ଟଙ୍କା ହେବ । ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରିଯାଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଡ୍ରାଇଭରକୁ ମାଡ ମାରି ଟଙ୍କା ଓ ମୋବାଇଲ ଲୁଟ୍ ମାମଲା : ୨ ଗିରଫ

ଜୟପୁର,୧୩/୦୮ (ନି.ପ୍ର): ଟ୍ରକ ର ୨ ଡ୍ରାଇଭରଙ୍କୁ ମାଡ ମାରି ଟଙ୍କା ଓ ମୋବାଇଲ ଲୁଟ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ପୋଲିସର ସୂଚନା ଅନୁଯାୟୀ, ଡ୍ରାଇଭର ମହାସଂଘର ସଦସ୍ୟ ଧନୁ ବେହେରା ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ନବରଙ୍ଗପୁର ଜିଲା ଉମରକୋଟରୁ ଟାଟାର ଏକ ଟ୍ରକ ନମ୍ବର ଓଡି୧୦ଇ-୧୦୫୨ ବିଶାଖାପାଟଣାକୁ ମାଛ ଆଣିବାକୁ ୨ ଜଣ ଡ୍ରାଇଭର ଯାଉଥିବା ବେଳେ ଜୟପୁର ସଦର ଥାନା ଅନ୍ତର୍ଗତ ଡିମଳା ଛକ ନିକଟରେ ୨ ଜଣ ଯୁବକ ଏକ ବାଇକ ଯୋଗେ ଆସି ସେହି ଟ୍ରକକୁ ଅଟକାଇ ୨ ଜଣ ଡ୍ରାଇଭର କୁମାର ଏଲିୟସ ଉମକ ଦାସ ମଣ୍ଡଳ ଓ ଧନୁର୍ଜୟ ଗୌଡଙ୍କୁ ମାରପିଟ କରିଥିଲେ । କୁମାରେସ ମଣ୍ଡଳ ଠାରେ ଥିବା ୧୫ ହଜାର ଟଙ୍କା ଲୁଟ କରିନେଇଥିଲେ । ୨ଟି ମୋବାଇଲ ମଧ ଲୁଟ କରିଥିବା ଅଭିଯୋଗ ହୋଇଛି । ପରେ ଗ୍ରାମବାସୀ ମାନେ ଏକାଠି ହୋଇ ଜଣେ ଅଭିଯୁକ୍ତ ରାଜେନ୍ଦ୍ର ସାହୁକୁ କାବୁ କରିବାରେ ସଫଳ ହୋଇଥିଲେ । ଏନେଇ ଅଭିଯୋଗ ପାଇ ସଦର ପୋଲିସ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ରାଜୁ ସାହିର ରାଜେନ୍ଦ୍ର ସାହୁ ଓ ଧୋବା ସାହିର ଗୁରୁ ନାୟକ । ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି । ଅଭିଯୁକ୍ତ ତଳେ ପଡି ଯାଇଥିବାରୁ ମୁଣ୍ଡ ଓ ଦେହରେ ମାଡ ବାଜିଥିଲା । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା । ଗିରଫ ୨ ଅଭିଯୁକ୍ତଙ୍କ ଠାରୁ ୨ଟି ମୋବାଇଲ, ବାଇକକୁ ଜବତ କରାଯାଇ ଥିବା ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଜୟନ୍ତୀ ପାଳିତ

ସୁବର୍ଣ୍ଣପୁର,୧୩/୦୮ (ନି.ପ୍ର): ଶ୍ରାବଣ ପୂର୍ଣ୍ଣିମା ଅବସରେର ଜିଲ୍ଲା ସଂସ୍କୃତି ଭବନଠାେର ମହାନଦୀ ସାହିତ୍ୟ ସଂସଦ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟେର ସ୍ୱଭାବ କରି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରେର ସଂସ୍କୃତି ଗେବଷକ ମେହେର ସାହିତ୍ୟର ପ୍ରଗଲ୍ଭ ବକ୍ତା ଡାକ୍ତର କୃଷ୍ଣ କେଶବ ଷଡଙ୍ଗୀ ମୁଖ୍ୟ ଅତିଥି ଭଵେ ଯୋଗ ଦେଇ କବିଙ୍କ ବିଭିନ୍ନ କାବ୍ୟ ଉପେର ସାର ଗଭର୍କ ଅାେଲାଚନା କରିଥେ୍ଲ । ସୁବର୍ଣ୍ଣପୁର୍ରର ଇଷ୍ଟେଦବୀ ମା ସୁରେଶ୍ୱରୀ, ପ୍ରଭୁ ସୁବର୍ଣ୍ଣମେ୍ରୁ, ଲେଙ୍କଶ୍ୱରୀ ଗଣ୍ଡ, ପାପକ୍ଷୟ ଘାଟ, ବିନିକାର ଲୁଗା ତଥା ମହାନଦୀ ଆଦିକୁ ଅତି ସୁନ୍ଦର ଢଙ୍ଗେର ନିଜ କାବ୍ୟେର ଚିତ୍ରଣ କରିଛନ୍ତି ସ୍ୱଭାବ କବି ଗଙ୍ଗାଧର ମେହର । ସେ ଥେ୍ଲ ପ୍ରକୃତିର ଉପାସକ । ପ୍ରକୃତିର ପ୍ରେତ୍ୟକ ଦୃଶ୍ୟରାଜିକୁ ଅତି ତିଖ୍ ?ଣ ନଜରେର ଦେଖି ନିଖୁଣ ଭଵେ ବର୍ଣ୍ଣନା କରିବାେର ସେ ସିଦ୍ଧହସ୍ତ ଥେ୍ଲ ବୋଲି ଡାକ୍ତର କୃଷ୍ଣ କେଶବ ଷଡଙ୍ଗୀ କହିଛନ୍ତି । ବିଭିନ୍ନ ଗ୍ରନ୍ଥରାଜରେ କିଭଳି ସୁବର୍ଣ୍ଣପୁର୍ର ମାଟିକୁ କବି ଗଙ୍ଗାଧର ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥେ୍ଲ ତାର ଅବତାରଣା କରି କବିଙ୍କ ବିଭିନ୍ନ ଲେଖନୀର ଉଦାହରଣ ଦେଇ ଦୀର୍ଘ ଏକ ଘଣ୍ଟା ଯାଏଁ ସେ ଅଭିଭାଷଣ ରଖିଥେ୍ଲ । ନିଜର ବକ୍ତବ୍ୟ ମାଧମେର ହଜାର ହଜାର ଲୋକଙ୍କୁ ବହୁ ସମୟ ଯାଏଁ ସେ ବାନ୍ଧି ରଖି ପାରିଥେ୍ଲ । ଏହି ସମାରୋହେର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭଵେ ଯୋଗ ଦେଇଥେ୍ଲ । ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାେର ଅନୁଷ୍ଠିତ ଜୟନ୍ତୀ ସଭାେର ସଂପାଦକ ଡଃ ସୌରଭ ରଞ୍ଜନ ଖମାରୀ ସଂେଯାଜନା କରିଥିବା ବେଳ ଉପସଭାପତି ଡଃ ପୁରେୁଷାତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥେ୍ଲ । ସହସଂପାଦକ ଲକ୍ଷ୍ମୀନାରାୟଣ ସାହୁ ଧନ୍ୟବାଦ ଦେଇଥେ୍ଲ । ପ୍ରଭୁଦଲ ରଥ, ବେଣୁଧର ପ୍ରଧାନ, ଧରଣୀଧର ମିଶ୍ର, ବିଘ୍ନରାଜ ପଣ୍ଡା, ମେନାଜ ବାରିକ, ବନମାଳି ପଣ୍ଡା, ବ୍ରତାନନ୍ଦ ଭୋଇ, ଦେବଦତ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଅାେୟାଜନେର ସେହଯାଗ କରିଥେ୍ଲ । ଆତ୍ତର୍ତ୍ରାଣ ବାବୁ, ଡଃ ସେନ୍ତାଷ ପାଢୀ, ସୀତାଂଶୁ ଶେଖର ମିଶ୍ର, ଡଃ ଦେବାଶିଷ ପାଣ୍ଡିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥେ୍ଲ ।

## ନାଗରିକ କମିଟି ପକ୍ଷରୁ ତ୍ରିରଙ୍ଗା ପତାକା ବଂଟନ

ବଲାଙ୍ଗୀର,୧୩/୦୮ (ନି.ପ୍ର): ଆଜି ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାନୀୟ ସାଗରପଡ଼ା ଓ ଇଛାପଡ଼ା ଠାରେ ଘରକୁ ଘର ତ୍ରିରଙ୍ଗା ଅଭିଯାନ ଉପଲକ୍ଷେ ଜାତୀୟ ପତାକା ବଂଟନ କରାଯାଇଛି । ପ୍ରଥମେ କମିଟିର ଉପଦେଷ୍ଟା ଡ. ଲକ୍ଷ୍ମୀକାନ୍ତ ମହାପାତ୍ର ଛୋଟ ଶିଶୁମାନଙ୍କୁ ପତାକା ବଂଟନ କରି ଆଜିର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଘରକୁ ଘର ଯାଇ ପରିବାରଙ୍କୁ ଜାତୀୟ ପତାକା ଓ ସ୍ୱାଧୀନତା ଦିବସର ମହତ୍ୱ ଉପରେ ସଭ୍ୟମାନେ ବୁଝାଇ ଥିଲେ । କାର୍ଯ୍ୟକ୍ରମରେ ସଭାପତି ବେଲାର ସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଂଜନ ସାହୁ, ସହ ସମ୍ପାଦକ ଚକ୍ରପାଣି ଦାଶ, କୋଷାଧକ୍ଷ ଗଜେନ୍ଦ୍ର ଭ୍ରମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ବ୍ରଜରାଜ ପୁରୋହିତ, ପ୍ରଫେସର ଶୁଭେନ୍ଦ୍ର ତ୍ରିପାଠୀ, ପୀତବାସ ପଣ୍ଡା, ନବୀନ କୁମାର ନାୟକ, ଗୋବିନ୍ଦଚନ୍ଦ୍ର ମିଶ୍ର, ହରେକୃଷ୍ଣ ପଟେଲ, ସଲିମ ଖାନ, ରାଧାକାନ୍ତ ମହାପାତ୍ର ଓ ଆୟୁଷ ଅବିସ୍ୱାଥ ନାଥ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଜଙ୍ଗଲ ରହିଲେ ହାତୀ ରହିବେ

ବଲାଙ୍ଗୀର,୧୩/୦୮ (ନି.ପ୍ର): ସାମ୍ବାଦିକ ଭବନ ବଲାଙ୍ଗୀର ଠାରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ବିଶ୍ୱ ହାତୀ ଦିବସ ପାଳନ ହୋଇଯାଇଛି । ହାତୀ ଏକ ଐତିହାସିକ ପ୍ରାଣୀ । ଏହା ସୁରକ୍ଷା ଜରୁରୀ ନଚେତ ଯେଉଁଭଳି ଭାବରେ ହାତୀ ଶିକାର ବା ମୃତ୍ୟୁ ବଢ଼ିଚାଲିଛି । ଆଗାମୀ ଦଶନ୍ଧିରେ ଏମାନଙ୍କୁ ଆଉ ଦେଖିବା ମିଳିବା କଷ୍ଟକର ହୋଇପଡ଼ିବ । ବିଶେଷ କରି ରାଜ୍ୟରେ ବଢୁଥିବା ହାତୀ ଶିକାରକୁ ରୋକାଯିବା ସହ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ବିଭାଗୀୟ ଅବହେଳା ପ୍ରଦର୍ଶନ କରୁଥିବାରୁ ଅଧିକାରୀ ଏବଂ କର୍ମଚାରୀ ଦୃଷ୍ଟାନ୍ତ ମୂଳକ ବ୍ୟବସ୍ଥା କରିବା କଥା । ହାତୀ ସୁରକ୍ଷା ପାଇଁ ଜଙ୍ଗଲ ସୁରକ୍ଷା ନରହିଲେ ହାତୀ ସୁରକ୍ଷା ହୋଇପାରିବ ନାହିଁ ବୋଲି ମତପ୍ରକାଶ ପାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପରିଚାଳନା କରିଥିଲେ ବିଭୁ କଲ୍ୟାଣ ଗଡ଼ତ୍ୟା, ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଡିଏଫ୍‌ଓ ନିତିଶ କୁମାର, ମୁଖ୍ୟବକ୍ତା ବିରେନ୍ଦ୍ର ବନଛୋର, ବନ୍ୟପ୍ରାଣୀ ତତ୍ୱାବଧାରକ ସଭ୍ୟ ସୁଧିର ମିଶ୍ର, ବିଜୁ ପଟ୍ଟନାୟକ ବନ୍ୟ ପ୍ରାଣ୍ୟ ସୁରକ୍ଷା ପରସ୍କାର ପ୍ରାପ୍ତ ସତ୍ୟସୁନ୍ଦର ଭଞ୍ଜ, ପ୍ରେସ କ୍ଲବ ସଭାପତି ଅରୁଣ କୁମାର ସାହୁ, ଜଙ୍ଗଲ ସୁରକ୍ଷା କମିଟିର ସଭାପତି କୁଳମଣି ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସନାତନ ଠାକୁର, ନାଗରିକ କମିଟି ମନରଞ୍ଜନ ପୁରୋହିତ, ଶମ୍ଭୁ ଶତପଥି, ରାମ ନାରାୟଣ ଦାଶ, ମୀନ କେତେନ ଡାଙ୍ଗ, ବିନୋଦ କାଲସାଏ, ରାଜିବ ଷଡଙ୍ଗି, ପ୍ରଶାନ୍ତ ମହାକୁର, ଅଷ୍ଟମୀ ବଗର୍ତି, ଜୟରାମ ମିଶ୍ର, ମନୋରଂଜନ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଓସ୍ତପୁର କୃଷି ସମବାୟ ସମିତିରେ ସାର ଅଭାବ

କେନ୍ଦ୍ରାପଡ଼ା,୧୩/୦୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ସାର ଅଭାବ ଥିବାର ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କୃଷି ଉପ ନିର୍ଦ୍ଦେଶକଙ୍କ ନିକଟରେ ତୁରନ୍ତ ସାର ଯୋଗାଇବା ପାଇଁ ଦାବି କରିଛନ୍ତି । ଏହି ସୋସାଇଟି ଅଧିନରେ ୨ଟି ପଂଚାୟତର ହଜାର ହଜାର ଚାଷୀ ଚାଷ ଉପରେ ନିର୍ଭର କରି ଚାଷ କରୁଥିବା ସମୟରେ ସେମାନଙ୍କୁ ୟୁରିଆ ଓ ଡିଏପି ସାର ଅଭାବ ଥିବାରୁ ଚାଷୀମାନଙ୍କୁ ଯୋଗାଇବା ସମ୍ଭବ ହେଉନାହିଁ । ଯାହାଦ୍ୱାରା ଚାଷୀମାନେ ବାରମ୍ବାର ସମିତିକୁ ଆସି ନିରାଶ ହୋଇ ଫେରିବା ସହିତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିକୁ ସାର ଯୋଗାଇବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭୁବନ,୧୩/୦୮ (ନି.ପ୍ର): ଭୁବନ ଏନ୍ଏସି ତରଫରୁ ୭୫ ତମ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ଆଜି ଅପରାହ୍ନରେ ଏନଏସି ସଭାଗୃହ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅଧକ୍ଷତା କରି କହିଥିଲେ ଯେ , ଦେଶ ସ୍ୱାଧିନତାର ୭୫ ବର୍ଷ ପାଳନ ଆମ ପାଇଁଗର୍ବ ଓ ଗୌରବର ବିଷୟ । ଏହାକୁ ସ୍ମରଣୀୟ କରିବାକୁ ପ୍ରତ୍ୟେକ ବ୍ୟକ୍ତି ଏହି ମହାନ ଉତ୍ସବରେ ସାମିଲ ହେବା କଥା । କାଉନସିଲର, ବିଭିନ୍ନ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ବଣିକ ସଂଘ କର୍ମକର୍ତା, ଗଣମାଧମ ପ୍ରତିନିଧିମାନେ ଏହି ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ନଗରପାଳ ଶ୍ରୀ ସାହୁ ସୂଚନା ଦେଇ କହିଥିଲେ ଯେ , ଅଗଷ୍ଟ ୧୫ ତାରିଖ ସକାଳ ୬ ଘଟିକା ସମୟରେ ପ୍ରଭାତଫେରି ଓ ରାମଧୁନ, ୭ ଘଟିକା ସମୟରେ ନିଜ ନିଜ ଅନୁଷ୍ଠାନରେ ଜାତୀୟ ପତାକା ଉତୋଳନ, ସକାଳ ୮ ଘଟିକାରେ ଏନଏସି କାର୍ଯ୍ୟାଳୟରେ ପତାକା ଉତୋଳନ, ୮.୩୦ରେ କାଳୀବଜାର ସ୍ଥିତ ସହିଦ ବାଜିରାଉତଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ ଓ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଂଟନ । ସକାଳ ୯ ଘଟିକା ସମୟରେ ନୂଆବଜାର(ବସଷ୍ଟାଣ୍ଡ) ଠାରେ ଏନଏସି ତରଫରୁ ୭୫ ତମ ସ୍ୱାଧିନତା ଦିବସ ପାଳନ କରାଯିବ । ସରକାରଙ୍କ ବାରଣ ଯୋଗୁଁ ପ୍ୟାରେଡ ହେବନାହିଁ । ପରେ ତ୍ରିରଙ୍ଗା ଯାତ୍ରା ସହର ପରିକ୍ରମା କରିବ । ଏହି ବୈଠକରେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ଆସନ୍ତାକାଲି ଏନଏସି କାର୍ଯ୍ୟାଳୟରେ ବିନାମୂଲ୍ୟରେ ଜାତୀୟ ପତାକା ବଂଟନ କରାଯିବ ବୋଲି ସୂଚନା ଦିଆଯାଇଥିଲା ।

# ଫେରାର୍ ୫ ଅଭିଯୁକ୍ତ ଗିରଫ

ଜୟପୁର,୧୩/୦୮ (ନି.ପ୍ର): ଜୟପୁର ଟାଉନ ପୋଲିସ ଫେରାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୌତମ ନଗରର ଗୌରି ଶଙ୍କର ତ୍ରିପାଠୀ, କୁନ୍ଦାରିଗୁଡାର ଟି .କ୍ରୀଷ୍ଟା, ଗୋପବନ୍ଧୁ ନଗରର ଟି. କାଳିଆ. ଇରିଗେସନ କୋଲନିର ଜୟ ହରିଜନ ଓ ଦଶମନ୍ତପୁର ଥାନା ଅନ୍ତର୍ଗତ ଧର୍ମଗୁଡାର ମନୋଜ ବିଷୋୟୀ । ବର୍ତମାନ ଜୟପୁର ଗାଙ୍ଗୁରାମ ହୋଟେଲ ପଛ ପଟେ ରହୁଥିବା ବେଳେ ଏମାନଙ୍କୁ ପୋଲିସ ଗିରଫ କରିଛି । ପୋଲିସର ସୂଚନା ଅନୁଯାୟୀ, ଏମାନଙ୍କ ନାମରେ ଅପରାଧିକ ମାମଲା ରହିଥିଲା । ଅଭିଯୁକ୍ତ ଗୌରିଶଙ୍କର ତ୍ରିପାଠି ନାମରେ ୨୦୧୭ ରେ ମାମଲା ରହିଥିବା ବେଳେ ଟି. କ୍ରିଷ୍ଟା ଓ ଟି. କାଳିଆ ନାମରେ ୨୦୧୬ ମସିହାରେ ଅପରାଧିକ ମାମଲା ରହିଥିଲା । ସେହିପରି ଇରିଗେସନ କୋଲନିର ଜୟ ହରିଜନ ନାମରେ ୨୦୧୦ ମସିହାରେ ଅପରାଧିକ ମାମଲା ରହିଥିବା ବେଳେ ମନୋଜ ବିଷୋୟୀ ନାମରେ ୨୦୧୬ ମସିହାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେମାନେ ଫେରାର ଥିବାବେଳେ ଜୟପୁର ଟାଉନ ପୋଲିସ ଚଢଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

## ପୌରସଂସ୍ଥା ପକ୍ଷରୁ ବୁଲା ଗାଈଗୋରୁ ଧରପଗଡ଼

କେନ୍ଦ୍ରାପଡ଼ା,୧୩/୦୮ (ନି.ପ୍ର): କେନ୍ଦ୍ରାପଡ଼ା ପୌର ପରିଷଦ ଅଂଚଳରେ ବୁଲୁଥିବା ଓ ରାସ୍ତା ଉପରେ ଜମିରହି ଟ୍ରାଫିକ ଜାମ କରୁଥିବା ବୁଲା ଗୋରୁଗାଈଙ୍କୁ ଧରପକଡ଼ ଆରମ୍ଭ କରାଯାଇଛି । ପୌରସଂସ୍ଥା ପକ୍ଷରୁ ଗାଈ ମାଲିକମାନଙ୍କୁ ବାରମ୍ବାର ସଚେତନ କରାଗଲେ ମଧ ଘରେ ନବାନ୍ଧି ଗାଈଗୋରୁଙ୍କୁ ଖୋଲା ଛାଡ଼ି ଦେଉଥିବାରୁ ସେମାନେ ସହରର ମୁଖ୍ୟ ରାସ୍ତାମାନଙ୍କରେ ଦଳ ବାନ୍ଧି ଶୋଇରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିଲେ । ଏନେଇ ପୌର ପ୍ରଶାସନକୁ ଗାଈମାନଙ୍କୁ ଧରିବା ପାଇଁ ସହରର ଦୋକାନୀମାନେ ବାରମ୍ବାର ଅବିଯୋଗ କରି ଆସୁଥିଲେ ।

# ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

ମାଲକାନଗିରି,୧୩/୦୮ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଆଜାଦିକା ଅମୃତ ମହୋତ୍ସବ ଅବସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲାର ଭାରପ୍ରାପ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଯୁବପିଢ଼ି କିପରି ଭାବରେ ନିଶାଠାରୁ ଦୂରେଇ ରହିବେ ସେଥିପ୍ରତି ସଚେତନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଡ଼ଃ. ଦୁର୍ଗାପ୍ରସାଦ ରାଜ, ଭୁତାଣୁ ବିଶେଷଜ୍ଞ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନିଶା ସେବନର ଭୟାବହତା ଉପରେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ ଯୋଗଦେଇ ନିଶାମୁକ୍ତ ରହି ଏକ ସୁସ୍ଥ ଜୀବନ ଗଠନ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ନିରଞ୍ଜନ ପୂଜାରୀ, ଅଧାପକ ଉମେଶ ଚନ୍ଦ୍ର ରାଉତ, ଅଧାପକ ଲିଙ୍ଗରାଜ ମିଶ୍ର, ଅଧାପକ ଜିମୁତ ନାୟକ, ତପନ କୁମାର ବେହେରା, ପ୍ରଦୀପ ଓରାମ, ଅରୁଣ କୁମାର ପାଣ୍ଡରାଙ୍ଗୀ ପ୍ରମୁଖ ଯୋଗଦେବା ସହିତ ସମସ୍ତ ଅଧାପକ ଓ ଅଧାପିକା ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଏହି ସଭାରେ ନିଶାଠାରୁ ଦୂରେଇ ରହିବା ପାଇଁ ଏକ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହିତ ବହୁତ ଯୁବଗୋଷ୍ଠୀ ଏହି ଶପଥ ପାଠରେ ଭାଗନେଇଥିଲେ । ସଭା ଶେଷରେ ଅଧାପକ ଗୌତମ ନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଇକମାଲ ଅଞ୍ଚଳରେ ସି ଆର୍ ପି ଏଫ୍ ପକ୍ଷରୁ ହର ଘର ତ୍ରିରଙ୍ଗା ପ୍ରଚାର

ବଲାଙ୍ଗିର ,୧୩/୦୮ (ନି.ପ୍ର): ଆଜି ସି ଆର୍ ପି ଏଫ୍ ବାଟାଲିୟନ ୧୮୯ କମାଣ୍ଡେଣ୍ଟ ପବନ ତିୱାରୀ ଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଷ୍ପତ୍ତି ଅନୁସାରେ ସ୍ୱାଧୀନତାର ୭୫ ବର୍ଷ ପାଳନ ଅଜାଦି କି ଅମୃତ ମହୋତ୍ସବ ପାଳନ ଅବସରରେ ରେ ହର ଘର ତ୍ରିରଙ୍ଗା ର ପ୍ରଚର ପ୍ରସାର ପାଇଁ ଏକ ରେଲି ପାଇକମାଲ୍ କେମ୍ପ ପାଖ ଆଖ ରେ ଗ୍ରାମ ମାନକୁ ଯାଇ ଯେପରି ସବୁଠାରେ ପତାକା ଲାଗିବ ସେଥିପ୍ରତି ସଚେତନ କରାଯାଇଥିଲା । ଶ୍ରୀ ତିୱାରୀ ଙ୍କ ମାର୍ଗଦର୍ଶନ ରେ ସି ଆର୍ ପି ଏଫ୍ ଡି/ ୧୮୯ କମାଣ୍ଡର ଜୀ ଡି ଏମ୍ କେ ପଧାନ ଙ୍କ ଦେଖାରେଖା ରେ ଜବାନ ମାନଙ୍କର ଶୋଭାଯାତ୍ରାରେ ବାହାରିଥିଲେ ସେମାନେ ଲୋକଙ୍କୁ ତ୍ରିରଙ୍ଗା ଉପରେ କହିଥିଲେ । ସ୍ଥାନୀୟ ସରପଞ୍ଚ ତୁଳା ବତୀ ତାଣ୍ଡି, ପାଇକ ମାଲ୍ ଯୁବଗୋଷ୍ଠୀ, ଥାନା ଅଧିକାରୀ, ଦମକଳବାହିନୀ ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀ ସମବେତ ହୋଇ ଏଥିରେ ଭାଗ ନେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଅଗଷ୍ଟ, ୨୦୨୨
email : rabibarachayan2015@gmail.com




## ଧାରାବାହିକ : ଜୀବନାନୁଭୂତି

ଭାଗ-୮୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

୧୯୩୭ ମସିହା ନଭେମ୍ବର ମାସରେ ଭାରତବର୍ଷର ପ୍ରଥମ ସାଧାରଣ ନିର୍ବାଚନ ହେଲା । କଂଗ୍ରେସ ଦଳ ନିର୍ବାଚନରେ ଜୟଲାଭ କରି ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ବସିଲେ । କିନ୍ତୁ ପ୍ରଥମରେ ନେତୃବର୍ଗଙ୍କ ମଧ୍ୟରେ ମତାନୈକ୍ୟ ପ୍ରଯୁକ୍ତ ପାରଳାଖେମୁଣ୍ଡି ମହାରାଜା, ମୌଲବି ଲତିଫର ରହମାନ୍ ଓ ଶ୍ରୀ ମାନଧାତା ଗୋରାଚାନ୍ଦ ପଟ୍ଟନାୟକଙ୍କୁ ନେଇ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏମାନେ ପୁଣି କେତେକ ମାସ ମାତ୍ର ରହି ପଦତ୍ୟାଗ କଲେ ଓ ଗଞ୍ଜାମକୁ ନିର୍ବାଚିତ ଶ୍ରୀ ବିଶ୍ୱନାଥ ଦାସ, କଟକରୁ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ସମ୍ବଲପୁରରୁ ଶ୍ରୀ ବୋଧରାମ ସାହୁ- ଏହି ତିନିଜଣ କଂଗ୍ରେସ ସଭ୍ୟଙ୍କୁ ନେଇ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଶ୍ରୀ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ହେଲେ । ଏହିପ୍ରକାର ଭାରତବର୍ଷରେ ସଂସ୍କୃତ ଶାସନ ପ୍ରଣାଳୀ ପ୍ରତିଷ୍ଠିତ ହେଲା ଏବଂ ଭାରତବାସୀ ଅନ୍ତିମ ସ୍ୱାୟତ୍ତଶାସନରେ ଆଶାପୋଷଣ କରିବାକୁ ଲାଗିଲେ ।

ଏହା ହୋଇଥିଲେ ମଧ୍ୟ ଦେଶରେ ଇଂରେଜ ଶାସନର ପ୍ରଭାବ ଅକ୍ଷୁର୍ଣ୍ଣ ରହିଥିଲା । ପ୍ରତ୍ୟେକ ରାଜ୍ୟରେ ଇଂରେଜ କିମ୍ୱା ଇଂରେଜ ନହେଲେ ଇଂରେଜ ଶାସନ ଛାଞ୍ଚରେ ଗଢ଼ା ଦେଶୀୟ ଗଭର୍ଣ୍ଣର ଓ ଉଚ୍ଚପଦସ୍ଥ କର୍ମଚାରୀମାନେ ରହିଲେ ଓ ପୂର୍ବପରି ଶାସନରେ ଅମଲାତନ୍ତ୍ର ପୂର୍ଣ୍ଣମାତ୍ରାରେ ପ୍ରତିଷ୍ଠିତ ହୋଇ ରହିଲା । ମନ୍ତ୍ରୀ, ବିଧାନସଭାର ସଦସ୍ୟ ଓ ଅନ୍ୟାନ୍ୟ କଂଗ୍ରେସପନ୍ଥୀ ବ୍ୟକ୍ତିମାନେ ସଭା କରି ଲୋକସାଧାରଣଙ୍କୁ ଦେଶବାସୀଙ୍କୁ ନୂତନ ଶାସନର କର୍ତ୍ତବ୍ୟ ସମ୍ବନ୍ଧରେ ଯେତେବେଳେ ବୁଝାଇବାକୁ ଯା'ନ୍ତି ସେହି ସଭାରେ ପୋଲିସ୍ ଓ ଜଣେ ମାଜିଷ୍ଟ୍ରେଟ୍ ସେମାନଙ୍କ ଭାଷଣର ସାରାଂଶ ଲେଖିଆଣିବା ସକାଶେ ପେଶ୍ ହୁଏ । ମୁଁ ନିଜେ ଏପରି କେତେ ସଭାକୁ ପ୍ରେରିତ ହୋଇଥିଲି । ମନ୍ତ୍ରୀମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ କାର୍ଯ୍ୟତଃ ଗଭର୍ଣ୍ଣରଙ୍କ ବାଧା ନଥାଏ ।

ଏହି ସମୟରେ ଲୋକଙ୍କ ମଧ୍ୟରେ ଓଡ଼ିଶାର ପୁରପଲ୍ଲୀ ଏପରିକି ଚିରକାଳ ରାଜଭକ୍ତ ଗଡ଼ଜାତବାସୀଙ୍କ ହୃଦୟରେ ସୁଦ୍ଧା ଅପୂର୍ବ ଜାଗରଣ ଭାବ ଉଦ୍ଦୀପ୍ତ ହେବାକୁ ଲାଗିଲା । କଟକ, ପୁରୀ ଅଞ୍ଚଳସ୍ଥ ଗଡ଼ଜାତ ରାଜ୍ୟମାନଙ୍କରେ ଏହା ଏଡ଼େ ତୀବ୍ର ଭାବ ଧାରଣକଲା ଯେ, ଲୋକେ ପ୍ରକାଶ୍ୟ ଭାବରେ ରାଜାମାନଙ୍କ ଗାଦିତ୍ୟାଗ ଓ ପ୍ରଜାମାନଙ୍କ ସ୍ୱାୟତ୍ତଶାସନ ଦାବି କଲେ । ରାଜାମାନେ ଇଂରେଜ ସରକାରଙ୍କ ଶରଣ ଭିକ୍ଷା କଲେ । ଇଂରେଜ ସରକାରଙ୍କ ସାହାଯ୍ୟରେ ଦମନଲୀଳା ପ୍ରଚଣ୍ଡ ଭାବରେ ଅନୁଷ୍ଠିତ ହେଲା । ପ୍ରଥମରେ ପୁରୀ ନିକଟସ୍ଥ କ୍ଷୁଦ୍ର ରଣପୁର ରାଜ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଲା । ପୋଲିଟିକାଲ୍ ଏଜେଣ୍ଟ ବେଜେଲ୍‌ଗେଟ୍ ସାହେବ ତାହାର ଦମନ ସକାଶେ ଆସିଲେ ଓ ପିସ୍ତଲ ଗୁଳିରେ ଜଣେ ଦୁଇଜଣ ରାଜ୍ୟଲୋକଙ୍କୁ ହତ୍ୟାକଲେ । ଏଥିରେ ଲୋକେ ଉତ୍ତ୍ୟକ୍ତ ହୋଇପଡ଼ିଲେ ଓ ବାଡ଼ିରେ ତାଙ୍କୁ ପିଟି ମାରିଦେଲେ । ତାହାଙ୍କ ଶବ କଟକକୁ ଆନୀତ ହେଲା ଓ ଶୋଭାଯାତ୍ରାରେ ଗୋରା ହାକିମମାନେ ନେଇ ତାଙ୍କୁ କବର ଦେଇଥିଲେ । ଏ ହତ୍ୟା ଅପରାଧରେ ଜଣ କେତେ ରଣପୁରବାସୀ ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ଏହି ସମୟରେ ଢେଙ୍କାନାଳରେ ମଧ୍ୟ ଭୀଷଣ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ନାନା କାରଣରୁ ରାଜାଙ୍କ ବିରୁଦ୍ଧରେ ପ୍ରଜାଙ୍କ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ଗଣ୍ଡଗୋଳ ଦମନ ପାଇଁ ରାଜ୍ୟର ପୋଲିସ ସହିତ ଇଂରେଜ ସରକାରଙ୍କ ପ୍ରେରିତ ଫୌଜ ଗ୍ରାମେ ଗ୍ରାମେ ବ୍ୟାପ୍ତି ହୋଇଗଲେ । ଢେଙ୍କାନାଳର ବ୍ରାହ୍ମଣୀନଦୀ କୂଳରେ ଭୁବନ ଏକ ବଡ଼ ଗ୍ରାମ । ସେହି ସମୟରେ ଶୁଣାଯାଇଥିଲା ଯେ ଦିନେ ସେହି ଅଞ୍ଚଳରେ ବୁଲୁଥିବା ଦଳେ ସୈନ୍ୟ ଭୁବନରେ ଉପସ୍ଥିତ ହେଲେ ଏବଂ ନଦୀ ଘାଟରେ ବନ୍ଧା ହୋଇଥିବା ନୌକାରେ ନଦୀ ପାରିହେବା ସକାଶେ ମାଝିମାନଙ୍କୁ ଡାକିଆଣିବା ପାଇଁ ସେଠାରେ ଉପସ୍ଥିତ ଥିବା ବାଜି ରାଉତ ନାମକ ଏକ ବାଳକକୁ କହିଲେ । ଅଳ୍ପବୟସ୍କ ବାଳକ ବାଜି ରାଉତର ପ୍ରାଣରେ ସୁଦ୍ଧା ଜାଗରଣ ଭାବ ଉଦ୍ରେକ ହୋଇଥିଲା । ସିପାହୀମାନଙ୍କ ଅତ୍ୟାଚାର ବିଷୟ ସେ ଶୁଣିଥିଲା । ସିପାହୀମାନଙ୍କ ବାରମ୍ୱାର ନିର୍ଦ୍ଦେଶ ପ୍ରତି ଭ୍ରୂକ୍ଷେପ ନ କରି ସେ ନଦୀ ପାରି ହେବାରେ ସେମାନଙ୍କୁ ସାହାଯ୍ୟ କରିବ ନାହିଁ କିମ୍ୱା ମାଝିମାନଙ୍କୁ ଡାକି ଆଣିବ ନାହିଁ ବୋଲି ସେମାନଙ୍କୁ କହିଲା । ସିପାହୀମାନେ ତତ୍‌କ୍ଷଣାତ୍ ତାହା ଉପରେ ଗୁଳି ବର୍ଷଣକରି ମାରି ପକାଇଲେ । ମୁହୂର୍ତ୍ତକ ମଧ୍ୟରେ ଗ୍ରାମରେ ଏହି ଦୁର୍ଘଟଣା ପ୍ରଚାରିତ ହୋଇଗଲା ଓ ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଆସି ନଦୀକୂଳରେ ଉପସ୍ଥିତ ହେବା ମାତ୍ରକେ ସିପାହୀମାନେ ସେମାନଙ୍କ ପ୍ରତି ଗୁଳି ଚଳାଇଲେ । ଏଥିରେ ଚାରିପାଞ୍ଚଜଣ ନିହତ ଓ ଅନେକ ଆହତ ହେଲେ । ବାଜି ରାଉତ ଓ ଅନ୍ୟ ନିହତ ବ୍ୟକ୍ତିଙ୍କ ଶବ କଟକକୁ ଅଣା ହୋଇଥିଲା ଓ ବିରାଟ ଶୋଭାଯାତ୍ରାରେ ଅନ୍ତିମ ସଂସ୍କାର କରାହୋଇଥିଲା । ଅନ୍ୟ ଗଡ଼ଜାତ ରାଜ୍ୟମାନଙ୍କରେ ସୁଦ୍ଧା ଊଣା ଅଧିକ ଏହି ପ୍ରକାର ଗଣ୍ଡଗୋଳ ଚାଲିଥିଲା କିନ୍ତୁ ଇଂରେଜ ସରକାରଙ୍କ ବାହୁଚ୍ଛାୟାରେ ରହି ରାଜାମାନଙ୍କୁ ତାହା ଦମନ କରିବାରେ ଅଧିକ ବିଳମ୍ୱ ହେଲା ନାହିଁ । ଏହାଦ୍ୱାରା ରାଜାମାନେ ନିଜ ନିଜ ରାଜ୍ୟରେ ପ୍ରଜାପ୍ରିୟତା ହରାଇ ବସିଲେ ଏବଂ ପରିଶେଷରେ ଏହାରି ଫଳ ସ୍ୱରୂପ ସେମାନଙ୍କୁ ରାଜ୍ୟ ତ୍ୟାଗ କରିବାକୁ ହେଲା ।

କଂଗ୍ରେସ ଦେଶର ଶାସନ ଭାର ଗ୍ରହଣ କରିବା ଉତ୍ତାରେ କଂଗ୍ରେସପନ୍ଥୀମାନେ ସେମାନଙ୍କ କାର୍ଯ୍ୟକଳାପ କି ପ୍ରକାର ନିୟନ୍ତ୍ରଣ କରିଥିଲେ, କଟକ ଜିଲ୍ଲାରେ ସଂଘଟିତ କେତେକ ଘଟଣାରୁ ତାହା ଜଣାଯାଇଥିଲା । ମଫସଲରେ ବୁଲୁଥିବା କଂଗ୍ରେସ ନେତାମାନେ ଜିଲ୍ଲାକୁ ଖଣ୍ଡ ଖଣ୍ଡ କରି ବିଭକ୍ତ କରିପକାଇଲେ ଏବଂ କେତେକ ମୌଜାକୁ ନେଇ ଗୋଟିଏ ଗୋଟିଏ ଚକ ଗଠନ କରି ସେଠାରେ ସେମାନଙ୍କ ନେତୃତ୍ୱ ଜାରିକଲେ । ସେହି ଚକର ଯାବତୀୟ ଘଟଣାର ନିୟନ୍ତ୍ରଣ ଭାର ନିଜ ହସ୍ତରେ ଗ୍ରହଣ କଲେ । ସ୍ଥାନେ ସ୍ଥାନେ ସେମାନଙ୍କ ପ୍ରଭାବ ଆପତ୍ତିଜନକ ଭାବରେ ଜାରି ହେଉଥିବା ଅଭିଯୋଗମାନ ବିଚାରାଳୟ ପର୍ଯ୍ୟନ୍ତ ଆସିଲା । ଏହି ସମୟରେ ଦୁଇଗୋଟି ମୋକଦ୍ଦମାର ବିଚାର ମୋ'ଠାକୁ ଆସିଥିଲା । ଗୋଟିକରେ ଅଭିଯୋଗ ହୋଇଥିଲା ଯେ ତେନ୍ତୁଳିପଦ ଗ୍ରାମର ଜମିଦାରଙ୍କୁ ସେହି ଅଞ୍ଚଳର କଂଗ୍ରେସ ନେତାମାନେ ତାଙ୍କର ଜଣେ ହରିଜନ ଭାଇଙ୍କ ଘରେ ଅନୁଷ୍ଠିତ ହେଉଥିବା ବିବାହ ଉପଲକ୍ଷରେ ଆବଶ୍ୟକୀୟ ଜାଳେଣିକାଠ ସକାଶେ ତାଙ୍କ ଆମ୍ବତୋଟାର ଗୋଟିଏ ଆମ୍ବଗଛ ମାଗିଲେ । ଯେଉଁ ଗଛଟି ଦେଖାଇଲେ ତାହା ସାଧାରଣ ଗଛ ନୁହେଁ । ଅତି ବୃହତ୍, ବଡ଼ବଡ଼ ମିଠା ଫଳ ତହିଁରେ ଫଳେ । ଜମିଦାର ଅନ୍ୟ ଗଛ ଯାଚିଲେ । କିନ୍ତୁ କଂଗ୍ରେସ ନେତାମାନେ ସେହି ଗଛଟି ଦାବି କଲେ । ଇଂରେଜ ଅମଳରେ ଜମିଦାରମାନେ କଂଗ୍ରେସ ନୀତିର ପ୍ରତିରୋଧ କରିଥିଲେ । ବର୍ତ୍ତମାନ ସେମାନଙ୍କ ପ୍ରତି ଦାଉ ସାଧିବା ସୁଯୋଗ ଉପସ୍ଥିତ । ତେଣୁ ନାନାପ୍ରକାର ଅଯୌକ୍ତିକ ଦାବି ତାଙ୍କଠାରୁ ଆଦାୟ କରିବାକୁ ବସିଅଛନ୍ତି ବୋଲି ଅଭିଯୋଗ ହେଲା ଓ ଜମିଦାରମାନେ ଏହାର ପ୍ରତିରୋଧ କରିବାକୁ ଲାଗିଲେ ।

ଜମିଦାର ସେହି ଗଛ ଦେବେନାହିଁ ବୋଲି କହିଦେଲେ । ଏହା ଫଳରେ ତାଙ୍କପ୍ରତି ଆରମ୍ଭ ହେଲା ଜୁଲମ୍ । ତାଙ୍କୁ ବର୍ଜନ କରିବାକୁ ତାଙ୍କ ଚାକର, ମୂଲିଆମାନଙ୍କୁ ଏମାନେ ଶିଖାଇଲେ ଏବଂ ଭୟରେ ସେମାନଙ୍କ ନିର୍ଦ୍ଦେଶ କେତେକ ମୂଲିଆ ପାଳନ କଲେ । ଜଣେ କଣ୍ଡରା ଚାକର କିନ୍ତୁ ସେମାନଙ୍କ କଥା ଶୁଣିଲା ନାହିଁ ଏବଂ ନିୟମିତରୂପେ ତାଙ୍କ ଘରକୁ କାମ କରିବାକୁ ଗଲା । ଦିନେ ସକାଳେ ସେସ ତାଙ୍କ ଘରକୁ କାମ କରିବାକୁ ଯାଉଥିବା ସମୟରେ ପାଞ୍ଚଜଣ କଂଗ୍ରେସପନ୍ଥୀ ତାହାର ବାଟ ଓଗାଳିଲେ ଓ କହିଲେ, 'ଜମିଦାରଙ୍କ ସମସ୍ତ ଚାକର ଆମ୍ଭମାନଙ୍କ କଥା ଶୁଣିଲେ, ତୁ ଶୁଣୁନାହୁଁ । ଆଜି ତୋତେ ଆମ୍ଭେମାନେ ଯିବାକୁ ଦେବୁନାହିଁ ।' କଣ୍ଡରା କହିଲା, 'ଦେଖନ୍ତୁ ବାବୁମାନେ, ମୁଁ ଗରିବ ଲୋକ । ତିନିପୁରୁଷ ହେଲା ଆମ୍ଭେମାନେ ସାଆନ୍ତଙ୍କ ଘରେ ଚାକିରି କରି ପେଟ ପୋଷୁଛୁ । ପ୍ରତିଦିନ ଦୁଇସେର ଚାଉଳ ନେଲେ ମୋ ପିଲାମାନେ ତୋରାଣି ମୁନ୍ଦେ ପାଇବେ । ତାଙ୍କ କାମ ଛାଡ଼ିଦେଲେ ଆପଣମାନେ କ'ଣ ମୋ ପିଲାଙ୍କୁ ପୋଷିବେ ?' ସେମାନେ କହିଲେ, 'ଆମ୍ଭେମାନେ ଏକଥା ଶୁଣିବୁ ନାହିଁ ତୁ ଯଦି ଫେରି ନ ଯାଉ ତୋ କଥା ବୁଝିବୁ । (କ୍ରମଶଃ)

## ପର୍ଦ୍ଦା ପଛର କଥା



**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**

ଭାଗ- ୬୧

### ॥ ସମୟ ବଡ଼ ବଳବାନ ॥

ଇଂରାଜୀ ଶୀର୍ଷକକୁ ନେଇ ମୋର ଆଉ ଗୋଟିଏ ଚଳଚ୍ଚିତ୍ର ୨୦୧୫ରେ ମୁକ୍ତିଲାଭ କରିଥିଲା। ଆଶିକ୍, ଯାହାର ଆକ୍ଷରିକ ଓଡ଼ିଆ ଅର୍ଥ ପ୍ରେମିକ। ଶୀର୍ଷକଟି 'ପ୍ରେମିକ' ରଖାଯାଇ ପାରିଥାନ୍ତା। ମାତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ 'ଆଶିକ' ରଖିବାକୁ ଚାହିଁଲେ। ସାଧାରଣତଃ ଅଧିକାଂଶ ଅଣଓଡ଼ିଆ ନିର୍ଦ୍ଦେଶକ ବିଶେଷକରି ସାଉଥ ନିର୍ଦ୍ଦେଶକ, ଶୀର୍ଷକ ନିର୍ବାଚନରେ ସେମାନେ ଓଡ଼ିଆ ଅପେକ୍ଷା ଇଂରାଜୀ କିମ୍ବା ହିନ୍ଦୀ ଶୀର୍ଷକ ପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି।

'ଆଶିକ' ଚଳଚ୍ଚିତ୍ରର କାହାଣୀ ଥିଲା ଜଣେ ସଚ୍ଚା ତଥା ପାଗଳ ଆଶିକ ବା ପ୍ରେମିକର କାହାଣୀ। ସାଉଥ ଚଳଚ୍ଚିତ୍ରର କାହାଣୀ। ମୂଳ ଚଳଚ୍ଚିତ୍ରଟିକୁ ଦେଖିବାପରେ କାମ କରିବାପାଇଁ ଆଗ୍ରହ ମୋର ବଢ଼ିଯାଇଥିଲା। ଜଣେ ଦିବ୍ୟାଙ୍ଗ ସୁନ୍ଦରୀ ନାୟିକା ପଛରେ ପ୍ରେମରେ ପଡ଼ିଯାଇଛି ନାୟକ। ନାୟିକାକୁ ଇମ୍ପ୍ରେସ୍ କରିବାପାଇଁ ନିଜେ ଏକ ଦିବ୍ୟାଙ୍ଗର ଅଭିନୟ କରୁଛି। ଟ୍ରେନ୍ ଭିତରେ ସେମାନଙ୍କର ପ୍ରେମର ବିକାଶ ଓ ଗତିଶୀଳ। କିନ୍ତୁ ଘଟଣାକ୍ରମରେ ପ୍ରେମିକାଟିର ସାମ୍ନାରେ ପ୍ରେମିକର ମିଛ ଅଭିନୟ ଧରାପଡ଼ିଯାଇଛି। ବହୁ ମାନ ଅଭିମାନ ଭୁଲ ବୁଝାମଣା ପରେ ପ୍ରେମିକାର ପ୍ରେମ ଫେରିପାଇଛି ପ୍ରେମିକ ଓ ତାକୁ ବିବାହ କରୁଛି। ନାୟିକାର ଗୋଡ଼ର ଅପରେସନ କରି ତାକୁ ଠିକ କରିବାପାଇଁ ନାୟକ ପ୍ରଚେଷ୍ଟା କରୁଛି ଓ ଡାକ୍ତରଙ୍କ ସହ ସଂପର୍କ ରଖୁଛି। ଡାକ୍ତର (ପିଣ୍ଟୁନନ୍ଦ) ଅପରେସନ୍ ବାହାନାରେ ନାୟିକାର ଅଚେତନ ଅବସ୍ଥାରେ ଶାରୀରିକ ସଂପର୍କ ରଖି ପରବର୍ତ୍ତୀ ସମୟରେ ତାକୁ ବ୍ଲାକମେଲ କରୁଛି। ଏକଥା ଜାଣିବାପରେ ନାୟକ ଡାକ୍ତରକୁ ହତ୍ୟା କରୁଛି ଓ ବହୁ କଷ୍ଟରେ ପୋଲିସ ତାକୁ ଗିରଫ କରୁଛି। ପୋଲିସ ସାମନାରେ ନାୟକ ଏସବୁ ଘଟଣା କ୍ରମର ବର୍ଣ୍ଣନା ମାଧ୍ୟମରେ କାହାଣୀ ଗତିଶୀଳ। କାହାଣୀର କ୍ଲାଇମାକ୍ସ ଦୁଃଖଦ ।

ଏହି ଚଳଚ୍ଚିତ୍ରଟି ତେଲୁଗୁର ଏକ ସଫଳ ଚଳଚ୍ଚିତ୍ର। ଓଡ଼ିଆରେ ଅଭିଜିତ୍ ମଜୁମଦାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ନାୟକ ସମ୍ବିତଙ୍କ ସହ ନାୟିକା ବଂଗୀୟ ଅଭିନେତ୍ରୀ କୋଏଲ ଅଭିନୟ କରିଥିଲେ। ନିଜେ ସୁଧାକର ବସନ୍ତ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଦୁଇ ହାସ୍ୟ ଅଭିନେତା ପପୁ ଓ ହରି ଅଭିନୟ କରିଥିଲେ। କିନ୍ତୁ ସବୁ ସତ୍ତ୍ୱେ ଚଳଚ୍ଚିତ୍ରଟି ବ୍ୟବସାୟିକ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ସୁଧାକର ଏହାର ପ୍ରଯୋଜନା କରିଥିଲାବେଳେ ପରେ ପ୍ରଯୋଜକ ପ୍ରମୋଦ ସ୍ୱାଇଁ ଏହି ପ୍ରୋଜେକ୍ଟଟିକୁ ହାତକୁ ନେଇଥିଲେ। ଚଳଚ୍ଚିତ୍ରଟିର କାଇମ୍ଳାକ୍ସ ପରିସ୍ଫୁଟନ ଠିକ୍‌ଭାବରେ ହୋଇନଥିଲା। ପପୁଙ୍କ ଚରିତ୍ରକୁ ଅସ୍ୱଭାବିକ ଭାବରେ ବଢ଼ାଇ ଦିଆଯାଇଥିଲା ଯାହାକି ଏକ ମାଇନସ ପଏଣ୍ଟ ଭାବରେ (ଅତିରଂଜିତ) ଭାବରେ ଜଣାପଡୁଥିଲା। ଅବଶ୍ୟ ମୂଳ ସ୍କ୍ରିପ୍ଟରେ ଏସବୁ ନଥିଲା। ପରେ ମୋ ଅଜାଣତରେ ଏସବୁ ଦୃଶ୍ୟ ସଂଯୋଜିତ ହୋଇଥିଲା । ଯାହାକି ମୂଳ କାହାଣୀ ତୁଳନାରେ ଖାପଛଡ଼ା ମନେ ହେଉଥିଲା। ମୁଁ ନିର୍ଦ୍ଦେଶକଙ୍କ ଉପରେ ଭୀଷଣ ଅସନ୍ତୁଷ୍ଟ ହୋଇଥିଲି। ଚଳଚ୍ଚିତ୍ରଟି ୨୦୧୫ ମସିହା ସେପ୍ଟମ୍ବର ୧୬ ତାରିଖରେ ମୁକ୍ତିଲାଭ କରିଥିଲା।

ପୂର୍ବରୁ କହିଛି ୨୦୧୪ ଓ ୨୦୧୫ରେ ମୋ ଲିଖିତ ମାତ୍ର ୨ଟି ଲେଖାଁଏ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା। ମାତ୍ର ଅନେକ ଚଳଚ୍ଚିତ୍ରର ସ୍କ୍ରିପ୍ଟିଂ କାମ ସରିଯାଇଥିଲା। କେତୋଟିର ସୁଟିଂ ମଧ୍ୟ ଆରମ୍ଭ ହୋଇଯାଇଥିଲା।

୨୦୧୬ ମସିହା ମୋ ଚଳଚ୍ଚିତ୍ର କ୍ୟାରିଅର୍ ପାଇଁ ଥିଲା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ବର୍ଷ ମୋଟ୍ ୬ ଗୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା। 'ସମୟ ବଡ଼ ବଳବାନ', 'ହେଲା ମତେ ପ୍ରେମ ଜର', 'ଟାଇଗର', 'ଝିଅଟା ବିଗିଡ଼ିଗଲା', 'ବାଇ ବାଇ ଦୁବାଇ' ଏବଂ 'ଦେଲେ ଧରା କଥା ସରେ'। ୨୦୧୬ ମସିହା ମାର୍ଚ୍ଚ ୪ ତାରିଖରେ ମୂରଲି ମଲ୍ଲିକଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କଲା ସମୟ ବଡ଼ ବଳବାନ । ଅନେକ ବର୍ଷ ତଳେ ଶିଶିର ମିଶ୍ର ଏଇ ଟାଇଟଲକୁ ନେଇ ଫିଲ୍ମ କରିଥିଲେ। ଏବେକାର 'ସମୟ ବଡ ବଳବାନ'ରେ ପୁପିନ୍ଦର ମୁଖ୍ୟ ଭୂମିକା ସହ ପ୍ରଯୋଜନାର ଭାର ତୁଲାଇଥିଲେ। ସୁରେନ ମହାପାତ୍ର, ପୁଷ୍ପା ପଣ୍ଡା, ନାୟିକା ଅନୁଭାଙ୍କ ସହ ଲିପ୍ସା ମିଶ୍ର, ଲୀନା, ବାଙ୍କୁ ଭାଇ, ଜୀବନ ପଣ୍ଡା, ଅଶ୍ରୁମୋଚନ, ଅଂଶୁମାନ ପ୍ରମୁଖ ଭୂମିକାରେ ଥିଲେ। ଲୁବୁନ, ଟୁବୁନ ଗୀତଗୁଡ଼ିକ କୋରିଓଗ୍ରାଫ କରିଥିଲେ। କାହାଣୀ ଥିଲା ଚିରାଚରିତ। ପାରିବାରିକ, ଭାଇ ଭାଇ ମଧ୍ୟରେ ସମ୍ପର୍କ, ବଡ଼ ଭାଇର ତ୍ୟାଗ। ଫିଲ୍ମଟିକୁ ଯଥାସମ୍ଭବ ବ୍ୟବସାୟିକ ଦୃଷ୍ଟିକୋଣରୁ ସଫଳ କରିବାପାଇଁ ସବୁପ୍ରକାର ମସଲା ଖଂଜା ଯାଇଥିଲା। ତଥାପି ଚଳଚ୍ଚିତ୍ରଟି ସେତେ ସଫଳତା ହାସଲ କରିପାରିଲା ନାହିଁ। ପୁପିନ୍ଦର ଓ ଅନୁଭାଙ୍କ ଯୋଡ଼ିକୁ ଦର୍ଶକ ପସନ୍ଦ କଲେ ନାହିଁ ବୋଧହୁଏ। ତେବେ ଜୀବନ, ଲୀପ୍ସା ଇତ୍ୟାଦିଙ୍କର ଅଭିନୟ ଭଲ ଥିଲା। ନିର୍ଦ୍ଦେଶକ ମୂରଲି ମଲ୍ଲିକ ମୋ ଗାଁ ପାଖର ତଥା ମୋର ଛାତ୍ର ଥିଲା।

କାହାଣୀ ସବୁବେଳେ ନୂଆ। କିନ୍ତୁ ତାର ଉପସ୍ଥାପନା ଶୈଳୀ ଯଦି ସମୟ ଉପଯୋଗୀ ହୋଇନପାରିଲା ତେବେ ତାହା ଗ୍ରହଣୀୟ ହୋଇପାରିବ ନାହିଁ। ପାରମ୍ପାରିକ ୬୦ ଦଶକର ଚଳଚ୍ଚିତ୍ରର କାହାଣୀ ଅଧୁନା ଯୁବବର୍ଗଙ୍କ ମଧ୍ୟରେ ଗ୍ରହଣୀୟ ହେବନାହିଁ ଯଦି ସେଥିରେ ଅନୁସଙ୍ଗିକ ସାମ୍ପ୍ରତିକ ସମସ୍ୟା ଓ ଉନ୍ନତ ଉପସ୍ଥାପନ ଶୈଳୀ ବ୍ୟବହୃତ ନହୁଏ। 'ସମୟ ବଡ଼ ବଳବାନ'ର କାହାଣୀ ନିର୍ବାଚନରେ ବୋଧହୁଏ ଭୁଲଥିଲା। ତେବେ ୨୦୧୬ର ଅନ୍ୟ ୫ ଗୋଟି ଚଳଚ୍ଚିତ୍ର ଗୁଡ଼ିକର କାହାଣୀ ଥିଲା ସ୍ୱତନ୍ତ୍ର ଓ ଆକର୍ଷଣୀୟ। (କ୍ରମଶଃ)

## କବିତା.....

### ॥ ଚାହା ଦୋକାନୀ ॥

ରମାକାନ୍ତ ରଥ



ବଖରାଏ ଚାଳଘର, ଚୁଲିଟେ ଭିତରେ ।
ଚୁଲି ଉପରେ କେଟ୍‌ଲି, ଘରଯାକ ଧୂଆଁ ।
ଦି'ଟା ବେଞ୍ଚ, ଦି'ଜଣ ଗରାଖ ବାହାରେ ।
ଜଣେ ଏତେ ଅଧୈର୍ଯ୍ୟ ଯେ ଉଠିସାରିଲାଣି
ଡାହାଣ ହାତରେ ଧରି ଚାହାଗିଲାସ ଓ
ବ୍ୟାଗ୍‌ଖଣ୍ଡିକ ବାଆଁ ହାତରେ ।

ଆରଜଣକ ? ସତେକି ସେ ଚାହା ଗୋଦାମରୁ
ଏବେ ଏବେ ଏଠାକୁ ଆସିଛି,
ନହେଲେ କାହିଁକି ଏତେଥର ଗିଲାସକୁ
ନାକ ପାଖକୁ ନେଉଛି, ତଳକୁ ଆଣୁଛି ।
ଆଉ ସେ ଦୋକାନୀ ? କୁହୁଳି କୁହୁଳି

ଉଠୁଥିବା ଧୂଆଁରେ ତା ଆଖି
ପୋଡୁଛି, କେତେ ଚାହୁଁଛି ଯେ
ଏବେ ହେଲେ ସେ ଜଣକ ଆସିଯାଆନ୍ତା କି,
କାନିକୁ ଗଣ୍ଠେଇ, ଓଦା କରି ଓ ଚିପୁଡି
ଥାପୁଡେଇ ତା ଆଖି ଉପରେ
କହନ୍ତା- ଆଖିପୋଡିବା ଊଣା ହେଲାଣି କି ।

ଏତେ ବହଳ ଧୂଆଁ ଭିତରେ ସେ
କିପରି ଆସିବ ? ତା ଭାଗ୍ୟରେ ନାହିଁ
ଆରାମ ସେ ଜଣକ ଦ୍ୱାରା ଭିଜିବାର ।
ପହଞ୍ଚିଗଲେଣି ଆଉ ଦି'ଜଣ ଗରାଖ ।

ସେ ବାହାରେ ସେମାନଙ୍କୁ ପଚାରିବ ବୋଲି
କି ଚାହା ଲୋଡା ତାଙ୍କର,
ଚିନିବାଲା ନା ବିନା ଚିନିର ।


♥ ଏ-୫୦, ଖାରବେଳ ନଗର,
ୟୁନିଟ-୩, ଭୁବନେଶ୍ୱର-୭୫୧୦୦୧


### ॥ ମୁଁ ପୁଣି ଫେରିବି ଯେବେ ॥

ହେମନ୍ତ କୁମାର ରାଉତ



ମୁଁ ପୁଣି ଫେରିବି ଯେବେ ମାୟାଚ୍ଛନ୍ନ ଅସୀମ ଅନ୍ଧାରେ
ମୁଁ ପୁଣି ଫେରିବି ଯେବେ ବହୁ ମାସ ବହୁ ବର୍ଷ ପରେ
ସେତେବେଳେ ଏ ପୃଥିବୀ ସତେ କଣ ମନେହେବ ବହୁ ଆପଣାର
ଜନମ ଜନମ ଧରି ଦେଖୁଥିବି
କେତେ ରଂଗ କେତେ ରୂପ କେତେ ରୂପାନ୍ତର ।

ମୁଁ ଏକ ଆଶାର ନଈ ଭରସା ମୋ ସାଗରର ବେଳା
ପ୍ରତିଟି ରକ୍ତମାଂସରେ ହାରିବାର ଅସମାପ୍ତ ଅସହନ ଜ୍ୱାଳା ।
ସଂଚିତ ଆୟୁଷ ମୋର ସରି ସରି ଯାଏ ଝରି ଝରି
ଜିତିବାର ଆଶା ନେଇ ବହୁବାର ଯାଇଅଛି ହାରି ।

ତାରାଫୁଲ ରାତିର ଛାତିରେ ଉଜାଗର ଖାଲି ଉଜାଗର
ପ୍ରତିଟି ଲୁହରେ ମୋର ଢେଉହୀନ ଅସୀମ ସାଗର ।
ଆତ୍ମାର ନୀଳ ଦର୍ପଣେ ଦେଖେ କେବେ ଜୀବନର ଛବି
ଲେଖୁଛି ମୁଁ ଲୁହରେ କବିତା ତଥାପି ମୁଁ ହୋଇନାହିଁ କବି ।

ମୁଁ ପୁଣି ଫେରିବି ଯେବେ ସେଇଦିନ କେଉଁ ରୂପ ଧରି
କେତେବାର ଆସୁଥିବି କେତେବାର ଯାଉଥିବି ଫେରି ।
ମୁଁ ପୁଣି ଫେରିବି ଯେବେ ବାକିକଥା କେମିତି ଲେଖିବି
ମୁଁ ଫେରିବି ଯେବେ ଆଉଥରେ ହୋଇବି କି କବି !


♥ ବାର୍ହାପୁର, କୋଇଲିପୁର, କେନ୍ଦ୍ରାପଡା- ୭୫୪୨୪୬
(ମୋ) ୯୯୩୮୬୬୯୬୩୧


### ॥ ଭାରତ ମାତା ॥

କୁମାର ହସନ



ଆମମାନଙ୍କୁ ଅନ୍ଧାରରେ
ଏକ୍‌ଲା ଶୁଆଇ
ସବୁରାତିରେ ତୁ କୁଆଡ଼େ ଚାଲିଯାଉ ମାଆ ?
କୁନି ମୁନି ଟୁନି,
କୁନା ମୁନା ଟୁନା କେତେ ଡରନ୍ତି,
ମତେ ଯାବୁଡ଼ି ଧରି କେତେ କାନ୍ଦନ୍ତି
ଯେତେ ବୁଝାଇଲେ ବି ତୁନି ହୁଅନ୍ତିନି।
ସାହିପଡ଼ିଶା ଘର ଭେଣ୍ଡିଆ ନଟୁ
ବାରମ୍ବାର ଝରକା ସେପଟୁ ଉହୁଙ୍କି
ମୋତେ ଉଠେଇ ନେଇଯିବ ନେଇଯିବ କହୁଛି
କେତେ ଝିଙ୍ଗାସ କରନ୍ତି ତତେ
ଆଉ ବଡ଼ର ତ ସବୁଠୁ ବଳି ବେଶୀ ରାଗ
ହେଲେ ସତରେ କ'ଣ
ରାତିରେ କାମ ନକଲେ
ଅଚଳ ହୋଇଯାଏ ସବୁ !
ବାପା ଥିଲା ବେଳେ ତ ଏମିତି ନଥିଲା
ବାପା ଗଲା ପରେ ବି ତ ଆମର ସେମିତି ରହିଛି
ଖେତ ଖଳା ବଣ ଜଙ୍ଗଲ ନଈ ନାଳ ପାହାଡ଼
ଭୁଲରେ ବି ଛାଟିଦେଲେ ମୁଠେ ବିହନ

ପଣେ ଲୋକ ଲାଗି ଖାଦି କୁଢ଼େଇ ହଉଥିଲା
ଯେଉଁଠି ନା ସେଇଠି ଚାଖଣ୍ଡେ ଖୋଳିଦେଲେ
ପାଣି ଚହଲା ମାରୁଥିଲା
ଗଛରେ କେତେ ଫଳ
ବଣରେ କେତେ ପଶୁ
ବାରିରେ କେତେ ପନିପରିବା
ମନରେ କେତେ ଖୁସି ଥିଲା
କାହିଁରେ କିଛି ଆମର ଅଭାବ ନଥିଲା
ହେଲେ ମାଆ ରାତିରେ ଗଲା ଦିନୁ
ଆକାଶର ଚାରିଆଡ଼େ ନାଳିଧୂଆଁର ପାହାଡ଼
ଯାହାର ପ୍ରକୋପରେ ଆମର ଚୁରି ଯାଉଛି ହାଡ଼
ହେଲେ କୋଉ ଭେଳିକିରେ ତତେ
ଭୁଲାଇ ଦେଲେ ମାଆ
ଯେ କୋଉ ଲୋଭରେ ପଡ଼ି
ତୁ ଦେଖି ବସିଲୁ ଆନର ସପନ,

ନିଦଚଲା ରୋଗ ପରି ହୋଇଗଲା ମନ
ଏଠି ଅଛି ତ ଏଠି ପୁଣି ଆନ।
ସେମାନେ ତୋ ଦିହର ସଉଦା କରି
ଯାହା ଭିକ ବୋଲି ଫୋପାଡ଼ି ଦଉଛନ୍ତି
ସେଇଟା କରଜ ବୋଲି ତୁ କ'ଣ ଜାଣୁନୁ
ଯାହାକୁ ଶୁଝିବାକୁ ପଡ଼ିବ
ହାଡ ମାଂସ ରକତରେ
ତଥାପି କି ତାର ବେହିସାବ ସରେ ?


♥ ମନୀଷା ଇଣ୍ଟରନ୍ୟାସନାଲ,
ଭୂତାପଡ଼ା, ସମ୍ବଲପୁର-୧


### ॥ ସ୍ମୃତି ॥

ଶରତ କୁମାର ଦାସ



ଅନେକ କିଛି କହିବାକୁ ଥିଲା
କହି ହେଲାନି
କହିବାଟା କଣ ଏତେ ସହଜ ଯେ
କହି ହବ, ମୁଁ ହୁଏ କି ତମେ !

ତେବେ
କହିବା ନ କହିବାର ଦୋଛକି ମଧ୍ୟରେ
ଆମକୁ ଦୂରେଇ ଯିବାକୁ ହେଲା
ଓ ବଞ୍ଚିବାକୁ ହେଲା ଅନେକ ଦିନ

ମୁଁ ରହିଲି ଦକ୍ଷିଣରେ
ତମେ ରହିଲ ସୁଦୂର ଉତ୍ତରରେ

ମୁଁ ବାୟା ଚଢେଇର ବସା ବାନ୍ଧିଲି ଏଠି
ତମେ କୁଟା କାଠିର ନୀଡ଼ ରଚିଲ ସେଠାରେ

ଏବେ ମୁଁ କ୍ଳାନ୍ତ ପକ୍ଷୀଟିଏ
ତମ ସହର ଦେଇ
ଦ୍ୱୈତ ଉଡ଼ିଗଲାବେଳେ

ତମେ ଖୁବ ମନେ ପଡ଼
ମନେ ପଡେ ତମ ଘରକୁ ଛୁଇଁଥିବା
ସେଇ ସରୁ ପଥୁରିଆ ରାସ୍ତା
ଟ୍ରେନର ଭିଡ଼ ଠେଲି
ପଶି ଆସୁଥିବା କେହି ଜଣେ ସାବନା ଝିଅ
ଠିକ ତମ ପରି
ଓ ମୁଁ ପାର୍କରେ ଦୋଳାଉ ଥିବା ବେଳେ
ଆନୁମାନିକ ତମ ଟିକି ଝିଅ
ଓ ତା ବାବୁର କେଶର ଝାମ୍ପା ସ୍ୱପ୍ନ

ମୁଁ ଜାଣେନି
ତମ ଭାତ ହାଣ୍ଡିରେ
ଟକମକ ହୋଇ ଫୁଟୁଛି କି ନାହିଁ
ତମ ଶିଥିଳ ରକ୍ତରେ
ମାଛଟିଏ ପରି
ପହଁରି ବୁଲୁଛି କି ନାହିଁ

ତେବେ ଏତିକି ଜାଣେ
ଏବେ ବି ତମ ନରମ ପାପୁଲିର ସ୍ପର୍ଶ
ମୋ ବାଁ ଆଖି ତଳ କଟା ଦାଗ
ସାଉଁଳେଇବାର ବୟାନ ଦିଏ
ଓ ମୋ ପାଦ ତଳ ମାଟିରୁ
ମୁଠାଏ ଆଞ୍ଜୁଳେଇ ନେଇ
ତମ ମଥାରେ ଥାପେ ।


♥ ପାଲୁର ବଙ୍ଗଳା
ଘର ନମ୍ବର-୨୬, ବ୍ରହ୍ମପୁର
(ମୋ) ୯୪୩୭୪୨୩୯୮୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୪ ଅଗଷ୍ଟ, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୫୯)



### ॥ ଜଳିବ ଗୋଟିଏ ଜୁଇ ॥

ଜୀବନଟା ସାରା ଦୁହେଁ ତ ଜଳିଲେ
ଦୁହେଁ ଦୁହିଁଙ୍କର ପାଇଁ,
କଥା ଦିଅ ସାଥୀ ଶେଷେ ଆମ ପାଇଁ
ଜଳିବ ଗୋଟିଏ ଜୁଇ ।

ମୋ' ଆଗରୁ ତୁମେ ଆଗ ମରିଗଲେ
ସରଗ ମଣିବ ଧନ୍ୟ,
କଇଁ ପ୍ରେମ ଭୁଲି ତୁମରି ପ୍ରେମରେ
ପାଗଳ ହେବଟି ଜହ୍ନ,
ବିଚରା ମୁଁ ଏଠି ପ୍ରେମ କାଙ୍ଗାଳଟା
କେମିତି ବଞ୍ଚିବି ସହୀ ।

ମୁଁ ଯଦି ଯିବି ସରଗକୁ ଆଗ
ତୁମକୁ ରହିବି ଚାହିଁ,
ତୁମେ ଗଲେ ଦୁହେଁ ପ୍ରେମର ପୃଥିବୀ
ସରଗେ ଗଢ଼ିବା ଯାଇ,
ଆମରି ପ୍ରେମକୁ ଏଇ ମରତରେ
ନ ବୁଝିଲା କିଏ ନାହିଁ ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୬)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଅଥଚ ଅଥର୍ବର ଚରିତ୍ର ଚିତ୍ରଣ ॥

ଅଥଚ ଅଥର୍ବରେ ଯେଉଁ ଚରିତ୍ରମାନଙ୍କୁ ସଂଯୋଜିତ କରାଯାଇଛି ସେମାନଙ୍କର ବ୍ୟକ୍ତିସତ୍ତା କେବଳ ବାହ୍ୟ ଆବରଣ । ସମସ୍ତ ଚରିତ୍ରମାନେ ଏକ ଏକ ସାମୁହିକ ତଥା ପ୍ରତୀକାତ୍ମକ ଚରିତ୍ର । ସମସ୍ତେ କିନ୍ତୁ ମହାଭାରତୀୟ ପରିଚୟରେ ଅଳଙ୍କୃତ ।

ପ୍ରଥମ ଚରିତ୍ର ଭୀଷ୍ମ । ମହାଭାରତରେ ଭୀଷ୍ମ ଏକ ବହୁଚର୍ଚ୍ଚିତ ତଥା ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଯିଏକି ଇଚ୍ଛାମୃତ୍ୟୁର ପ୍ରମାଣପତ୍ର ଧରି ସିଂହାସନ ସୁରକ୍ଷା ବ୍ରତରେ ବ୍ରତୀ ଥିଲେ । ଅଥଚ ଅଥର୍ବ ଯଦିଓ ସାଂପ୍ରତିକ ସମୟର ଏକ କୁରୁକ୍ଷେତ୍ରର ଚିତ୍ର ବହନ କରିଥାଏ, ଏ ଯୁଦ୍ଧରେ ମହାରଥୀ ଭୀଷ୍ମ କିଏ, କାହା ପାଖରେ ଇଚ୍ଛା ମୃତ୍ୟୁର ସାର୍ଟିଫିକେଟ ଅଛି, କିଏ ସିଂହାସନ ପ୍ରତି ଅନୁରକ୍ତ ? ସାମ୍ନାକୁ ଆସେ ସମାଜ, ସାଂପ୍ରତିକ ସମାଜ ଯିଏ ଗଣତାନ୍ତ୍ରିକ ପଦ୍ଧତିରେ ରାଜା ତିଆରି କରେ ଏବଂ ରାଜା ଓ ରାଜ୍ୟର ସମସ୍ତ ଦାୟିତ୍ୱ ଗ୍ରହଣ କରେ ନିଜ ଇଚ୍ଛାରେ ମରିପାରେନା । ନିଜ ଇଚ୍ଛାରେ କିଛି କରିପାରେନା । କେବଳ ଯାବତ ଜୀବନ ବଂଚି ରହିବା ନିମନ୍ତେ ତାର ମୃତ୍ୟୁର କାରଣ ଶିଖଣ୍ଡୀକୁ ଜାଳିଦେବାର ଯଜ୍ଞରେ ପୌରୋହିତ୍ୟ କରୁଥାଏ ।

ସେହିପରି ଦୁର୍ଯ୍ୟୋଧନ ଶାସକ ତଥା ଶୋଷକ ବର୍ଗର ପ୍ରତିନିଧିତ୍ୱ କରନ୍ତି । ହାତରେ ତାଙ୍କର ଟଙ୍କା ଚକ୍ରରୂପୀ ସୁଦର୍ଶନ ଯାହା ବଳରେ ସେ ସାଂପ୍ରତିକ କୁରୁକ୍ଷେତ୍ର ଯୁଦ୍ଧର ଭାଗ୍ୟ ନିୟନ୍ତା । ତାଙ୍କ ପକ୍ଷରେ ଶଲ୍ୟ, ଦ୍ରୋଣ, କର୍ଣ୍ଣ, ଶକୁନୀ ଆଦି ମହାରଥୀ ତତ୍ ସଂଗେ ସଂଗେ ଭୀଷ୍ମଙ୍କ ଆଶୀର୍ବାଦ ତଥା ସୁଦର୍ଶନ ରୂପୀ ଟଙ୍କା ଚକ୍ର । ଆଉ ଡର କାହାକୁ । ସେ ଯୁଦ୍ଧ ଭୂମିରେ ବିଗତ ଯୁଦ୍ଧର ପ୍ରତିଶୋଧ ନିମନ୍ତେ ବେଶ ତତ୍ପର ।

ମହାରଥୀ ଅନ୍ୟ ଏକ ଚରିତ୍ର ଯିଏକି ଚାରୋଟି ରୂପରେ ଆବିର୍ଭୂତ ହୋଇ କୁରୁକ୍ଷେତ୍ର ସୌନ୍ଦର୍ଯ୍ୟ ବୃଦ୍ଧି କରନ୍ତି । ସେ କର୍ଣ୍ଣ, ଦ୍ରୋଣ, ଶଲ୍ୟ, ଶକୁନୀ ଭୂମିକାରେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବଙ୍କୁ ଅତ୍ୟାଚାର ଶରବିଦ୍ଧ କରନ୍ତି ।

ଶ୍ରୀକୃଷ୍ଣଙ୍କ ଭୂମିକା ଏଠି ସୁଦର୍ଶନହୀନ ଦେବକୀନନ୍ଦନ । ଅମାପ ଶକ୍ତି ଓ କ୍ଷମତା ଥିଲେ ସୁଦ୍ଧା ସୁଦର୍ଶନ ଚକ୍ରର ଅଭାବରୁ ସେ ବଳବୀର୍ଯ୍ୟହୀନ ଶିଖଣ୍ଡୀ ରୂପରେ ବିପ୍ଳବର ଆହ୍ୱାନ ଦେଇଥାନ୍ତି କିନ୍ତୁ ଭୀଷ୍ମଙ୍କର ଶରାଘାତରେ ଏକ ଜୀଅନ୍ତା ଶବ ହୋଇ ଯଜ୍ଞାଗ୍ନିର ଝାସରେ ସିଝିସିଝି ପାଣ୍ଡବଙ୍କ ସହାୟତା ଚାହିଁ ରହିଥାନ୍ତି । ସେଦିନର କୃଷ୍ଣ ଆଜି ଶକ୍ତିହୀନ ବିପ୍ଳବ । ଅର୍ଥାତ୍ ବିପ୍ଳବରେ ଫଳ ସଦାସର୍ବଦା ସମାଜ ଚକ୍ରାନ୍ତରେ ନିଷ୍ଫଳ ହେଉଛି । ଯୁଧିଷ୍ଠିର, ଯିଏ କି ସତ୍ୟର ପ୍ରତୀକ, ଜଣେ ଶ୍ରମିକ, ଶ୍ରମ ହିଁ ସତ୍ୟ ଓ ଚିରନ୍ତନ, ଏହି ନ୍ୟାୟରେ ଜଣେ ନିଷ୍ଠାପର ଶ୍ରମିକ ଭାବରେ ସେ ପରିଶ୍ରମ କରନ୍ତି କିନ୍ତୁ ପରିଶ୍ରମର ଫଳ ପାଇବାରେ କୌରବମାନଙ୍କ ଶିକାର ହୁଅନ୍ତି । ଯେତେ ଶ୍ରମ କଲେ ବି ତାଙ୍କ ହାତ, ପେଟ, ପିଠି ଖାଲି ।

ଭୀମ ଶକ୍ତିର ପ୍ରତୀକ ଜଣେ ରିକ୍ସାବାଲା, ଯିଏକି ନିଜ ଅମାପ ଶକ୍ତି ବଳରେ ସାମାଜିକ ପ୍ରଗତିର ରଥ ଟାଣି ଟାଣି ଦିନରାତି ଏକ କରିଦିଏ, ତା ଭାଗ୍ୟରେ ସୁଖ ଯେମିତି ସାତ ସପନ ହୋଇଯାଏ, ସେମିତି ପେଟରେ ଓଦାକନା ଥାପି ଗଛମୂଳେ ନିଜ ଭଂଗା ରିକ୍ସାରେ ଶୋଇ ଶୋଇ ସୁଖ ସକାଳକୁ ଅପେକ୍ଷା କରେ ।

ଅର୍ଜୁନ ଜଣେ ଶିକ୍ଷିତ ବେକାର । ଦେହଯାକ ସଫଳତାର ପ୍ରମାଣ ପତ୍ର । ହେଲେ ହାତକୁ କାମ ନାହିଁ । ନିଜ ଲେଖନୀ ମୂନରେ ଗାଣ୍ଡିବକୁ ଧରାଶାୟୀ କରିପାରୁଥିବା ଅର୍ଜୁନ ସାର୍ଟିଫିକେଟମାନଙ୍କ କଣ୍ଟାରେ କ୍ଷତବିକ୍ଷତ ହୋଇ ଅପରାଧି ସାବ୍ୟସ୍ତ ହେବାର ଶିକାର ହୁଏ ।

ନକୁଳ ଜଣେ କୃଷକ । ମୁଣ୍ଡଝାଳ ତୁଣ୍ଡରେ ସାରା ଜଗତକୁ ଖାଦ୍ୟ ଯୋଗାଉଥିବାବେଳେ ନିଜ ପେଟ ଖାଲି ପଡ଼ିଥାଏ । କୌରବ ହାତକୁ ଖାଦ୍ୟ ଦେଇ ତାହାତରୁ ଚାବୁକ୍ ଖାଉଥିବା ନିଷ୍ପେସିତ ଚରିତ୍ରଟିଏ ନକୁଳ ।

ସହଦେବ ଜଣେ ଦୁଃସ୍ଥ ଶିକ୍ଷକ ନିଜ ଅଗାଧ ଜ୍ଞାନ ଓ ପାଣ୍ଡିତ୍ୟ ବଳରେ ସମଗ୍ର ସମାଜକୁ ଆଲୋକ ବାଣ୍ଟିବାଣ୍ଟି ଶକୁନିର ପଶାପାଲିର ଚକ୍ରାନ୍ତରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୁଏ ।

ଗୋଟିଏ କଥାରେ ଶ୍ରମିକର ହାତ, ରିକ୍ସାବାଲାର ଶକ୍ତି, ଜଣେ ଯୁବକର ଜୀବନ, କୃଷକର ରକ୍ତ ତଥା ଶିକ୍ଷକର ମୁଣ୍ଡ ଏଠି ବନ୍ଧାପଡ଼େ ଭୀଷ୍ମ, ଦୁର୍ଯ୍ୟୋଧନ, ଶଲ୍ୟ, ଶକୁନୀ, କର୍ଣ୍ଣ, ଦ୍ରୋଣମାନଙ୍କ ଅନ୍ୟାୟର କୁରୁକ୍ଷେତ୍ରରେ । ଶେଷରେ ଦ୍ରୌପଦୀ ।

ଜଣେ ନିଷ୍ପେଷିତ ନାରୀର ପ୍ରତିନିଧି, ସେ ବାଧ୍ୟ ହୋଇ ଅର୍ଜୁନକୁ ପ୍ରେମ କରିଥିବା ସତ୍ତ୍ୱେ ପାଂଚଭାଗ ହୋଇ ପିନ୍ଧାଲୁଗା ଖଣ୍ଡେପାଇଁ ବାରଦ୍ୱାର ହୁଏ । ପ୍ରତି ରାତିରେ ଏଇ ବସ୍ତ୍ର ପାଇଁ ତାକୁ ଏଇ ତଥାକଥିତ କୌରବମାନଙ୍କ ହାତରେ ବସ୍ତ୍ରହରଣର ସାମନା କରିବାକୁ ପଡ଼େ ।

ଶେଷରେ ସବୁକିଛିର ବିଚାର କରୁଥିବା କମିଶନ ଉଭା ହୁଅନ୍ତି ମହାପ୍ରଭୁ ଜଗନ୍ନାଥଙ୍କ ରୂପରେ ଏବଂ ନିଜର ଅସହାୟତା ପ୍ରକାଶ କରି କହନ୍ତି, ହେ ମଣିଷମାନେ, ତମେ ତ ମୋ ବିନ୍ଧାଣୀ, ତମେ ମୋତେ ଗଢ଼ିଛ, ମୋତେ ଆଖି ଦେଇଛ, ତମ ଦୁର୍ଦ୍ଦଶା ଦେଖିପାରୁଛି । କିନ୍ତୁ କଣ କରିବି, ମୋର ତ ହାତ ଗୋଡ଼ ଗଢ଼ିନ, ତମକୁ ସାହାଯ୍ୟ କରିବାର ଇଚ୍ଛା ଥାଇବି ମୁଁ ଅଥର୍ବ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

(ଭାଗ-୧)

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ

♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ୍ୟ ହୋଇଗଲା । ମା ପାଖରେ ପୁଅ ହାର୍ ମାନି ବାଉଳି ମାଟି ପାଖରେ ଘାଟି ହାର ମାନିଲା ।

ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସମ୍ପୂର୍ଣ୍ଣ ବିବରଣୀ ନୁହେଁ କିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରାୟୀ ନୁହଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

॥ ଏକ ॥

ଭୀମପୁର ଗାଆଁର ଶିରିଆ ପଧାନର ବାଡ଼ ହେଉଛି ।

ଚାରିଜଣ ମୂଲିଆ ସାତସକାଳରୁ କାମରେ ଲାଗିଛନ୍ତି । ବାଡ଼ ମୂଳେ ବାଉଁଶ, କଣିଚା, ବତା ଜମା ହୋଇଛି । ଦୁଇଜଣ ବାଡ଼ ସଜାଡ଼ି ଗଣ୍ଠି ଦେଉଛନ୍ତି । ବାକି ଦୁଇଜଣ ସେମାନଙ୍କ ହାତକୁ ବତା, କଣିଚା, ଦଉଡ଼ି ବଢ଼ାଇ ଦେଉଛନ୍ତି

ସୂର୍ଯ୍ୟ ଉପରକୁ ଉଠିଲେଣି । ଖରା ଟାଣ ହେଲାଣି ।

ପୁରୁଣା ବାଡ଼ କଡ଼େ କଡ଼େ ମାଡ଼ିଥିବା କାନକୋଳି କଂଟା, ପିତା କୁନ୍ଦୁରୀ, ଆଉ କାନସିରି ଲତାକୁ ଦା ଧାରରେ ଟାଣି କାଢ଼ି ଦେଉଁଦେଉଁ ରାଧୁ ମଳିକ କହିଉଠିଲା, ହେ ମଦନା, ବେଶି ହାତ ଚଳା । ଭୋକରେ ପେଟ ଆଉଟିଲାଣି ।

ମଦନା ସେଠୀ, ଯା'ର କଳା ମଟମଟ ସିଜୁଝାଡ଼ ଭଳି ରୂକ୍ଷ, ଟାଣୁଆ ଦିହଟାରୁ ଝାଳ ରୂକ୍ଷ, ଟାଣୁଆ ଦିହଟାରୁ ଝାଳ ଥପଥପ୍ କରି ଝରି ପଡୁଥିଲା, ଉତ୍ତର ଦେଲା, ଏଇ ଶୁକୁଟାଟା ବଡ଼ ମଠ କରୁଛି ।

ଶୁକୁଟା ଯିଏ କତାରେ କଣ୍ଟାବାଉଁଶକୁ ହାଣି ଏମାନଙ୍କ ହାତକୁ କଣିଚା ବଢ଼ାଇ ଦେଉଥିଲା, ପ୍ରତିବାଦ କଲା, ନିଜେ ଆସି ଥରେ ହାଣନା, ଶଃ, ହାତରେ କଣ୍ଟା ଫୋଡ଼ି ନହୁନୁହାଣ ହୋଇଗଲାଣି । ଏ ଚମ୍ପୁଆ ଶ ଘର ବାଉଁଶ !

ଶେଷ ଚଇତ୍ରର ଦିନ ।

ଶିରିଆ ପଧାନର ଖଳାରୁ ବଉଳଫୁଲର ମିଠା ସୁଗନ୍ଧ ଭାସିଆସୁଛି ।

ଶୁକୁଟାର ନେତୀ କଥା ମନେପଡ଼ିଗଲା ।

ନେତୀ ବଉଳଫୁଲକୁ ଭାରି ଭଲପାଏ ।

ସେ ଭାବିଲା, ଦ୍ୱିପହରେ ଖାଇବା ପାଇଁ ଗଲାବେଳେ ନେତୀ ଲାଗି କିଛି ବଉଳଫୁଲ ଲୁଚାଇ ନେଇଯିବ । ରାତିରେ ନେତୀ ଶୋଇବାକୁ ଆସିବାବେଳେ ଚୁପ୍‌କରି ତା' ତକିଆତଳେ ରଖିଥିବ ।

ଚାରିଜଣ ଚୁପ୍‌ଚାପ୍ କାମରେ ଲାଗିଥିଲେ ।

ହଠାତ୍ ସେଇ ଶାନ୍ତ ବାତାବରଣକୁ ପ୍ରକମ୍ପିତ କରି ଭାସିଆସିଲା ସପନୀବୁଢ଼ୀର କଣ୍ଠସ୍ୱର: ହଇରେ ରଇଜଳା, ନଈଶୁଏ, ତୁମକୁ ଧରମ ଛାଡ଼ିଲାଣି କିରେ ? ଆରେ ଅଧାଘାତିଆମାନେ, ତମ ମାଇପମାନଙ୍କୁ ଶଙ୍ଖା, ସିନ୍ଦୂର ଭାରୀ ହେଲାଣି କରେ ?

ଆକସ୍ମିକ ଉଲକାପାତରେ ଚାରିହେଁ ଥମକିଗଲେ ।

ସପନୀବୁଢ଼ୀର ଜିଭ ନୁହେଁତ, କମାରସାହିର ଶାଣଦିଆ ଛୁରୀ !

ବୁଢ଼ୀ ଗର୍ଜୁଥିଲା ସେମିତି, ହଇରେ ମୋ ଆମ୍ବଗଛକୁ ଶିରିଆ ପଧାନ ବାଡ଼ି ଭିତରକୁ ନେଇଗଲ । ହଇରେ, ତମକୁ ଦିଅଁ ଦେବତା ଛାଡ଼ିଲେଣି କିରେ ?

ରାଧୁ ଶୁକୁଟା ମୁହଁକୁ ଚାହିଲା । ମଦନା ବାଇଧର ମୁହଁକୁ ।

ସକାଳ ବାଡ଼ କରିବାକୁ ଆସିବାବେଳେ ଶିରିଆ ପଧାନ ବାରମ୍ବାର ତାଗିଦ୍ କରିଯାଇଥିଲା, ଆମ୍ବଗଛ ଆରପଟେ ବାଡ଼ ବୁଲାଇ ଆଣିବାକୁ । ମନକୁମନ ସଫେଇ ଦେଲାଭଳି କହିଥିଲା, ଏ ଆମ୍ବଗଛ ମୋର । ଗତସନ ବାରୁଣୀମେଳାକୁ ଯାଇଥିବାବେଳେ ସପନୀବୁଢ଼ୀ ବେଢ଼ିନେଇଥିଲା । ତମେ ବେଢ଼ିଆଣ ।

ସେମାନେ ମଜୁରପାଣି ଲୋକ । ମାଲିକ କଥା ମାନି ଆମ୍ବଗଛ ବେଢ଼ିଆଣିଥିଲେ ।

ହେଲେ ସପନୀବୁଢ଼ୀ ଏ କଅଣ କହୁଛି ?

ରାଧୁ ପରିବେଶକୁ ଥଣ୍ଡା କରିବାକୁ ଯାଇ କହିଲା, ମାଉସୀ, ତୁ ତୁଚ୍ଛାଟାରେ ନିଆଁ ହେଉଛୁ କିଆଁ ? ଆମେ ତ ମଜୁର ମଣିଷ । ମାଲିକ ଯାହା କହିବ, ତା ମାନିବୁ । ଶିରିଆ ପଧାନ କହିଲାରୁ ବାଡ଼ କଲୁ । ତୁ ଯଦି କହୁଛୁ, ଆମ୍ବଗଛ ତୋର, ତାଙ୍କୁ ଡାକ । ଅମୀନ ଡାକ, ମାପ ହଉ । ଆମ ଉପରେ କିଆଁ ଗରମ ଦେଖାଉଛୁ ?

ସପନୀବୁଢ଼ୀ ୟା ଭିତରେ ଅଣ୍ଟିରେ ଧରିଥିବା ସୁନୁସୁନିଆ ଶାଗକୁ ଖଦୀ କାନିରେ ବାନ୍ଧି ହାତରେ ଧରିଥିବା ଦା'ଟିକୁ ଉଞ୍ଚାଇ କହିଲା, ବାଡ଼ ଏଇଠୁ ବନ୍ଦ । ଯିଏ ହାତେ ଆଗେଇବ, ଏଇ ଦା'ରେ କେଚାଏ ପକାଇବି । ଡାକ ତୋ ମାଲିକ ଶିରିଆ ପଧାନକୁ । ଡାକ ସାଇପଡ଼ିଶାକୁ । ସଭିଁଏ ଆପଣା ଆପଣା ପୁଅ ମୁଣ୍ଡ ଖାଇ ନିୟମ କରନ୍ତୁ । ଏ ଆମ୍ବଗଛ ମୋ ଶ୍ୱଶୁର ଗଇଦାସ ଲଗାଇଥିଲା ନା ନାହିଁ ! ଭଲଦଶା ଅଛି ତ ଉଠା ଏ ବାଡ଼ !

ଚାରିହେଁ ପରସ୍ପର ମୁହଁକୁ ଅନାଇ ରହିଲେ ।

ସପନୀବୁଢ଼ୀର ଶାଣଦିଆ ଜିଭକୁ କଷାଫଳ ଗାଆଁରେ କିଏ ନ ଡରେ ?

ନଖିଦାସର ପହିଲି ଭାରିଯା ସାପକାମୁଡ଼ାରେ ଚାଲିଗଲା ପରେ ନଖିଦାସ ତାକୁ ଦୁତୀଅ ହୋଇଥିଲା । ଜାମୁକୁଣ୍ଡା ଝିଅ, ସୁବର୍ଣ୍ଣରେଖା କୂଳର ଧାନୁଆ ଲଙ୍କା ଭଳି ଜହରୀ । ଯାହା ବୁଝିଥିବ, ସେଇଆ । ମରିବ ପଛେ ଜିଦ୍ ଛାଡ଼ିବ ନାହିଁ । ବୟସଦିନେ ବୁଢ଼ୀର ରୂପ ଥିଲା । ସେଇ ରୂପରେ ଘଇତାକୁ ବଣା କରି ରଖିଥିଲା ବୋଲି ଗାଁରେ ସମସ୍ତେ ଟାହୁଲିଟାପୁରା କରନ୍ତି । ତେବେ ମୁହଁରେ ନୁହେଁ, ପଛରେ । ମୁହଁରେ ସଭିଙ୍କର ବୁଢ଼ୀକୁ ପ୍ରାଣଭୟ ।

ସପନୀ ବୁଢ଼ୀ ପାଚିଲା ଆମ୍ବ ଭଳି ହଳଦୀରଂଗର ଦିହରୁ ଝାଳ ଥପ୍ ଥପ୍ ବୋହିପଡୁଛି । ଏଇ ଷାଠିଏ ବର୍ଷ ବୟସରେ ବି ବୁଢ଼ୀର ଜ୍ୟୋତିକୁ ଦେଖିଲେ ବୟସଦିନେ ଯେ ନଖିଦାସକୁ ବଣା କରି ରଖିଥିଲା, ସେ ଅପବାଦ ମିଛ ବୋଲି ପରତେ ହୁଏନା ।

ସପନୀ ବୁଢ଼ୀ ଚିହିଁକି ଉଠିଲା, ଶୁଭୁନି କିରେ ? ବାଡ଼ ଉଠାଅ । ବୁଢ଼ୀର ପାଟି ଶୁଣି ଆଖପାଖ ଘରର କିଛି ଲୋକ ଜମା ହୋଇଯାଇଥିଲେ । ସେମାନେ ଦୃଶ୍ୟଟିକୁ ଉପଭୋଗ କରିବାକୁ ଲାଗିଲେ ।

ଗାଆଁ ଗଣ୍ଡାରେ ବାଡ଼, ଗଛ ବା ଜମି ନେଇ କଥା କାଟାକଟି , ମନ ଫଟାଫଟି ବା ମରାମରି କିଛି ନୂଆ କଥା ନୁହେଁ । ପ୍ରତିବର୍ଷ ବୁଣା ବେଳେ ଅବା ରୁଆ ବେଳେ ଗୋଟିଏ ଦୁଇଟି ମୁଣ୍ଡ ଫାଟେ । ସେଇ ପୁରୁଣା କଥା । ସମ୍ପତ୍ତି ଉପରେ ସେଇ ଆଦିମ ଲୋଭ ।

କିଏ ଜଣେ ଦୌଡ଼ିଗଲା ଶିରିଆ ପଧାନ ଘରକୁ ।

ବୁଢ଼ୀର ପାଟିଶୁଣି ତା ବୋହୂ ଗୁରୁବାରୀ ରୋଷେଇଘରେ ତତଲା କରେଇ ଛାଡ଼ି ବାହାରି ଆସିଲା । ତା ହାତରେ ଖଣତି ।

ଏଣେ ଶିରିଆ ପଧାନ, ତା ସ୍ତ୍ରୀ, ଦୁଇ ଜୁଆନ ପୁଅ ବାଙ୍ଗା ଓ ମୂଷା ଏବଂ ନାତିନାତୁଣୀ ପଞ୍ଚାଏ ବାହାରି ଆସିଲେ ।

ଆରମ୍ଭ ହୋଇଗଲା ଘମାଘୋଟ ଲଢ଼େଇ ।

ସପନୀ ବୁଢ଼ୀ ଓ ଶିରିଆ ପଧାନ ପଡ଼ୋଶୀ । ଆଗରୁ ନଖିଦାସ ବଂଚିଥିବା ବେଳେ ଚଳାଚଳ ଭଲଥିଲା । ଶିରିଆ ପଧାନ ଆଉ ନଖିଦାସ ଦୁଇଭାଇ ଭଳି ରହୁଥିଲେ । ଘରେ ଭଲମନ୍ଦ ହେଉଥିଲେ । ସୁଖରେ ଦୁଃଖରେ ଦୁହେଁ ଦୁହିଁଙ୍କୁ ଲୋଡୁଥିଲେ । ଏମିତିକି ନଖିଦାସର ଆଗ ଭାରିଯାର ଝିଅ ରାଧୀ ବାହାଘର ଏକା ଶିରିଆ ପଧାନ ସମ୍ଭାଳିଥିଲା ବୋଲି ଏବେ ବି ଗାଆଁଲୋକେ କହନ୍ତି । ହେଲେ ନଖିଦାସ ଅଚାନକ ଚାଲିଗଲା ପରେ ସପନୀ ବୁଢ଼ୀ ଯେତେବେଳେ ହଦୀପୋଖରୀ ଉତ୍ତର ଦିଗରେ ଥିବା ଅଣ୍ଡିଆବାଡ଼ିକୁ ବିକିବାକୁ ଠିକଣା କଲା, ଶିରିଆ କିଣିବାକୁ ଚାହିଁଥିଲା । ହେଲେ ବୁଢ଼ୀ ଶେଷବେଳ ପର୍ଯ୍ୟନ୍ତ ସେ ବାଡ଼ିକୁ ହରିବୋଲିଆ ଜେନାକୁ ଦେଲା । ସେଇଦିନଠୁଁ ମନ ଫଟାଫଟି ।

ସପନବୁଢ଼ୀ ମିଛ କହୁନଥିଲା । କଲିକତା ଆମ୍ବଗଛ ତା ଶ୍ୱଶୁର ଗଇଦାସ ଲଗାଇଥିଲା । ହେଲେ ଜମିଟା ତାର ନୁହେଁ ବୋଲି ସମସ୍ତେ ଜାଣନ୍ତି । ଏମିତି ଖିଆଲରେ ସିନା ବୁଢ଼ୀ ଦିନେ ଘର ପଛପଟ ଜମିରେ ଟାକୁଆଟିଏ ପୋତି ଦେଇଥିଲା, ସେଇ ଟାକୁଆ ଯେତେବେଳେ ପତ୍ର ଗଜୁରାଇ, ଡେର ମଡ଼ାଇ ଦ୍ରୁମରେ ପରିଣତ ହୋଇଥିଲା, ସମସ୍ୟା ଉପୁଜିଲା । କାରଣ ସେଥର ବନ୍ଦୋବସ୍ତ କ୍ୟାମ୍ପ ପଡ଼ିଥିବା ବେଳେ ଅମୀନମାନେ ମାପ କରି କହିଲେ, ଆମ୍ବଗଛ ମୂଳ ଜମି ଶିରିଆ ପଧାନ ବାପା ନବଘନିଆ ପଧାନର, ଗଇଦାସର ନୁହେଁ । ଯାହାହେଉ, ସେତେବେଳେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଭଲ ଥିବାରୁ କିଛି ସମସ୍ୟା ହୋଇନଥିଲା । ଗଇଦାସ ନବଘନିଆକୁ କିଛି ଟଙ୍କା ଧାରଦେଇଥିଲା । ଅମୀନକୁ ଦୁଇଜଣ ଦୁଇଥର ଭାକୁଡ଼ମୁଣ୍ଡ ରାନ୍ଧି ଖୁଆଇଥିଲେ । କିନ୍ତୁ ଦୁର୍ଭାଗ୍ୟକୁ ପଟାପାଉତିରେ କିଛି ଲେଖା ହେଲା ନାହିଁ । ଅମୀନ ଚାହିଁଲା ନାହିଁ କି ଏମାନେ ଚାହିଁଲେ ନାହିଁ, କେହି ଜାଣନ୍ତିନି । ତେବେ ଫି ସନ ଆମ୍ବ ମୁରୁଶମ ବେଳେ ନବଘନିଆ ଘରକୁ ଗଇଦାସ ଦି'ଚାରିପଣ ଆମ୍ବ ଦେବା ରୀତି ହିଁ ଥିଲା । ନଖିଦାସ ବି ସେ ଆମ୍ବ ଦେବା ରୀତିକୁ ଭାଙ୍ଗିନଥିଲେ ।

ହେଲେ ସପନୀବୁଢ଼ୀ ମାତ୍ର ହଜାରେ ଟଙ୍କା ବେଶୀ ପାଇବା ଲୋଭରେ ଆସ୍ତିଆବାଡ଼ିକୁ ହରିବୋଲିଆ ଜେନାକୁ ଦେବା ପରଠୁଁ ଶିରିଆ ପଧାନ, ବୁଢ଼ୀର ଶିରୀ ଦେଖିଲା ନାହିଁ । ଯିବାଆସିବା ବନ୍ଦ ହୋଇଗଲା । ସପନୀବୁଢ଼ି ନାଆଁରେ ଗାଆଁରେ ମିଛ ସତ ଯୋଡ଼ି ବାରକଥା କହିବାକୁ ଆରମ୍ଭ କଲା ଶିରିଆ । ରାଗରେ ବୁଢ଼ୀ ଆମ୍ବ ଦେବା ବନ୍ଦ କରିଦେଲା ।

ବାପ ଅମଳରୁ ପାଇଆସୁଥିବା ଭେଟି ବନ୍ଦ ହେବାର ଦେଖି ଶିରିଆ ପୁରୁଣା ପଟ୍ଟାପାଉତି ଖୋଜିଲା । ହେଲେ ସେସବୁ ଆଉ ନଥିଲା । ତାକୁ ଅନେକ ଆଗରୁ ମୂଷା ଖାଇଯାଇଥିଲା ।

ଏସବୁ ଅନେକ ଦିନର କଥା । ସପନୀର ସେତେବେଳେ କମ୍ ବୟସ । ଚାରିବର୍ଷ ଆଗରୁ ବିଧବା ହୋଇଛି । ଏକମାତ୍ର ପୁଅ ବାୟା ପାଂଚବରଷର ।

ବର୍ତ୍ତମାନ କାହାରି ପାଖରେ ପଟ୍ଟାପାଉତି ନାହିଁ । ସେତେବେଳେ ଅନେକ ଲୋକ ମରିହଜି ଗଲେଣି । ଆମ୍ବଗଛର ସ୍ୱତ୍ୱନେଇ ଦୁଇଜଣ ଏବେ ବି ଯିଏ ଯାହାକୁ ନଛୋଡ଼ବନ୍ଧା ।

ପ୍ରତି ଦୁଇ ତିନିବର୍ଷରେ ଏମିତି ଝଗଡ଼ା ହୁଏ । ଅମୀନ ଆସେ । ମଧ୍ୟସ୍ତି ବସନ୍ତି । ଉଭୟଙ୍କୁ କୁହାଯାଏ, ଆମ୍ବଗଛ ସିଧାରେ ବାଡ଼ କରିବାକୁ । ବାଡ଼ ଏପଟ ସପନୀବୁଢ଼ୀର, ଆରପଟ ଶିରିଆ ପଧାନର ।

କିଛିଦିନ ସେମିତି ଚାଲେ । ଲୋକଦେଖାଣିଆକୁ ଦୁଇଜଣ ଅଧାକରି ଆମ୍ବ ପାଆନ୍ତି । ହେଲେ ଯେବେ ବୁଢ଼ୀ ସୁବିଧାପାଏ, ଶିରିଆ ପଧାନ ପଟେ ଥିବା ବାଡ଼ିରୁ ଆମ୍ବ କୁଢ଼ାଇ ନେଇଯାଏ । ଏଣେ ବୁଢ଼ୀ କେବେ ଝିଅଘରକୁ ଯାଇଥିଲେ ବା ପୁଅବୋହୂ ଘରେ ନଥିଲେ ଶିରିଆ ବି ନାତିନାତୁଣୀଙ୍କୁ ପଠାଇ ବୁଢ଼ୀ ବାଡ଼ିରେ ପଡ଼ିଥିବା ଆମ୍ବ ନେଇଆସେ ।

ବୁଢ଼ୀ କି ତା ପୁଅବୋହୂ କୁଆଡ଼େ ଗଲେ ଶିରିଆ ଆମ୍ବଗଛ ବେଢ଼ିଆଣେ । ପୁଣି ଶିରିଆ କୁଆଡ଼େ ଯାଇଥିଲେ ବା ପୁଅମାନେ ଘରେ ନଥିଲେ ବୁଢ଼ୀ ଆମ୍ବଗଛ ବେଢ଼ିଆଣେ ।

ଗତସନ ଶିରିଆ ବାରୁଣୀମେଳାକୁ ଯାଇଥିଲା । ଦୁଇପୁଅ ବାଙ୍କା ଓ ମୂଷା ଭଉଣୀ ଶାଶୁଘରକୁ ଯାଇଥିଲେ । ସେଇ ସୁଯୋଗରେ ବୁଢ଼ୀ ଅଚାନକ ଆମ୍ବଗଛ ବେଢ଼ିନେଇଥିଲା । ଶିରିଆ ସବୁ ଦେଖିଲା, ଚୁପ୍ ରହିଲା ।

ଦିସପ୍ତାହ ତଳେ ଶିରିଆ ସହିତ କଥାବାର୍ତ୍ତା କରି ଫେରିଛି । ଦୁଇହଜାର ନେବ ହେଲେ ଆମ୍ବଗଛ ତଳ ଜମିକୁ ପଟ୍ଟାରେ ଉଠାଇଦେବ । ସେଇ ଦମ୍ଭରେ ସେ ଆଜି ବାଡ଼ କରୁଛି ।

ଘଂଟା କେତୋଟି ଭିତରେ ସେଠି କୁରୁକ୍ଷେତ୍ର ଆରମ୍ଭ ହୋଇଗଲା । ଏପଟେ ସପନୀ ବୁଢ଼ୀର ଗାଳି ଓ ପାଟି ଓ ଆରପଟେ ଶିରିଆ ପଧାନ ଓ ତାର ଦୁଇ ଜୁଆନ୍ ପୁଅଙ୍କର ପାଟି ଓ ଧମକ୍ ।

ଶିରିଆ ପଧାନ ଏବେ ଗାଆଁରେ ଅବସ୍ଥାପନ୍ନ ଚାଷୀ ଭିତରେ ଗଣାହୁଏ । ପାହିରେ ଚାରିଏକର ଜମି, ଚାରିଖଣ୍ଡ ବରଜ । ତାଛଡ଼ା ବାଡ଼ିରେ ପଚାଶଷାଠିଏ ନଡ଼ିଆଗଛ, ଗୁଆଗଛ । ଦୁଇପୁଅ ପାରିଯିବାଠୁଁ ରୋଜଗାର ଆହୁରି ବଢ଼ିଛି ।

ଅନ୍ୟପଟେ ନଖିଦାସ ଚାଲିଗଲା ପରେ ବାପଛେଉଣ୍ଡ ପିଲା ବାୟାକୁ ନେଇ ସପନୀ କାହିଲ ହୋଇଗଲା । ପାହିଜମି ବିକିଦେବାକୁ ପଡ଼ିଲା, ଦେଖିବ କିଏ ? ଏଣେ ଗାଆଁ ଜମି ବି ଭାଗ ଦେବାକୁ ବାଧ୍ୟ ହେଲା, ବୁଝିବ କିଏ ? ଆଗଭଳି ତାର ଅବସ୍ଥା ରହିଲା ନାହିଁ । ଏବେ ବାୟା ବଡ଼ ହେବାଠୁଁ ବୁଢ଼ୀର ଦିନ ଫେରୁଛି, ତେବେ ଆଗ ସୁଖ ଫେରିବାକୁ ଆହୁରି ଢ଼େର ବାକି ।

(କ୍ରମଶଃ)

## ଅନୁବାଦ ଗଳ୍ପ

# ଶହୀଦଙ୍କ ମାଆ



ମୂଳହିନ୍ଦୀ- ସୁମନ ଓବରାଇ



ଅନୁବାଦ- ବିନୟ କୁମାର ଦାସ

ଶହୀଦଙ୍କ ପାର୍ଥିବ ଶରୀର ଯେମିତି ତାଙ୍କ ନିଜ ଗାଁରେ ପହଁଚିଲା, ସାରା ଗ୍ରାମବାସୀ ତଥା ଆଖପାଖ ଗ୍ରାମ ମାନଙ୍କରୁ ଲୋକମାନେ ତାଙ୍କର ଅନ୍ତିମ ଦର୍ଶନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଆସିଗଲେ । ଅଶ୍ରୁପୂତ ନୟନରେ ଶୋକରେ ଭାଙ୍ଗି ପଡି ସେମାନେ ଶହୀଦଙ୍କୁ ସେମାନଙ୍କର ଶ୍ରଦ୍ଧାଞ୍ଜଳି ଜଣାଇଲେ । ମାତ୍ର ଅଡତିରିଶ ବର୍ଷ ବୟସର ଏହି ବୀର ଶହୀଦଙ୍କ ବାର ବର୍ଷର ପୁଅ ଆଉ ଆଠ ବର୍ଷର ଝିଅଙ୍କ ଆଖିରୁ ଅବିରତ ଲୁହ ବହି ଚାଲିଥିଲା । ମାଆ ଓ ପତ୍ନୀ ଶୋକ ଜର୍ଜରିତ ହୋଇଥିଲେ ବି ମନେମନେ ଖୁବ୍ ଗର୍ବ ଅନୁଭବ କରୁଥିଲେ । ଉପସ୍ଥିତ ଜନତାଙ୍କ ମୁହଁରେ ଶହୀଦଙ୍କ ବୀରତା ଓ ଦେଶ ମାତୃକା ପାଇଁ ଜୀବନ ବଳି ଦେବା କଥା ଆଲୋଚିତ ହେଉଥିଲା । ସେତକ ଶୁଣି ତାଙ୍କ ପୁଅଝିଅ ହତପ୍ରଭ ହୋଇ ଯାଉଥିଲେ । ନିଜର ପିତାଙ୍କ ପାଇଁ ସେମାନେ ବି ଗର୍ବରେ ଫାଟି ପଡୁଥିଲେ ।

ଅନ୍ତ୍ୟେଷ୍ଟିକ୍ରିୟା ସରିବାର ଚାରିଦିନ ପରେ ବିପକ୍ଷ ଦଳର ଜଣେ ନାମୀ ନେତା ତାଙ୍କର ଦଳବଳ ସହ ଆସି ପହଁଚିଗଲେ ଶହୀଦଙ୍କ ବାସଭବନରେ । ଔପଚାରିକ ସାନ୍ତ୍ୱନା ଦେବା ପରେ ନେତାଜଣକ ଶାସକଦଳ ବିରୁଦ୍ଧରେ କଟୁ ସମାଲୋଚନା କରି ଶହୀଦଙ୍କ ମାଆଙ୍କୁ କହିଲେ, "ସରକାରଙ୍କର ଆପଣଙ୍କ ପାଇଁ ବହୁତ କିଛି କରିବାର ଥିଲା । ଆପଣଙ୍କ ଏକମାତ୍ର ପୁତ୍ର ନିଜ ଜୀବନକୁ ପାଣି ଛଡେଇ ଦେଶମାତୃକାର ରକ୍ଷା କରିବା ଉଦ୍ଦେଶ୍ୟରେ ନିଜର ଅମୂଲ୍ୟ ଜୀବନକୁ ବିସର୍ଜନ ଦେଇଦେଲେ । କିନ୍ତୁ ସରକାର ଏଯାବତ୍ ଚୁପ ବସି ରହିଛନ୍ତି । ତେଣୁ ଆମ ଦଳ ଏଥିପାଇଁ ପ୍ରତିବାଦ ସଭା କରିବ, ଧାରଣା ରେ ବସିବ । ଆପଣଙ୍କୁ ନ୍ୟାୟ ଦେବା ପାଇଁ ଯେତେ ଯାହା ଦରକାର ସବୁ କରିବ । ଛାଡନ୍ତୁ, ଏ ସରକାର ତ ସେମିତି । ତାଙ୍କ ଠାରୁ ଏ ସବୁ ଆଶା କରିବା ଆମର ମୂର୍ଖାମୀ । ତେବେ ଆପଣ ନିରାଶ ହୁଅନ୍ତୁ ନାହିଁ । ଆମେ ସେମିତି ଚୁପ୍ ହୋଇ ରହି ପାରିବୁନି । ସେତକ ଆମେ କରିବୁ ଆପଣଙ୍କ ପାଇଁ ଆଉ ଏ ପରିବାର ପାଇଁ । ଆଜି ତ ଆମେ ଆପଣଙ୍କ ପାଇଁ ରାସନ ନେଇ ଆସିଛୁ । ଏ ଚାଉଳ ଡାଲି ବସ୍ତା ଆଜି ଦେଇ ଯାଉଛୁ । ଭବିଷ୍ୟତରେ ଆମ ଦଳ ଆପଣଙ୍କ ପାଇଁ ଅନେକ କିଛି ପଦକ୍ଷେପ ନେବାକୁ ଯୋଜନା କରି ସାରିଛି । ଆପଣ ଖାଲି ଦେଖନ୍ତୁ ଆମେ କଣ କରିଚାଲିଛୁ ।"

ନେତାଙ୍କ ଏହି ଭାଷଣକୁ ସାଥୀରେ ଆସିଥିବା ସମର୍ଥକମାନେ ତାଳି ମାରି ଉତ୍ସାହିତ କରିବାକୁ ଲାଗିଲେ । ତହୁଁ ଶହୀଦଙ୍କ ମାଆ କହିଲେ, "ଆପଣଙ୍କର ଯେତେ ଯାହା କହିବାର ଥିଲା, କହିଗଲେ ତ ? ଆଉ ଯଦି କହିବାର ନଥାଏ, ତେବେ ମୁଁ କିଛି କହିବି ଆପଣଙ୍କୁ ।"

"କୁହନ୍ତୁ ମାଆ, ଆପଣଙ୍କ ସବୁ କଥା ଆମେ ଶୁଣିବୁ ।"

"ନେତାଜୀ...ଆପଣଙ୍କୁ ଆମର ଏ ପ୍ରକାର ମାନସିକତା ବେଳେ ଏମିତି ସବୁ ବାଜେ କଥା କହିବାକୁ ଟିକେ ବି ଲାଜ ଲାଗୁନି ? ଶହୀଦର ମୃତ୍ୟୁରେ ବି ରାଜନୀତି କରିବାକୁ ସିଧାସଳଖ ଚାଲି ଆସିଛନ୍ତି ତାଙ୍କର ବାସଗୃହକୁ ? ଗୋଟିଏ କଥା ମନେ ରଖିଥାଆନ୍ତୁ, ଆମେ ଯେତେବେଳେ ଆମର ପୁଅକୁ ଦେଶ ସେବା ପାଇଁ ସେନା ବିଭାଗରେ ଭର୍ତ୍ତି କରାଇଛୁ, ସେତେବେଳେ ଆମେ ସରକାରଙ୍କ ସହିତ କିଛି ବି ସଉଦା କରି ନାହୁଁ । ସର୍ତ୍ତ ରଖିନୁ କି ଆମ ପୁଅ ଶହୀଦ ହୋଇଗଲେ , ତୁମେ ଆମକୁ ତା ପ୍ରତିବଦଳରେ ଏଇ ସବୁ ଦେବ । ଆମେ ଆମ ଦେଶକୁ ଭଲପାଉଁ , ଦେଶ ପ୍ରତି ଆମର କିଛି କର୍ତ୍ତବ୍ୟ ରହିଛି ବୋଲି ତ ନିଜ ସନ୍ତାନକୁ ଆମେ ଜାଣିଶୁଣି ମୃତ୍ୟୁ ମୁଖକୁ ଠେଲି ଦେଇଛୁ । ଆମ ପୁଅ ଶହୀଦ ହୋଇଗଲେ, ଆମ ନୟନରୁ ଲୁହ ତ ଝରିବ ...କିନ୍ତୁ ଆମ ଛାତି କୁଣ୍ଢେମୋଟ ଆଉ ମୁଣ୍ଡ ଗର୍ବରେ ଉଚ୍ଚ ହୋଇଯିବ । ସେମିତି ଅନୁଭବ ତୁମ ଭଳି ହୀନରାଜନୀତି କରୁଥିବା ନେତା କସ୍ମିନକାଳେ ବୁଝି ପାରିବ ନାହିଁ । ଖାଲି ଏତିକି ଚେତାବନୀ ଦେଉଛି, ଭବିଷ୍ୟତରେ ଏ ହୀନ ରାଜନୀତି ଠାରୁ ନିଜକୁ ଆଉ ନିଜ ଦଳକୁ ଦୂରେଇ ରଖନ୍ତୁ । କମସେ କମ୍ ଦେଶକୁ ଭଲ ପାଆନ୍ତୁ । ଅନ୍ୟମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଇବାକୁ ଚେଷ୍ଟା କରନ୍ତୁ । ଏ ରାସନ ବସ୍ତା ତୁରନ୍ତ ଏଠାରୁ ଉଠାଇ ନେଇ ମୋ ଆଖି ସାମ୍ନାରୁ ଚାଲି ଯାଆନ୍ତୁ । "

ଏତକ ଶୁଣିବା ପରେ ଆଉ ଶହୀଦଙ୍କ ମାଆଙ୍କର ନିଜ ପୁତ୍ରର ମୃତ୍ୟୁରେ ଗର୍ବ ଅନୁଭବ କରୁଥିବା ବିଶାଳ ହୃଦୟର ପରିଚୟ ପାଇ, ନେତାଜଣକ ନିଜକୁ ଲଜ୍ଜିତ ମନେ କଲେ ଓ ଆଉ ପଦେ କିଛି ନକହି ମୁହଁ ତଳକୁ କରି ସେଠାରୁ ଚାଲିଗଲେ ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ-୭୯୭୮୮୬୦୩୬୩

ଗୋଟେ ବହିର ଆଲୋଚନା..

# କାବ୍ୟ ନାୟିକାର ସ୍କେଚ୍



## ଡ. ପ୍ରସନ୍ନ କୁମାର ମହାନ୍ତି

'ଏକା ଏକା ବର୍ଷା ମିଶ୍ର' କବି ଅଭିରାମ ଦାସଂକର ସପ୍ତମ କବିତା ଗ୍ରନ୍ଥ। ସ୍ୱତନ୍ତ୍ର ଶୀର୍ଷକ ବିହୀନ ୬୪ଟି କବିତାର ସମାହାର ଏହି ଗ୍ରନ୍ଥ। ୧-୨-୩- ସଂଖ୍ୟା ସୂଚକ କ୍ରମିକ ଶୀର୍ଷକରେ ଏଗୁଡ଼ିକ ପରିବେଷିତ। ବସ୍ତୁତଃ, ୬୪ଟି ଖଣ୍ଡାଂଶରେ ବିଭକ୍ତ ଏହା ଏକ ଦୀର୍ଘକବିତା ବୋଲି କହିଲେ ହୁଏତ ଅଧିକ ଯୁକ୍ତିଯୁକ୍ତ ହେବ। କାରଣ, ବର୍ଷା ମିଶ୍ର ନାମ୍ନୀ କାଳ୍ପନିକ କାବ୍ୟ ନାୟିକାକୁ ନେଇ କାବ୍ୟନାୟକଙ୍କ ସ୍ମୃତିଚାରଣ, ଭାବାବେଗ, ଆତ୍ମମଂଥନ, କାମନା, ସ୍ୱଗତୋକ୍ତି ଓ ସଂବୋଧନାଦି ସମନ୍ୱିତ ଉଚ୍ଚାରଣ ସମୂହ କବିତାର ଆମୂଳାଂତ ସଂପ୍ରସାରିତ।

ଗ୍ରନ୍ଥର ମୁଖବଂଧରେ କବି କହନ୍ତି ଯେ, ବର୍ଷା ମିଶ୍ର କିଏ ସେ ଜାଣନ୍ତି ନାହିଁ। ସେ କିନ୍ତୁ କବିଙ୍କ ଚେତନା (କଳ୍ପନା?) ମଧ୍ୟକୁ ବାରମ୍ବାର ପଶିଆସେ ଓ ତାଙ୍କସହ କଥାବାର୍ତା, ଦୁଃଖସୁଖ ହୁଏ। - ଏତକ ପଢ଼ିଲାପରେ ପାଠକଙ୍କ ମନେହେବା ସ୍ୱାଭାବିକ ଯେ ବର୍ଷା ମିଶ୍ର କବିଙ୍କର ଏକ କଳ୍ପନା, ତାଙ୍କ ସର୍ଜନର କାଳ୍ପନିକ କାବ୍ୟନାୟିକା। କିନ୍ତୁ କବିତା ଗୁଡ଼ିକୁ ଉତ୍ତରୋତ୍ତର ପଢ଼ିଚାଲିଲେ ସେହି ଅବଧାରଣା ସାମ୍ନାରେ ଏକ ବିରୋଧାଭାଷ ଆସି ଛିଡ଼ା ହୋଇଯାଏ। ବର୍ଷା ମିଶ୍ର କିଏ ସେକଥା କବି ଜାଣନ୍ତି ନାହିଁ ବୋଲି ସିନା ଘୋଷଣା କରନ୍ତି, କିନ୍ତୁ ପରପର ତା ବିଷୟରେ ସେ ଏତେ କଥା କହନ୍ତି ଯେ ତାଙ୍କର ସେ କାଳ୍ପନିକ କାବ୍ୟନାୟିକା ବିଧିବଦ୍ଧ ପରିଚୟଧାରୀ ଏକ ବାସ୍ତବ ଅସ୍ତିତ୍ୱରେ ପରିଣତ ହୋଇଯାଇଥିବାର ଦେଖାଯାଏ।

୬୪ଟି କବିତା ପଢ଼ି ସାରିଲା ବେଳକୁ ବର୍ଷା ମିଶ୍ରଙ୍କ ସଂପର୍କରେ ଅନେକ କଥା ଜଣାପଡ଼ିଯାଇଥାଏ। ଯେମିତି ୧- ବର୍ଷା ମିଶ୍ର ଜଣେ ଅଧ୍ୟାପିକା। ୨- ସେ ଜଣେ କବି। ୩- କାବ୍ୟ ନାୟକ/ କବି ବର୍ଷାଙ୍କ କବିତାର ମୁଗ୍ଧ ପାଠକ। ୪- ବର୍ଷା ମିଶ୍ର ଗାଳ୍ପିକା ମଧ୍ୟ। ୫- ସେ ବିବାହିତା। ୬- ବେଳେବେଳେ ସେ ବିକିନି ପିନ୍ଧିବା ନଜରରେ ଆସନ୍ତି। ୭- ସଭାସମିତି ଓ ଶୋଭାଯାତ୍ରାରେ ସେ ବେଳେବେଳେ ନେତୃତ୍ୱ ନିଅନ୍ତି। ୮- ତାଙ୍କର ମନ ଥାଏ ଧନସଂପତ୍ତିରେ। ୯- ପୃଥିବୀର ବିଭିନ୍ନ ସହରରେ ରହିଛି ତାଙ୍କର ଠିକଣା। ୧୦- ୩୦ବର୍ଷ ହେଲା କବି ତାଙ୍କୁ ଖୋଜୁଛନ୍ତି ଓ ଚିଠି ଲେଖୁଛନ୍ତି।... ଇତ୍ୟାଦି ଇତ୍ୟାଦି। ଏକ କାଳ୍ପନିକ ଚରିତ୍ରର ବିସ୍ତୃତ ପରିଚୟ ମଧ୍ୟ ହୁଏତ କଳ୍ପନା କରାଯାଇପାରେ, ତେବେ ଅଧିକ ଲୌକିକତା ଓ ବିରୋଧାଭାଷ କଳ୍ପନାର ଶତ୍ରୁପକ୍ଷରେ ମଧ୍ୟ ଛିଡ଼ାହୋଇଯାଇପାରନ୍ତି!

"ବର୍ଷା ମିଶ୍ରର ସବୁ ଅଛି/ଘରଦ୍ୱାର ସଂସାର/ ପିଲାଝିଲା ଧନସଂପତ୍ତି/ ଗାଡ଼ି ଘୋଡ଼ା ପାଟ ପଟୁଆର।"(୨୪)

କିନ୍ତୁ ଏସବୁ ଥାଇ ବି ସେ ଅନୁଭବ କରନ୍ତି ନିଃସଂଗତା, ଏକାକୀତ୍ୱ। ସେ କାବ୍ୟନାୟକଂକୁ ଚିଠି ଲେଖନ୍ତି - ସାର୍, ପୂଜାରେ ସ୍ୱାମୀଙ୍କ ସହ ବୁଲି ଆସିଛି। ଫେରିଲେ ସବୁ କହିବି। ଆପଣଙ୍କ ପ୍ରେମ ମୋତେ ଅଭୟ ଦେଇଛି। ଚାଲଂତୁ ଏ ସହର ଛାଡ଼ି ଆମେ ଦୁହେଁ ଚାଲିଯିବା ଦୂରକୁ- ଯେଉଁଠି କୁଳୁକୁଳୁ ନଇଟେ ବହୁଥିବ, ଦି'ପଟେ ଧାନ କିଆରି, ଶୋରିଷ ଫୁଲ ଓ କାଶତଣ୍ଡି ଫୁଲ ଶୋଭା ପାଉଥିବ।

ପୁଣି ବର୍ଷା ମିଶ୍ରଙ୍କର ଆଉ ଏକ ପରିଚୟ ମିଳେ। ସେ ଅସାଧାରଣ ଭାବେ ବିତ୍ତଶାଳିନୀ ଏବଂ ଜଣେ ଗ୍ଲୋବଲ ସିଟିଜେନ୍ ବା ବିଶ୍ୱ ନାଗରିକ ଭଳି ଦେଖାଯାଆନ୍ତି।

କବିତା ସଂଖ୍ୟା-୪୬ ଅନୁଯାୟୀ ବର୍ଷା ମିଶ୍ର ହଠାତ୍ ଦିନେ ନିଖୋଜ ହୋଇଯାଆନ୍ତି। କାବ୍ୟ ନାୟକ ତାଙ୍କୁ ସାରା ବିଶ୍ୱରେ ଖୋଜିବାକୁ ବାହାରିଛନ୍ତି। ବଂଧୁବାଂଧବଂକଠାରୁ ତାଙ୍କ ଠିକଣା ସଂଗ୍ରହ କରିଛନ୍ତି। ସେ ଠିକଣା ସବୁ ଭାରତର ବିଭିନ୍ନ ସହର ତଥା ଇଉରୋପ୍ ଓ ଏସିଆ ମହାଦେଶର ଭିନ୍ନ ଭିନ୍ନ ଦେଶର। କଟକ, ପୁରୀ, ବାଲେଶ୍ୱର, ଦିଲ୍ଲୀ, ବମ୍ବେ, ମାଡ୍ରାସ, ହଂକଂ, ଲଂଡନ, ଭିଏତନାମ୍....। ଏଠି ମନେ ହେବ ବିଭିନ୍ନ ବିଦେଶବାସିନୀ ବର୍ଷା ମିଶ୍ର ଟାଟା ଅମ୍ବାନିଙ୍କ ପରି ଜଣେ ଧନ କୁବେର ! ଉକ୍ତ ଠିକଣାମାନଙ୍କୁ ଚିଠି ଯାଇ ପ୍ରାପକଂକୁ ନପାଇ ଫେରିଆସିଛି। ଖବର କାଗଜରେ ସେ ନିରୁଦ୍ଦିଷ୍ଟ ବୋଲି ତାଙ୍କ ଫଟୋ ମଧ୍ୟ ଛପା ହୋଇଛି। ଏହାର ୧୨ଟି କବିତା ପରେ କବିତା ସଂଖ୍ୟା ୫୯ରେ କବି କହଂତି-ବର୍ଷା ମିଶ୍ର! ତମେ କେଉଁଠି ଲୁଚିଛ, ହଜାର ହଜାର ବର୍ଷର ଗବେଷଣା ପରେ ବି ତାହା ଜଣା ପଡ଼ିଲା ନାହିଁ। ପାଠକ ଏଇଠି ସମସ୍ୟାରେ ପଡ଼ିଯାଏ। 'ହଜାର ହଜାର ବର୍ଷ' ଏବଂ ବର୍ଷା ମିଶ୍ର? ପୁଣି 'ଗବେଷଣା? ଏପରି ଅଲୌକିକତା ବର୍ଷା ମିଶ୍ରଙ୍କ ପରିଚୟ ପୁଣିଥରେ ପରିବର୍ତ୍ତିତ କରିଦେବାକୁ ବସେ। ବର୍ଷା ମିଶ୍ର କ'ଣ ଜଣେ ଦେବୀ, ଯୋଗିନୀ ନା ମାୟାବିନୀ? ସେ ଯାହାହେଉ, କବି କିଂତୁ ଶେଷତଃ ବର୍ଷା ମିଶ୍ରଙ୍କୁ ଜଣେ ମାନବୀ ଭାବେ ହିଁ ଉପସ୍ଥାପିତ କରିବାକୁ ଚାହିଁଛଂତି।






ପ୍ରକାଶକ- ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର

ପ୍ରଥମ ସଂସ୍କରଣ- ୨୦୨୨
ପୃଷ୍ଠା ସଂ.- ୧୮୮
ମୂଲ୍ୟ- ୨୨୫ ଟଙ୍କା।

ବାସ୍ତବ ଅନୁଭୂତି, ଅଂଗେନିଭା ଘଟଣା ଓ ତଜ୍ଜନିତ ଭାବାବେଗ ତଥା ପ୍ରତିକ୍ରିୟା ସହିତ କଳାତ୍ମକ ମୌଳିକ କଳ୍ପନା ଓ ଶାବ୍ଦିକ ଅଳଂକରଣର ସମନ୍ୱୟରେ ସାଧାରଣତଃ କବିତାଟିର ସର୍ଜନ ହୋଇଥାଏ। କୌଣସି କବିତାର ଭାବବସ୍ତୁ କାବ୍ୟ ନାୟିକାଟିଏ ଲୋଡ଼ି ମଧ୍ୟ ନପାରେ; ଯଦି ତାହା ପ୍ରେମାଧାରିତ କବିତା ହୋଇନଥାଏ। କିନ୍ତୁ ପ୍ରେମାତ୍ମକ ଭାବଭୂମି ଆଧାରିତ କବିତାର ନାୟିକା ଅନେକ ସମୟରେ କବି ବା କାବ୍ୟନାୟକ ଜୀବନର ଏକ ସତ୍ୟାନୁଭୂତି ସମ୍ବନ୍ଧିତ ହୋଇଥାଏ। ଅନ୍ୟପକ୍ଷରେ, କାବ୍ୟ ନାୟିକା ବାସ୍ତବତାରେ ଅନୁପସ୍ଥିତ ଥାଇ ସୁଦ୍ଧା ବିବିଧ କମନୀୟ କଳ୍ପନା ସମନ୍ୱିତ ଏକ କୋଲାଜ୍‌ରେ ରୂପାନ୍ତରିତ ହୋଇ ଜୀବନ୍ତ ବାସ୍ତବତାର ପ୍ରତୀତି ମଧ୍ୟ ପ୍ରଦାନ କରିପାରେ। ସେଥିପାଇଁ କାବ୍ୟିକ ନିଷ୍ଠା, ଏକାଗ୍ରତା, ଧୈର୍ଯ୍ୟ, ଉତ୍ସର୍ଗୀକୃତତା ଓ ଆତ୍ମବିଶ୍ୱାସ ଅପରିହାର୍ଯ୍ୟ ।

ଗ୍ରନ୍ଥର କେତେକ କାବ୍ୟାଂଶରେ ଅଛି ଚମତ୍କାର ଚିତ୍ରକଳ୍ପ ଓ ଅକୃତ୍ରିମ କଳାତ୍ମକ ବ୍ୟଂଜନା। ଏବଂ ତାହାହିଁ କବିତା ଗୁଡ଼ିକର ଐଶ୍ୱର୍ଯ୍ୟ। ଗୋଟିଏ ଦୃଷ୍ଟାନ୍ତ ଏଠାରେ ପ୍ରଦାନ କରାଯାଇପାରେ।

"ଖୁବ୍ ଶୀତ / ଏ ଦିହ ହାତ ଥରଥର / ଟାଣିନିଅ ବର୍ଷା ମିଶ୍ର/ ତୁମ ଭିତରକୁ /+ + + ଦେଖ ବର୍ଷା ମିଶ୍ର / ଖରା କେମିତି ଏ ଶୀତଦିନେ / ନଈପଠାରେ ବସି / ପିଉଚି ଚା।" (କ. ସଂ.- ୪୭)

ପକ୍ଷୀଘର ପ୍ରକାଶନୀ କର୍ତ୍ତୃକ ପ୍ରକାଶିତ ଗ୍ରନ୍ଥଟିର ପ୍ରଚ୍ଛଦ, ମୁଦ୍ରଣ ଓ ଆଂଗିକ ପରିପାଟୀ ଅତ୍ୟନ୍ତ ରୁଚିପୂର୍ଣ୍ଣ ଓ ଉଚ୍ଚକୋଟୀର।

♥ ଗ୍ୟାରେଜ ଛକ, ଭୁବନେଶ୍ୱର-୨

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୨୨

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)

♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ପ୍ରେମ ତା'ର ଅସ୍ତ୍ର ଆକାଶ ତା' ପିତା
ଆତ୍ମାର କଥା କହେ
ଲଲାଟରେ ତା'ର ସତ୍ୟର ଚିତା
ଜକଜକ ଦିଶୁଥାଏ ।୨୨୧ ।

ଧମନୀରେ ଯା'ର ମୈତ୍ରୀ ରକତ
ପ୍ରେମ ଗୀତ ଯାଏ ଗାଇ
ଘର୍ମ ଧାରରେ ଶାଂତିର ଗୀତିକା
ନିରନ୍ତର ଯାଏ ବହି ।୨୨୨ ।

ଏଡ଼ିକି ସୁନ୍ଦର ସ୍ନିଗ୍ଧ ତା'ର ରାତି
ନିର୍ମଳ ଗାଥା ଗାଏ
ମନରେ ଜଗାଏ ଦିବ୍ୟତ୍ୱ ପ୍ରୀତି
ଯୁଗ ଶେଷ ହେବା ଯାଏ ।୨୨୩ ।

ଆକାଶ ଆଖିରୁ ଲୁହ ପୋଛିବାକୁ
ଇନ୍ଦ୍ରଧନୁ ହୁଏ ଉଭା
ରଂଗ ବର୍ଣ୍ଣାଳୀରେ ଗାଆଁ ସଜକରେ
ନୀଳିମା ଅନନ୍ତ ଗଭା ।୨୨୪ ।

ଚେନା ଚେନା ମେଘ ବିଜୁଳି ଶବଦ
ବଢ଼ାଏ ବିଚ୍ଛେଦ କୋହ
ବର୍ଷାର ଅଛିଣ୍ଡା ପ୍ରବାହ ଛଡ଼ାଏ
ଇନ୍ଦ୍ରଧନୁର ମୋହ ।୨୨୫ ।

ସଫେଦ୍ ଧୋତୀ ଓ ପାଇଜାମା ପିନ୍ଧି
ଗାଁ ଯେବେ ହୁଏ ଉଭା
ଖୋଲିଯାଏ ଯେତେ ସୌନ୍ଦର୍ଯ୍ୟ ପସରା
ସକଳ ବର୍ଣ୍ଣବିଭା ।୨୨୬ ।

ଜହ୍ନରାତି ଯେବେ ଗାଆଁ ଦାଣ୍ଡେ ଡିଏଁ
କଅଁଳା ବାଛୁରୀ ପରି
ତରଳ ରୂପାର ପ୍ରଲେପରେ ଗାଆଁ
ସାଜେ ଗୋଟେ ଧଳା ପରୀ ।୨୨୭ ।

ଗାଆଁ ବାଟେ ଯଦି କେବେ ଚାଲିଯାଏ
ଅଦିନିଆ ପଥଚାରୀ
ଚପଳା କିଶୋରୀ ପରି ଗାଆଁ ଧାଏଁ
ଶବଦର କାନି ଧରି ।୨୨୮ ।

ଛୁଟି ପୁରିଗଲେ ପରବାସୀ ସ୍ୱାମୀ
ଯେତେବେଳେ ଫେରିଯାଏ
ପଛକୁ ଚାହିଁଲେ ଧୀରେ ଫେରିଯାଏ
ବିଦାୟର ହାତଟିଏ ।୨୨୯ ।

ଆଖି ସାଜିଯାଏ ମେଘର ଭଣ୍ଡାର
ତପ୍ତ ଅଶ୍ରୁ ପଡ଼େ ଝରି
ଶବ୍ଦ ଫେରୁଥା'ନ୍ତି ରାତି ଅଂଧାରରେ
କେତେ ଯେ ବାହାନା କରି ।୨୩୦ ।(କ୍ରମଶଃ)







# ବମ୍ ତୁଲ୍ ବୁଖାରା



୩୬

ଦୀପକ ରଂଜନ ମିଶ୍ର

## ।। ରାମଶରଣଲାଲ ଶର୍ମା-୨ ।।




ହେମଚନ୍ଦ୍ର ଓ ଉଲ୍ଲାସକରଙ୍କ ସହ ତେଲଘଣାରେ କାମ କରିବା ଯୋଗୁଁ ସେମାନଙ୍କ ଠାରୁ ଅନେକ କିଛି ଜାଣିବାକୁ ପାଆନ୍ତି ରାମଶରଣ । ହେମଦାଦା ଜେଲ୍‌ର ଦୂତ ମାନଙ୍କ ବିଷୟରେ ସୂଚନା ଦେବା ସହ ଚିଠି ଲେଖିବା ବେଳେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଅନ୍ତି । ଦଶଦିନ ଘଣା ପେଲିବା ପରେ ପୁଣି ତାଙ୍କୁ ପୂର୍ବ ତିନି ନମ୍ବର ବ୍ଲକ୍‌କୁ ଫେରାଇ ଅଣାଯାଏ । ସେତେବେଳେ ବାବୁରାମ ହରି ଓ ମହାତ୍ମା ନନ୍ଦଗୋପାଳଙ୍କୁ ମଧ ଘଣା ପେଲିବା କାର୍ଯ୍ୟରେ ଲଗାଯାଇଥାଏ । ବାବୁରାମ ହରି ପାରୁପର୍ଯ୍ୟନ୍ତେ କାମ କରିବାରେ ହେଳା କରନ୍ତି ନାହିଁ କିନ୍ତୁ ନନ୍ଦଗୋପାଳ ଈଶ୍ୱରଙ୍କ ବ୍ୟତୀତ ଆଉ କାହା ଆଗରେ ମୁଣ୍ଡ ନୋଇଁବା ଲୋକ ନୁହଁନ୍ତି । ଯେତେ ଧମକ୍ ଚମକ୍ ଦେଲେ ସୁଦ୍ଧା ତାଙ୍କ ଉପରେ ସେସବୁର କିଛି ବି ପ୍ରଭାବ ପଡ଼େନାହିଁ । ନିଜ ଦ୍ୱାରା ଯେତିକି ସମ୍ଭବ ସେତିକି କାମ କରିବା ପରେ ସେ ବିଶ୍ରାମ ନେବା ସହ ସବୁବେଳେ ପଢ଼ାପଢ଼ି କରିବା ପାଇଁ କିଛି ବହି ମାଗୁଥାନ୍ତି ଜେଲ୍ କର୍ତ୍ତୃପକ୍ଷଙ୍କୁ । କଏଦୀମାନଙ୍କୁ ନିୟମିତ ବହି ପଢ଼ିବାକୁ ଦେବାର ବ୍ୟବସ୍ଥା ନଥିଲା ସେଲ୍ୟୁଲାର ଜେଲ୍‌ରେ । ଧର୍ମକୁ ଆଖିଠାର ମାରିବା ଭଳି ରବିବାର ଦିନ ସକାଳ ୯ଟା ବେଳେ ଜଣେ ବସ୍ତାରେ କିଛି ବହି ବୋହିଆଣି ଦୁଇ ଦୁଇଖଣ୍ଡ କରି ପ୍ରତି କୋଠରୀରେ ଦେଇଯାଏ ଓ ଅପରାହ୍ଣ ଚାରିଟା ବେଳକୁ ଆସି ନେଇଯାଏ । କିନ୍ତୁ ନନ୍ଦଗୋପାଳଙ୍କ ନିରନ୍ତର ପ୍ରୟାସ ଯୋଗୁଁ କଏଦୀମାନଙ୍କୁ ଖଣ୍ଡେ ବହି ସବୁବେଳେ ନିଜପାଖରେ ରଖିବାକୁ ଅନୁମତି ଦିଅନ୍ତି ଜେଲ୍ ସୁପରିଂଟେଣ୍ଡେଣ୍ଟ୍ । ସେ ଭାବିଥାନ୍ତି ଟିକିଏ ରିହାତି ଦେଲେ ନନ୍ଦଗୋପାଳ ମନ ଲଗାଇ କାମ କରିବେ ବୋଲି । ବଙ୍ଗାଳୀମାନେ ବାରୀ ସାହେବ୍‌ଙ୍କୁ ଅନେକଥର ଅନୁରୋଧ କରି ଏଥିରେ ରାଜି କରେଇଥାନ୍ତି ଯେ କୌଣସି ସାଥୀ ଘଣା ପେଲିବାରେ ଅସମର୍ଥ ହେଲେ ସେମାନେ ମିଳିମିଶି ତା' କାମକୁ ପୂରା କରିଦେବେ । ଏଇ ନୀତି ଆପଣେଇ ରାମଶରଣ ବି ନନ୍ଦଗୋପାଳଙ୍କ କାମ ପୂରା କରିବାକୁ ଲାଗନ୍ତି ।

ଯେମିତି ସେମିତି ହେଉ ଚାରିମାସ କଟିଗଲା ପରେ ରାମଶରଣଙ୍କୁ ନିଜ ଗୁପ୍ତ ଚିଠି ଲେଖିବାକୁ ସୁଯୋଗ ମିଳେ । ସେଦିନ ଥାଏ ରବିବାର । କଏଦୀମାନେ ନିଜ ନିଜ କପଡ଼ା ସଫା କରି ସାରିବା ପରେ ଏକତ୍ର ଗୋଟିଏ ସ୍ଥାନରେ ବସିଥାନ୍ତି । ରାମଶରଣ ତାଙ୍କ ଜିଲ୍ଲାର ସେଇ ଜମାଦାର ସହ ପୂର୍ବରୁ ଯୋଜନା କରିଥାନ୍ତି କ'ଣ କରିବେ ବୋଲି । ଇୟେ ଜାଣି ଜାଣି ଜଣେ ସହବନ୍ଦୀଙ୍କ ସହିତ କଥା ଆରମ୍ଭ କରିଦିଅନ୍ତି । ଜମାଦାର ଏହା ଦେଖି ରାଗିବାର ଅଭିନୟ କରି ଆସି ପାଖରେ ପହଁ କହେ, "କ'ଣ ଫୁସୁର ଫୁସୁର ହେଉଛୁ ? ତୁମମାନଙ୍କୁ ନିଜ ନିଜ ଭିତରେ କଥା ହେବାପାଇଁ ମନା କରାହୋଇଛି ନା । ନିୟମ ମାନି ଚଳି ପାରୁନୁ । ଚାଲ୍ ତୋତେ ତୋ କୋଠରୀରେ ବନ୍ଦ କରିଦେଇ ଆସିବି । ସାରାଦିନ ସେଭିତରେ ରହିଲେ ତୋର ମନ ମାନିଯିବ ।" ରାମଶରଣ ତା'ର କଥାର କୌଣସି ପ୍ରତିବାଦ ନକରି ନିଜ ଥାଳିଗିନା ଓ ବହିଧରି ବାଧ ଶିଶୁଟିଏ ପରି ଉପର ମହଲାକୁ ଯିବାପାଇଁ ବାହାରିପଡ଼ନ୍ତି । ପୁରୁଣା କିଛି ବନ୍ଦୀ ବୁଝାଇବାକୁ ଚେଷ୍ଟା କରି କହନ୍ତି, "ଜମାଦାର ବାବୁ ଛାଡ଼ନ୍ତୁ, ଆଜି ତ ରବିବାର । ବିଚରାକୁ ଟିକିଏ ହେଲେ ଖୁସି ହେବାର ଅବସର ଦିଅନ୍ତୁ । ଆପଣତ ଏଠାରେ ଆମର ମା'ବାପ । ଠାକୁର ଆପଣଙ୍କର ମଙ୍ଗଳ କରିବେ ।" ସେ ଆଦୌ କାହାରି କଥା ଶୁଣେନି କି ରାମଶରଣ ବି ପଛକୁ ଲେଉଟି ଦେଖନ୍ତିନି । ଦୁମ୍ ଦୁମ୍ ହୋଇ ଚାଲିଗଲା ବେଳେ ସେ ପାଣି ଦେବା ଲୋକକୁ ଆଦେଶ ଦିଏ ତାଙ୍କ କୋଠରୀରେ ଯାଇ ପାଣି ଦେଇ ଆସିବା ପାଇଁ । ନହେଲେ ପାଣି ପାଣି ବୋଲି ଚିତ୍କାର କଲେ ବି କେହି ପାଣି ମୁନ୍ଦିଏ ଦେବେନି ତାଙ୍କୁ । ପାଣି ନହେଲେ ନୀଳରେ କ'ଣ ମିଶାଇ ସ୍ୟାହି ବନାଇବେ ବୋଲି ଆଗତୁରା ପାଣି ବ୍ୟବସ୍ଥା କରାଯାଉଥିବାର ଦେଖି ରାମଶରଣ ମନେ ମନେ ହସୁଥାନ୍ତି । ତାଙ୍କୁ ନେଇ କୋଠରୀ ଭିତରେ ବନ୍ଦ କରିଦେଇ ନିଶ୍ଚିନ୍ତରେ ଆପଣା କାମ କରିବାକୁ କହି ନିଜେ ଜମାଦାର ଚିଠିଲେଖା କାମ ସରିବା ଯାଏ ସେଇ ବ୍ଲକ୍‌ରେ ପହରା ଦିଏ । ଚିଠି ପୂରା ହୋଇଯିବା ପରେ ତାଙ୍କୁ ଓହ୍ଲାଇ ଆଣି ସମସ୍ତଙ୍କ ସମ୍ମୁଖରେ ଧମକ୍ ଦେଇ କହେ ଆଉ କେବେ ସେମିତି କଥାବାର୍ତ୍ତା ନକରିବାକୁ । ନିୟମ ଉଲଂଘନ କଲେ ଏଥର ସିଧା ନେଇ ତାକୁ ବାରୀ ସାହେବ୍‌ଙ୍କ ଆଗରେ ଠିଆ କରାଯିବ ।

ପୂର୍ବ ବ୍ୟବସ୍ଥା ଅନୁସାରେ ଗୁପ୍ତ ଚିଠିଟି ଜେଲ୍ ବାହାରକୁ ଅଣାଯାଇ କଲିକତା ଆସୁଥିବା ଜଣେ ବ୍ୟକ୍ତିଙ୍କୁ ଦିଆଯାଏ । ସେ ଅତି ଯତ୍ନରେ ଚିଠିଟିକୁ ସାଙ୍ଗରେ ଆଣି କଲିକତାରେ ଡାକବାକ୍ସରେ ପକାଇ ଦିଅନ୍ତି । କୌଣସି ଖବରକାଗଜ ସମ୍ପାଦକଙ୍କ ପାଖରେ ସେଲ୍ୟୁଲାର ଜେଲ୍‌ରୁ ଆସିଥିବା ଚିଠି ମଧ୍ୟରେ ତାହା ଥାଏ ପ୍ରଥମ । ସେତେଦିନ ଯାଏ ରାଜବନ୍ଦୀମାନଙ୍କ ସହିତ ଆଣ୍ଡାମାନରେ କେମିତି ବ୍ୟବହାର କରାଯାଉଅଛି ସେଇ ବିଷୟରେ ଭାରତରେ କେହି କିଛି ବି ଜାଣି ନଥାନ୍ତି । ଚିଠିଟି ପାଇବା ମାତ୍ରେ ଖବର କାଗଜର ମୁଖ୍ୟ ପୃଷ୍ଠାରେ ତାକୁ ଛାପି ଦିଅନ୍ତି ସମ୍ପାଦକ । ଦୁଇ ତିନିଦିନ ଭିତରେ ଦେଶର ବିଭିନ୍ନ ଭାଷା ତଥା ଅ ଳର କିଛି ମୁଖ୍ୟ ଖବରକାଗଜରେ ସେଇ ଚିଠି ପ୍ରକାଶିତ ହୋଇ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରେ । ୧୨ ଦିନ କଲିକତା ବନ୍ଦରରେ ରହିବା ପରେ ମହାରାଜା ଜାହାଜ ପୁଣି ଆଣ୍ଡାମାନ ଫେରେ । ଫେରିଲା ବେଳେ ଆଣୁଥିବା ଖବରକାଗଜରେ ନିଶ୍ଚିତ ସେଇ ଖବର ଛପା ହୋଇଥିବ ଓ ତାହା ଆସି ଆଣ୍ଡାମାନରେ ପହଂଚିଲେ ଅଧିକାରୀମାନଙ୍କ ଭିତରେ ଚହଳ ପଡ଼ିବ ବୋଲି ପୂର୍ବାନୁମାନ କରି ରାମଶରଣ ଆପଣା ସାଥୀମାନଙ୍କୁ କହିଦେଇଥାନ୍ତି ସତର୍କତା ଅବଲମ୍ବନ କରିବା ପାଇଁ । ଆଗାମୀ କିଛିଦିନ ଭିତରେ ସେମାନଙ୍କର କୋଠରୀ ସବୁ ଯା କରାଯିବା ସହ ସେମାନଙ୍କୁ ଅଧିକ ନିର୍ଯ୍ୟାତନା ଦେବାର ସମ୍ଭାବନା ବି ଥାଏ । ତାଙ୍କ ଅନୁମାନ ସତ୍ୟ ପ୍ରମାଣିତ ହୁଏ । ଜାହାଜ ଆସି ପହଁ ସକାଳ ନଅଟାରେ ଆଉ ଦିନ ଏଗାରଟା ବେଳକୁ ପୋଲିସ୍ ଇନିସ୍‌ପେକ୍ଟରଙ୍କୁ ସାଥୀରେ ଧରି ବାରୀ ସାହେବ୍ ହାଜର୍ ହୋଇଯାଆନ୍ତି ଜେଲ୍‌ରେ । ରାମଶରଣ ଭାବୁଥାନ୍ତି ସେମାନେ ସିଧା ଆସି ତାଙ୍କ କୋଠରୀର ଦ୍ୱାର ଖୋଲି ତାଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେବେ ବୋଲି । ହେଲେ ସେମିତି କିଛି ହୁଏନି । କୋଠରୀ ଆଗଦେଇ ଗଲାବେଳକୁ ତାଙ୍କୁ କିଛି ପଚାରିବା ତ ଦୂରର କଥା ଟିକିଏ ଅନାନ୍ତି ନାହିଁ ମଧ ବାରୀ ସାହେବ୍ । ସେମାନେ ସିଧା ଯାଇ ମହାତ୍ମା ନନ୍ଦଗୋପାଳଙ୍କ କୋଠରୀରେ ପଶିଯାଆନ୍ତି । ସିପାହୀଙ୍କ ଦ୍ୱାରା ତାଙ୍କ କୋଠରୀର ତନ୍ନ ତନ୍ନ କରି ତଲାସୀ ନିଆଯାଏ ହେଲେ କିଛି ବି ଆପତ୍ତିଜନକ ଦ୍ରବ୍ୟ ସେମାନଙ୍କ ହସ୍ତଗତ ହୁଏନାହିଁ । ମୁହଁରେ କାଳେ କିଛି ପୂରେଇ ଦେଇଥିବେ ସମସ୍ତଙ୍କ ଅଲକ୍ଷ୍ୟରେ ବୋଲି ଭାବି ଚିଫ୍ ୱାର୍ଡ଼ର ତାଙ୍କ ପାଟି ଭିତରେ ହାତପୂରାଇ କିଛି ବି ନଥିବା ଦେଖି ସେ ଚିତ୍କାର କରି କହେ, ବନ୍ଦୀ ତା ପାଟିରେ ପଇସା ରଖିଥିଲା ଓ ତଲାସୀ ହେବା ଦେଖି ସେ ତାକୁ ଗିଳି ଦେଇଛି । ଜେଲ୍ ଡାକ୍ତରଙ୍କୁ ଡକାଯିବାରୁ ସେ ଆସି ନନ୍ଦଗୋପାଳଙ୍କୁ ଝାଡ଼ା ହେବାର ଔଷଧ ଦିଅନ୍ତି । ସେଇ ଦିନଠାରୁ ତିନିଦିନ ପର୍ଯ୍ୟନ୍ତ ତାଙ୍କ ଝାଡ଼ାକୁ ଘାଣ୍ଟି ଦେଖାଯାଏ କାଳେ କିଛି ବାହାରିବ ବୋଲି । ହେଲେ କିଛି ଥିଲେ ସିନା ବାହାରିବ, ନଥିଲେ ବାହାରିବ କୋଉଠୁ ? ଏସବୁ ଦେଖି ରାମଶରଣ ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ଚିଠିତ ଲେଖିଲା ଜଣେ ତେବେ ଆକ୍ରମଣର ଶିକାର ନନ୍ଦଗୋପାଳ କାହିଁକି ହେଉଛନ୍ତି ? ଚିଠିରେ ତାଙ୍କରି ବିଷୟ ଅଧିକ ଲେଖା ହୋଇଥିବାରୁ ବୋଧହୁଏ ବାରୀ ସାହେବ୍‌ଙ୍କର ତାଙ୍କ ଉପରେ ହିଁ ସନ୍ଦେହ ହୋଇଛି । କିଛିଦିନ ସମସ୍ତଙ୍କୁ ଖୁବ୍ କଡ଼ା ନଜର ଭିତରେ ରହିବାକୁ ହୋଇଥିଲା । ହେମଦାଦାଙ୍କୁ ଜେଲ୍ ଭିତରେ ନିୟମ ଉଲ୍ଲଂଘନ ଅଭିଯୋଗରେ କେବେ ଦଣ୍ଡ ମିଳି ନଥାଏ । କିନ୍ତୁ ଏଥର ତାଙ୍କ କୋଠରୀର ବି ତଲାସୀ ନିଆଯିବା ପରେ ସେଠୁ ତମାଖୁ ବାହାରିବାରୁ ତାଙ୍କୁ ଚାରିଦିନ ପାଇଁ ଠିଆକଡ଼ି ଲଗାଇ ଟଙ୍ଗାଇ ଦିଆଯାଏ କାନ୍ଥରେ ।

ଏଇ ଘଟଣା ପରେ ରାମଶରଣଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବାକୁ ଲାଗେ । ବିପରୀତ ପରିସ୍ଥିତିରେ ଭାଙ୍ଗି ନପଡ଼ି ଦୃଢ଼ତାର ସହ ସାମ୍ନା କରିବା ଦ୍ୱାରା ଦିନେ ନା ଦିନେ ସଫଳତା ସେମାନଙ୍କୁ ପ୍ରାପ୍ତ ହେବ ଏଇ ଭାବନା ତାଙ୍କ ମନକୁ ଆସେ । ଜେଲ୍ ଭିତରେ ଥାଇ ସୁଦ୍ଧା ଭବିଷ୍ୟତରେ ଏଇ ଜେଲ୍ ଅଧିକାରୀଙ୍କ ବିରୁଦ୍ଧରେ ଆହୁରି ଘୋର ସଂଗ୍ରାମ କରିବାକୁ ସେ ମନେ ମନେ ସ୍ଥିର କରନ୍ତି ।

ଅନ୍ୟ ବନ୍ଦୀମାନଙ୍କୁ ଜେଲ୍ ଭିତରେ ଚାରି ଛ'ମାସ ରଖିବା ପରେ କାମ କରିବା ପାଇଁ ଜେଲ୍ ବାହାରକୁ ଛଡ଼ାଯାଉଥିବା ବେଳେ ବଙ୍ଗାଳୀ ରାଜବନ୍ଦୀମାନଙ୍କୁ ଉପରୁ ଆଦେଶ ନଆସିବା ପର୍ଯ୍ୟନ୍ତ ଛଡ଼ାଯାଇ ପାରିବ ନାହିଁ ବୋଲି କହି ପ୍ରାୟ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ଜେଲ୍ ଭିତରେ ରଖାଯାଇଥିଲା । ଭିତରେ ରହି ରହି ଅତିଷ୍ଠ ହୋଇ ସେମାନେ ବାହାରକୁ ଯିବାପାଇଁ ବାରମ୍ବାର ଆବେଦନ କରିବାରୁ ଶେଷକୁ ସେମାନଙ୍କୁ ପଠାଇବାକୁ ରାଜି ହୁଅନ୍ତି ଜେଲ୍ କର୍ତ୍ତୃପକ୍ଷ । ହେଲେ ଅନ୍ୟ ସାଥୀଙ୍କ ସହ ଇନ୍ଦୁଭୂଷଣଙ୍କୁ ବାହାରକୁ ଛଡ଼ାଯାଏ ନାହିଁ । କାରଣ ସେଇ କିଛିଦିନ ପୂର୍ବରୁ ରାମା ନାମକ ଏକ ବଦମାସ କଏଦୀକୁ ପିଟିବା ଅଭିଯୋଗରେ ଇନ୍ଦୁଭୂଷଣଙ୍କୁ ତିନିମାସ ପର୍ଯ୍ୟନ୍ତ ଏକାନ୍ତ କୋଠରୀ ଭିତରେ ବନ୍ଦ ରହିବାର ଦଣ୍ଡ ଦିଆଯାଇଥାଏ । ସେ ଆପଣା ଦଣ୍ଡ ଭୋଗି ସାରିବା ପରେ କାମ ପାଇଁ ବାହାରକୁ ଯାଇ ପାରିବେ ବୋଲି ବାରୀ ସାହେବ୍ କହିଥାନ୍ତି । ଜେଲ୍ ଅପେକ୍ଷା ବାହାରେ ଯେ କଏଦୀମାନେ ସୁଖରେ ରହୁଥିଲେ ସେ ଧାରଣା ଥିଲା ଭୁଲ । ଦିନ କେଇଟା ପରେ ରାଜବନ୍ଦୀମାନେ ବାହାରେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଜେଲ୍ ଭିତରକୁ ଫେରିବାକୁ ଲାଗନ୍ତି । ବାହାରେ କଏଦୀମାନଙ୍କ ରହିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବା ସହ ସେମାନଙ୍କୁ ଠିକ୍ ମାତ୍ରାରେ ଖାଦ୍ୟ ମଧ ଦିଆହେଉ ନଥିଲା । ହେଲେ ଗଧ ଖଟଣୀ ଖଟିବାକୁ ବାଧ କରାଯାଉଥିଲା ସେମାନଙ୍କୁ । ମଶା, ଡାଆଁସ ସାଙ୍ଗକୁ ଜୋକ ଓ ବିଭିନ୍ନ ପ୍ରକାରର ବିଷାକ୍ତ ସାପଙ୍କ ଗହଣରେ ଜଙ୍ଗଲ ଭିତରେ କାମ କରିବା ଯୋଗୁଁ ସେମାନଙ୍କ ଭିତରୁ ଅଧିକାଂଶ ଅସୁସ୍ଥ ହୋଇ ପଡୁଥିଲେ । ଆଉ ଅସୁସ୍ଥ ହେଲେ ସେମାନଙ୍କୁ କାର୍ଯ୍ୟସ୍ଥଳୀରୁ ଚଲେଇ ଚଲେଇ ସେଲ୍ୟୁଲାର ଜେଲ୍‌କୁ ଅଣାଯାଇ କୌଣସି ଚିକିତ୍ସା ବ୍ୟବସ୍ଥା ପରିବର୍ତ୍ତେ କୋଠରୀ ଭିତରେ ବନ୍ଦ କରିଦିଆଯାଉଥିଲା । ସୁଧୀର କୁମାର ସରକାରଙ୍କୁ ଲଗାଯାଇଥାଏ ଜଙ୍ଗଲ କାଟି ସଫା କରିବା କାମରେ । ଦିନ ସାରା ଓପାସରେ ରହି ଗଛ କାଟିବାକୁ ପଡୁଥିବାରୁ ସେ ଖୁବ୍ ଅସୁସ୍ଥ ହୋଇପଡ଼ନ୍ତି । ଚିଫ୍ କମିଶନର କାର୍ଯ୍ୟ ତଦାରଖ ପାଇଁ ସେଠିକା କେମ୍ପ୍‌କୁ ଯାଇଥିବା ବେଳେ ସୁଧୀର ବାବୁ ତାଙ୍କ ଦୁଃଖକଥା କମିଶନରଙ୍କ ଆଗରେ ବର୍ଣ୍ଣନା କରି କଏଦୀମାନଙ୍କୁ ଉପଯୁକ୍ତ ଖାଦ୍ୟ ଯୋଗାଇଦେବାକୁ ଅନୁରୋଧ କରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ ଅନ୍ୟ କିଛି ହାଲୁକା କାମ ଦେବାପାଇଁ ପ୍ରାର୍ଥନା କରନ୍ତି । ତାଙ୍କ କଥାରେ କୌଣସି ପ୍ରଭାବ ପଡ଼େ ନାହିଁ କମିଶନରଙ୍କ ଉପରେ । ବରଂ ଠିକାଦାରମାନଙ୍କ ବିରୁଦ୍ଧରେ ଅଭିଯୋଗ କରୁଥିବା ଦୋଷରେ ତାଙ୍କୁ ସେଲ୍ୟୁଲାର ଜେଲ୍ ଭିତରକୁ ଅଣାଯାଇ ତେଲଘଣାରେ ତେଲ ପେଡ଼ିବାକୁ ବାଧ କରାଯାଇଥିଲା । ସେତେବେଳେ ରାମଶରଣ ସେଇ ଛ'ନମ୍ବର ବ୍ଲକ୍‌ରେ କାମ କରୁଥାନ୍ତି । ସୁଧୀରଙ୍କ ଦୁର୍ଦ୍ଦଶା ଦେଖି ନପାରି ସେ ତାଙ୍କୁ ତେଲଘଣାରେ ସହାୟତା କରନ୍ତି । ସେଇ ସମୟରେ ଇନ୍ଦୁଭୂଷଣଙ୍କୁ ମଧ ତେଲଘଣାରେ ତିନିମାସ କାମ କରିବାକୁ କୁହାଯାଇଥାଏ । ପୂର୍ବରୁ ବି ଅନେକଥର ଏଇ କାମ କରି ଥିବାରୁ ସେ ଆଦୌ ଚିନ୍ତିତ ନଥାନ୍ତି । ହେଲେ ସୁଧୀରଙ୍କ ଦୁର୍ଦ୍ଦଶା ଦେଖି ସେ ଖୁବ୍ ଦୁଃଖୀ ହୋଇଯାଆନ୍ତି । ଦିନେ ଜେଲର୍ ପାଖରୁ ଅକଥ୍ୟ ଭାଷାରେ ଗାଳିଖାଇ ଇନ୍ଦୁଭୂଷଣ ଫେରୁଥିବା ବେଳେ ରାମଶରଣଙ୍କୁ ଦେଖି ପଚାରନ୍ତି, "ଆମେ ଏଠିକୁ କାହିଁକି ଆସିଛୁ ? ଏତେ ଦୁଃଖ ଆମେ ବରଣ କାହିଁକି କରୁଛୁ କୁହତ ?" ଆପଣା କ୍ଷମତାନୁସାରେ ରାମଶରଣ ତାଙ୍କୁ ବୁଝାଇବାକୁ ଚେଷ୍ଟାକରି କହନ୍ତି, "ଆମେ ଆମ ଦେଶର ଦୁଃଖର ଭାର ନିଜ ଉପରକୁ ନେଇ ଯାଇଛୁ । ଏବେ ଆମ ଦେଶ କିଛି ଆନନ୍ଦ ପାଇବା ଯୋଗ୍ୟ ହୋଇଯାଇଥିବ ନିଶ୍ଚିତ ।" ଇନ୍ଦୁଭୂଷଣ ତାଙ୍କ କଥାରେ ସମ୍ମତି ପ୍ରକାଶ କରି କହନ୍ତି ଯେ ସେ ସବୁ ରାଜବନ୍ଦୀଙ୍କର ଦୁଃଖର ଭାରକୁ ନିଜ କାନ୍ଧ ଉପରକୁ ନେଇ ଅନ୍ୟମାନଙ୍କୁ କିଛି ହାଲୁକା କରିବାକୁ ଇଚ୍ଛୁକ । ଉଭୟଙ୍କ ମଧରେ ଏତିକି କଥୋପକଥନ ପରେ ସେ ଉଦାସୀ ମନରେ ଅଳ୍ପ ହସି ସେଠାରୁ ମୁଣ୍ଡ ତଳକୁ ପୋତି ପ୍ରସ୍ଥାନ କରନ୍ତି । ସେଇ ଥିଲା ତାଙ୍କ ସହିତ ଶେଷ ସାକ୍ଷାତ । ତା'ପରଦିନ ସକାଳୁ ୱାର୍ଡ଼ର ଯାଇ କୋଠରୀର କବାଟ ଖୋଲିଲା ବେଳେ ସ୍କାଇଲାଇଟ୍‌ରୁ ତାଙ୍କ ମୃତଦେହ ଝୁଲୁଥାଏ । ହାଡ଼ଭଙ୍ଗା ପରିଶ୍ରମ ସାଙ୍ଗକୁ ବାରମ୍ବାର ସଭିଙ୍କ ସମ୍ମୁଖରେ ଅପମାନିତ ହୋଇ ସେ ଗୋଟାପଣେ ଭାଙ୍ଗିପଡ଼ି ରାତିର ଘନ ଅନ୍ଧକାର ଭିତରେ ଆପଣା ଜାଙ୍ଘିଆକୁ ଚିରି ତହିଁରେ ଦଉଡ଼ି ବଳି ନିଜ ଗଳାରେ ଫାଶୀ ଲଗାଇ ଦେଇଥାନ୍ତି । ପାଗଳାମୀର ଶିକାର ହୋଇ ସେ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରଚାର କରାଯାଇ କେଶ୍‌ଟିକୁ ରଫାଦଫା କରିଦିଆଯାଏ ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ।

ସାଥୀମାନେ ତାଙ୍କ ଶବ ମାଗନ୍ତି ହିନ୍ଦୁମତାନୁଯାୟୀ ଅନ୍ତେଷ୍ଟି କ୍ରିୟା କରିବା ପାଇଁ । କିନ୍ତୁ ସେଇ ଅନୁମତି ସେମାନଙ୍କୁ ଦିଆଯାଏ ନାହିଁ । ବାରୀନ୍ଦ୍ର ସେତେବେଳେ ଜେଲ୍ ବାହାରେ କାମ କରୁଥାନ୍ତି । ସେ ଇନ୍ଦୁଙ୍କ ଆତ୍ମହତ୍ୟା ଖବର ଶୁଣି ମର୍ମାହତ ହୋଇ ପଡ଼ନ୍ତି । ଇନ୍ଦୁଙ୍କ ଭଳି ଜଣେ ଦୃଢ଼ମନା ଓ ମଜାକିଆ ପିଲା ଯେ କେବେ ଆତ୍ମହତ୍ୟା କରିବ ତାହା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥାନ୍ତି । କାର୍ଯ୍ୟସ୍ଥଳୀରେ ନିଜେ ସଂସ୍କାର କାର୍ଯ୍ୟ କରିବା ସହ ବନ୍ଧୁମାନଙ୍କ ସହଯୋଗରେ ଚାରିଶହ ଲୋକଙ୍କ ଭୋଜନର ବ୍ୟବସ୍ଥା କରନ୍ତି । ଚିଫ୍ କମିଶନରଙ୍କୁ ଏଇ ଭୋଜିର ଗୁପ୍ତ ସୂଚନା ମିଳିବାରୁ ସେ ଭାବନ୍ତି ବଙ୍ଗାଳୀ ରାଜବନ୍ଦୀମାନେ ପାଖରେ ଢେର ପଇସା ରଖିଛନ୍ତି ଆଉ ସେଇ ପଇସାରେ ସେମାନେ କେବେ ବୋମା ନିର୍ମାଣ କରି ତାଙ୍କୁ ବି ହତ୍ୟା କରିପାରନ୍ତି । ଇନ୍ଦୁଭୂଷଣଙ୍କ ମୃତ୍ୟୁ ଖବରକୁ ଜେଲ୍ ଭିତରେ ଚପାଇ ଦେବାକୁ ବାରୀ ସାହେବ୍ ଯେତେ ଚେଷ୍ଟା କଲେ ବି ବନ୍ଦୀମାନଙ୍କ ଷଡ଼ଯନ୍ତ୍ର ଯୋଗୁଁ ତାହା ପହଂଚିଯାଏ ଖବରକାଗଜ ସମ୍ପାଦକଙ୍କ ପାଖରେ । ଦେଶବାସୀଙ୍କ ସମ୍ମୁଖରେ ଆପଣା ଉଦାରତା ପ୍ରଦର୍ଶନ କରିବା ଲକ୍ଷ୍ୟରେ ଭାରତ ସରକାର ପରିସ୍ଥିତିର ଅନୁଧ୍ୟାନ ପାଇଁ ଜଣେ ବଡ଼ ଡାକ୍ତରଙ୍କୁ ଆଣ୍ଡାମାନ ପଠାନ୍ତି । ଡାକ୍ତର ଜଣକ ଥିଲେ ବୟସ୍କ ତଥା ଖୁବ୍ ଦୟାଳୁ ସ୍ୱଭାବର । ସେ ରାଜବନ୍ଦୀମାନଙ୍କ ଦୁଃଖଦ କାହାଣୀକୁ ସହୃଦୟତାର ସହ ଶୁଣି ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଅନ୍ତି ରାଜବନ୍ଦୀମାନଙ୍କୁ ସେଭଳି କଠିନ କାମ ନକରେଇବା ପାଇଁ । ସେଇ ଦିନଠାରୁ ଆଉ କାହାକୁ କେବେ ତେଲଘଣାକୁ ପଠାଯାଏ ନାହିଁ । ଶେଷ ସାକ୍ଷାତ ବେଳେ ଇନ୍ଦୁଭୂଷଣ ତାଙ୍କୁ କହିଥିବା ଅନ୍ତିମ କଥା ପଦକ ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ ରାମଶରଣଙ୍କ କାନ ପାଖରେ ..... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୪ ଅଗଷ୍ଟ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ସ୍ମରଣୀୟେଷୁ...

# ସ୍ୱାଧୀନତା ବିପ୍ଳବିଣୀ ସରସ୍ୱତୀ ରାଜମଣି

### ଡକ୍ଟର ଲକ୍ଷ୍ମଣ ସାହୁ



ପରାଧୀନ ଭାରତରେ ଇଂରେଜମାନଙ୍କ ଶାସନ ବିମୁଖ ଜନତା ଭାରତକୁ ସ୍ୱାଧୀନ କରିବା ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି । ଇତିହାସ ପୃଷ୍ଠାରେ ସେହି ସହିଦ ମାନଙ୍କ ଜୀବନ ସଂଗ୍ରାମ ସଂପର୍କରେ ଅଦ୍ୟାବଧି ପୂର୍ଣ୍ଣାଙ୍ଗ ଚିତ୍ର ଦେଖିବାକୁ ମିଳେ ନାହିଁ । ଇତିହାସ ଅପେକ୍ଷା ଆତ୍ମଜୀବନୀରେ ଅନେକ ଅଭୁଲା ଅବିସ୍ମରଣୀୟ ନିଛକ ଘଟଣାର ଅତୀତ ଦୃଶ୍ୟମାନ ହୁଅନ୍ତି । ନିକଟରେ ଏଭଳି ଏକ ମହିୟସୀ ସ୍ୱାଧୀନତା ବିପ୍ଳବିଣୀ ସରସ୍ୱତୀ ରାଜମଣିଙ୍କ ଆତ୍ମଜୀବନୀ ସଂପର୍କରେ ସିଣ୍ଡିକେଟ ଫିଡ୍‌ରୁ ପଢ଼ିବାର ସୁଯୋଗ ପାଇଥିଲି, ଯାହାର ଅନୁଚ୍ଛାୟାରେ ଆଲେଖ୍ୟ ଟି ପ୍ରସ୍ତୁତ ହୋଇଛି । ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନ ଭାରତରେ ଅଜ୍ଞାତ ଜୀବନ ବିତାଇଥିବା ସରସ୍ୱତୀ ରାଜାମଣିଙ୍କ ଆତ୍ମଜୀବନୀରେ ଏହି ଦାବି କରାଯାଇଛି, 'ମୁଁ ଛାଡିବି ନାହିଁ', ଉକ୍ତି ବଡ଼ ତାପର୍ଯ୍ୟପୂର୍ଣ୍ଣ ଓ ବିଶ୍ଳେଷଣ ଯୋଗ୍ୟ । ୨୦୧୮ ଜାନୁଆରୀ ୧୩ ରେ ରାଜମାନୀଙ୍କ ଦେହାନ୍ତ ହୋଇଥିଲା ଏବଂ ଏହି ଆତ୍ମଜୀବନୀ ସେହିଦିନ ଏକ ପ୍ରସିଦ୍ଧ ଖବରକାଗଜରେ ସାରାଂଶ ଆକାରରେ ପ୍ରକାଶିତ ହୋଇଥିଲା । ଏହାର ପରେ ପରେ ଆଜାଦିର ଅମୃତ ମହୋତ୍ସବଙ୍କ ଅବସରରେ ଆର୍ଯ୍ୟଖଣ୍ଡ ଟେଲିଭିଜନ ପିଭି ଲିମିଟେଡ୍ ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି । ପୁସ୍ତକଟି ୧୭୬ ପୃଷ୍ଠା କଳେବରରେ ଧାରଣ କରିଥିବା ଏହି ଆତ୍ମଜୀବନୀରେ ଆଜାଦ ହିନ୍ଦ ଫୌଜଙ୍କର ବହୁତ ବିରଳ ଚିତ୍ର ସହିତ ସ୍ୱାଧୀନତାର ଇତିହାସ ବିଷୟରେ ଅନେକ ବିରଳ ସୂଚନା ରହିଛି । ପାଠକମାନଙ୍କ ନିମନ୍ତେ ପୁସ୍ତକଟିର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି । ରାଜମାନି ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଯେତେବେଳେ ସେ ସ୍ଥାୟୀ ଭାବରେ ଭାରତରେ ବସବାସ କରିବାକୁ ଆସିଥିଲେ, ସେତେବେଳେ କଂଗ୍ରେସ ସରକାର ନେତାଜୀଙ୍କ ହସ୍ତଲିଖନ ପତ୍ର ସମେତ ସମସ୍ତ ଜିନିଷପତ୍ର ଜବତ କରିଥିଲେ । ସେତିକିରେ କେବଳ ସରକାର ଏଠାରେ ଅଟକି ନଥିଲେ । ବରଂ ଅଧିକ କିଛି ସେ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି- 'ସେମାନେ ମୋତେ ଗୁପ୍ତଚର ମଧ କରିଥିଲେ ଏବଂ ଯେତେବେଳେ ମୁଁ ମୋର ଦୁଃଖ ବର୍ଣ୍ଣନା କରିବାକୁ ଦିଲ୍ଲୀରେ ପହଞ୍ଚିଲି, କିନ୍ତୁ ନେହେରୁ ସାକ୍ଷାତ କରିବାକୁ ମନା କରିଦେଇଥିଲେ । ଡକ୍ଟର ରାଜେନ୍ଦ୍ର ପ୍ରସାଦ କେବଳ ମୋ କଥା ଶୁଣି ନାହାଁନ୍ତି, ସେ ସମୟରେ ମୋତେ ୫୦୦୦ ଟଙ୍କା ମଧ ଦେଇଛନ୍ତି । ଯାହା ଦ୍ୱାରା ମୁଁ କୌଣସି ସ୍ଥାନରେ ଭଡା ନେଇ ପାରିବି ।'

ରାଜମଣିଙ୍କୁ ନେତାଜୀ ଦ୍ୱାରା ସରସ୍ୱତୀ ନାମ ଦିଆଯାଇଥିଲା । ତାଙ୍କ ଆତ୍ମଜୀବନୀରୁ ଜଣାପଡିଛି ଯେ ସରସ୍ୱତୀ ରାଜମଣିଙ୍କ ପିତା ସ୍ୱାମୀନାଥ ଜୀ ମଧ ଜଣେ କଂଗ୍ରେସ କର୍ମୀ ଥିଲେ । କିନ୍ତୁ ଯେତେବେଳେ ସେ ଆର୍ଯ୍ୟ ସମାଜ ନେତା ଲାଲା ଲଜପତ ରାୟଙ୍କ ସହ ଯୋଗାଯୋଗ କରିଥିଲେ ସେତେବେଳେ ତାଙ୍କର ଆଦର୍ଶ ବୈପ୍ଳବିକ ହୋଇଥିଲା ଏବଂ ଶେଷରେ ବ୍ରିଟିଶମାନେ ଆକ୍ରମଣ କରିଥିଲେ । ଏହି କାରଣରୁ ସେ ତ୍ରିଚିରୁ ଯାଇ ବର୍ମାରେ ସ୍ଥାପିତ ହୋଇଥିଲେ ଏବଂ ସେଠାରେ ସେ ଆର୍ଯ୍ୟ ସମାଜ ମଧ ପ୍ରତିଷ୍ଠା କରିଥିଲେ । ତାଙ୍କର ଆତ୍ମଜୀବନୀ ଅନୁଯାୟୀ, ରାଜମାନି ୧୯୨୭ ଜାନୁୟାରୀ ୧୧ ରେ ରେଙ୍ଗୁନରେ (ବର୍ତ୍ତମାନ ବର୍ମାର ରାଜଧାନୀ ୟାଙ୍ଗୋନ୍) ରେ ଜନ୍ମଗ୍ରହଣ କରିଥିଲେ । ସରସ୍ୱତୀ ରାଜାମଣିଙ୍କ ଜୀବନ ମଧ ଆର୍ଯ୍ୟ ସମାଜ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲା । ଆର୍ଯ୍ୟ ସମାଜର ସମସ୍ତ ଆତ୍ମିକ ନୀତି ପାଳନ କରୁଥିଲେ । ସେ ବେଦକୁ ତାମିଲରେ ଏକ ସରଳ ହିନ୍ଦୀ ଅନୁବାଦ ମଧ କରିଛନ୍ତି । ଏକଦା ରାଜାମଣିଙ୍କ ପୁରା ପରିବାର ଗାନ୍ଧୀଙ୍କୁ ଭେଟିବା ପାଇଁ ଏକାଠି ହୋଇଥିଲେ । ସେତେବେଳକୁ ଗାନ୍ଧିଜୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରମୁଖ ନେତା ଭାବରେ ଉଭା ହୋଇଥିଲେ । ଗାନ୍ଧିଜୀଙ୍କ ଡ଼ାକରାରେ ଭାରତର କୋଣ ଅନୁକୋଣରେ ଭାରତ ସ୍ୱାଧିନତା ଲାଭ ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ ଜାରି ରଖିଥିଲେ । ବୋଧହୁଏ ହୁଏ ସେଥିପାଇଁ ରାଜମାନି ତାଙ୍କ ଆତ୍ମଜୀବନୀରେ ଏହି ଘଟଣା ଲେଖିଛନ୍ତି ଯାହା ମୁଁ ଛାଡିବି ନାହିଁ ।

ରାଜମାନି ଏକଥା ମଧ ଉଲ୍ଲେଖ କରିଛନ୍ତି- ' ମୋ ବାପାଙ୍କ ନିମନ୍ତ୍ରଣରେ ମୋହନଦାସ କରମଚାନ୍ଦ ଗାନ୍ଧୀ ୧୯୩୭ ମସିହାରେ ବର୍ମା ଆସିଥିଲେ । ବର୍ମାରେ ଗାନ୍ଧିଜୀଙ୍କୁ କିଛି ପରିମାଣରେ ସୁନା ଦାନ କରାଯାଇଥିଲା ଏବଂ ମୋ ବାପାଙ୍କ ମହିମା ଦେଖି ଗାନ୍ଧିଜୀ ଆମ ଘରେ ଅତିଥି ଭାବରେ ଛାଉଣି କରିଥିଲେ । ସେତେବେଳେ ମୋତେ ୧୦ ବର୍ଷ ହୋଇଥିଲା । ମୋର ପୁରା ପରିବାର ଗାନ୍ଧିଜୀଙ୍କୁ ଏକାଠି କରି ଭେଟୁଥିଲେ । ପରିବାର ସଦସ୍ୟଙ୍କୁ ପରିଚିତ କରାଇବା ଚାଲିଥିଲା । କିନ୍ତୁ ମୁଁ ମୋ ବଗିଚାରେ ବନ୍ଧୁକ ଖେଳିବାରେ ବ୍ୟସ୍ତ ଥିଲି । ମୁଁ ଯେଉଁ ବନ୍ଧୁକ ସହିତ ଖେଳୁଥିଲି ତାକୁ ମୋର ଦଶମ ଜନ୍ମଦିନରେ ମାମୁଁ ମୋତେ ଉପହାର ସ୍ୱରୂପ ଦେଇଥିଲେ । ଏହା ସହିତ ମୁଁ ବଗିଚାରେ ଥିବା କାଉମାନଙ୍କୁ ଭୟଭୀତ କରୁଥିଲି, ଯିଏ ଅନ୍ୟ ପକ୍ଷୀମାନଙ୍କର ଅଣ୍ଡା ଭାଙ୍ଗିବ କିମ୍ବା ଖୁମ୍ପା ଦ୍ୱାରା ବଞ୍ଚିବା କଷ୍ଟକର କରିବ । ଯେତେବେଳେ ଗାନ୍ଧିଜୀ ସମସ୍ତଙ୍କୁ ପରିଚିତ କରାଇଲେ, ତାଙ୍କ ଆଖି ମୋ ଉପରେ ପଡିଗଲା ଏବଂ ମୁଁ ବଡ଼ ପିତାଙ୍କ ଝିଅ, ତେଣୁ ଗାନ୍ଧିଜୀ ନିଜେ ମୋ ପାଖକୁ ଆସି କହିଲେ, 'ତୁମେ ବଡ଼ ହେଲେ ତୁମେ କ'ଣ ହେବ ?' ଗାନ୍ଧିଜୀଙ୍କ ପ୍ରଶ୍ନରେ ରାଜମଣିଙ୍କ ଉତ୍ତର ଥିଲା- 'ଝାନ୍‌ସି ରାଣୀ ।' ତାଙ୍କର ଏଭଳି ଏକ ନିର୍ଭୀକ ନିର୍ବାକ ଅଭୟ ଉତ୍ତର ଥିଲା । କେବଳ ଝାନସୀ ରାଣୀ କାହିଁକି ? ଗର୍ଗୀ କାହିଁକି ନୁହେଁ ? ' ଗାନ୍ଧିଜୀଙ୍କ ଏଭଳି ଅଦ୍ଭୁତ ପ୍ରଶ୍ନର ଉତ୍ତରରେ ଦଶ ବର୍ଷର ରାଜମଣି ଯାହା କହିଥିଲେ, 'ଦାଦୋ, ଆର୍ଯ୍ୟ ସମାଜକୁ ଯାଇ ବଡ଼ ପୁସ୍ତକ ପଢିବା ପରେ, ମୁଁ କେବେ ଗର୍ଗୀ ହୋଇଗଲି, ବର୍ତ୍ତମାନ ମୋତେ ବ୍ରିଟିଶମାନଙ୍କୁ ହତ୍ୟା କରି ଭାରତରୁ ବାହାର କରିଦେବାକୁ ପଡିବ, ତେଣୁ ମୁଁ ରାଣୀ ଝାନ୍‌ସୀ ହେବି ।' ଗାନ୍ଧୀଙ୍କ ପରବର୍ତ୍ତୀ ପ୍ରଶ୍ନ - 'ତୁମେ କାହିଁକି ବ୍ରିଟିଶମାନଙ୍କୁ ଭାରତରୁ ବାହାର କରିବାକୁ ଚାହୁଁଛ ?' ଏଭଳି ପ୍ରଶ୍ନର ଉତ୍ତର ଛଳରେ ସେ କହିଥିଲେ - 'କାରଣ ସେମାନେ ଡକାୟତ । ସେମାନେ ଆମକୁ ଲୁଟୁଛନ୍ତି ।' ଉତ୍ତର ଶୁଣି ଗାନ୍ଧୀ କହିଥିଲେ - 'ବ୍ରିଟିଶମାନେ ଡକାୟତ ନୁହଁନ୍ତି । ସେମାନେ ଏହି ଦେଶର ଶାସକ ଅଟନ୍ତି ଏବଂ ସେମାନଙ୍କୁ ହତ୍ୟା କରି ସେମାନଙ୍କୁ ଘଉଡାଇବା ସବୁ କ୍ଷେତ୍ରରେ ଭୁଲ । ଧର୍ମ ଏବଂ ଆଇନରେ ଭୁଲ ଅଟେ, ଯେପରି ଜଣେ ମହାନ ପିତାଙ୍କ ଝିଅର ଆତଙ୍କବାଦୀଙ୍କ ଭଳି ଘୃଣ୍ୟ ଚିନ୍ତାଧାରା । କିଏ ଏପରି ଶିକ୍ଷା ଦେଲା... ଆର୍ଯ୍ୟ ସମାଜ ?' ଗାନ୍ଧୀଙ୍କ ଚିନ୍ତାଧାରା କଥାକୁ ନେଇ ରାଜମଣି ଯଥାର୍ଥ ଉତ୍ତର ଦେବାକୁ ଯାଇ କହିଥିଲେ - 'ଡାଡୋ, ଆମେ ବ୍ରିଟିଶମାନଙ୍କୁ ନିଜେ ଭାରତର ଶାସକ କରିଛୁ, ନା ସେମାନେ ଆମ ରାଜା ଓ ମହାରାଜାଙ୍କୁ ଲୁଣ୍ଠନ କରି ବେଆଇନ ଭାବେ ଏହି ଦେଶ ଦଖଲ କରିଛନ୍ତି ? ମୁଁ ଲାଟନ୍ସଙ୍କ ଭୂତରେ ବିଶ୍ୱାସ କରେ ନାହିଁ ।' ତା'ପରେ ସେ ଗାନ୍ଧୀଜୀଙ୍କୁ ପଚାରିଥିଲେ, - 'ଦାଦୁ ମୁଁ ଶୁଣିଛି ଯେ ତୁମେ ସତ୍ୟ ଏବଂ ଅହିଂସା ପଥ ଅନୁସରଣ କରି ଶାସନରେ ଭାରତୀୟଙ୍କ ଅଂଶଗ୍ରହଣ ଚାହୁଁଛ ଏବଂ ଲଢେଇ କରୁଛ । ତେବେ ଆପଣ ବିଶ୍ୱାସ କରନ୍ତି ଯେ ଆପଣଙ୍କ ରାସ୍ତା ଠିକ୍ ଅଛି ?'

'ହଁ ଡଲ୍, ମୋର ପଥ ଠିକ୍, କାରଣ ଏହା ଆମ ଶାସ୍ତ୍ରରେ ଲେଖା ହୋଇଛି ଯେ ଅହିଂସା ହେଉଛି ଚରମ ଧର୍ମ, ଅର୍ଥାତ୍ ଅହିଂସା ହେଉଛି ଚରମ ଧର୍ମ । ଅହିଂସା ପଥ ଅନୁସରଣ କରି ଆମେ ସରକାରରେ ଅଂଶଗ୍ରହଣ କରିପାରିବା ।' ଗାନ୍ଧୀଙ୍କ ଉତ୍ତର ଥିଲା । 'ଦାଦୋ, ତୁମେ ମୋତେ କିମ୍ବା ସମଗ୍ର ଦେଶକୁ ବୋକା ବନାଉଛ ?' ତା'ପରେ ମୁଁ ଗମ୍ଭୀର ଭାବରେ କହିଲି, 'ମୁଁ ଆର୍ଯ୍ୟ ସମାଜରେ ରଖାଯାଇଥିବା ପୁସ୍ତକଗୁଡ଼ିକରେ ଅହିଂସା ପରମ ଧର୍ମର ପୁରା ପଦ ପଢିଛି ଯଥା- 'ଅହିଂସା ପରମ ଧର୍ମ ' ଯଥା- ଅହିଂସା ପାଳନ କରିବା ହେଉଛି ମଣିଷ ଶ୍ରେଷ୍ଠ ଧର୍ମ, ତେଣୁ ଧର୍ମର ସୁରକ୍ଷା ପାଇଁ ହିଂସା ଠାରୁ ଦୂରେଇ ରହିବା ଉତ୍ତମ ଅଟେ । ଦାଦୁଙ୍କୁ ସେ ଆହୁରି କହିଛନ୍ତି ଯେ ହିଂସା ହିଂସା ନୁହେଁ ବରଂ ଅପରାଧୀଙ୍କୁ ଦଣ୍ଡିତ କରେ ଏବଂ ମୁଁ ବଡ ହେବା ପରେ ବ୍ରିଟିଶମାନଙ୍କୁ ଦଣ୍ଡ ଦେବାକୁ ଚାହେଁ । ତୁମ ପରି ମୁଁ ମଧ ସରକାରରେ ଭାଗ ନେଉନାହିଁ, ମୁଁ ଚାହୁଁଛି ସମଗ୍ର ଦେଶ ମୁକ୍ତିଲାଭ କରୁ ।' ଏହା ପରେ ଦାଦୁ ଗାନ୍ଧୀ କିଛି କହିପାରିଲେ ନାହିଁ । ସେ ମୋ ଗାଲକୁ ହାତରେ ଛୁଇଁ ମୋ ବାପାଙ୍କ ଆଡକୁ ଚାହିଁ ହସି କହିଲେ, 'ବହୁ ଶକ୍ତିଶାଳୀ ଆପକି ଶିଶୁ କନ୍ୟା !'

ସରସ୍ୱତୀ ରାଜମଣି ତାଙ୍କ ଆତ୍ମଜୀବନୀରେ ଅନ୍ୟ ଏକ ସ୍ଥାନରେ ଲେଖିଥିଲେ - 'ବୃଦ୍ଧାବସ୍ଥାରେ, ମୁଁ ଗୋଟିଏ କୋଠରୀ ଘରେ ରହୁଥିଲି ଏବଂ ମୋର ଟଙ୍କା ନ ଥିବାରୁ ଦୁଇ ଦିନରେ ଥରେ ଖାଦ୍ୟ ପାଇପାରିଲି । ବୃଦ୍ଧାବସ୍ଥାରେ ଆୟର କୌଣସି ଉତ୍ସ ନଥିଲା । ଭିକ ମାଗି ପାରିଲି ନାହିଁ କି ଆତ୍ମହତ୍ୟା କରିପାରିଲି ନାହିଁ ।'

+ + +

ଯେତେବେଳେ ତାଙ୍କ କାହାଣୀ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ନିକଟରେ ପହଞ୍ଚିଲା ସେତେବେଳେ ସେ ତାଙ୍କୁ ନାମମାତ୍ର ଭଡାରେ ସରକାରୀ ଆବାସ ଯୋଗାଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆଉ ଏକ ଅନୁଗ୍ରହ କରିଥିଲେ । ତାଙ୍କର ଭବିଷ୍ୟତ ନିମନ୍ତେ କିଛି ଆର୍ଥିକ ସହାୟତା ସ୍ୱରୂପ ପାଞ୍ଚଲକ୍ଷ ଟଙ୍କା ଦେଇଥିଲେ । ସେ ଏସଂପର୍କରେ ନିଜର ପ୍ରତିକ୍ରିୟା ଦେଇ ଲେଖିଛନ୍ତି - ' ମୁଁ କାହାଠାରୁ କିଛି ନେବାକୁ ପସନ୍ଦ କରି ନ ଥିଲି, କିନ୍ତୁ ମୋର ବୃଦ୍ଧାବସ୍ଥା ଦେଖି ମୁଁ ଏହାକୁ ନେଇଥିଲି ଯେ ବର୍ତ୍ତମାନର ବୃଦ୍ଧାବସ୍ଥା ସହଜରେ କଟିଯିବ । ବର୍ତ୍ତମାନ ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ୍ ମଧ ମୋତେ ବୃଦ୍ଧାବସ୍ଥାରେ ମିଳିବା ଆରମ୍ଭ କରିଛି ।'

କିଛି ଦିନ ପରେ ସୁନାମି ଆସିଲା । ଇଣ୍ଡୋନେସିଆ ସହିତ ତାଙ୍କର ଭାରତ ମଧ ଏହା ଦ୍ୱାରା ପ୍ରଭାବିତ ହୋଇଥିଲା । ସେ ଶୁଣିଥିଲି ଯେ ଏଥିରେ ହଜାର ହଜାର ଲୋକ ମୃତ୍ୟୁ ବରଣ କରିଛନ୍ତି । ଶହ ଶହ ପିଲା ଅନାଥ ହୋଇଗଲେ । ଏଥିରେ ସେ କେବଳ ଦୁଃଖ ପ୍ରକାଶ କରିନଥିଲେ ବରଂ ତାଙ୍କ ହୃଦୟ କମ୍ପିତ ହେଲା ଏବଂ ସୁନାମି ପୀଡିତମାନଙ୍କୁ ସାହାଯ୍ୟ କରିବା ପାଇଁ ସରକାର ତାଙ୍କୁ ବୃଦ୍ଧାବସ୍ଥାରେ ଦେଇଥିବା ପା ଲକ୍ଷ ଟଙ୍କା ଫେରସ୍ତ କରିଥିଲେ । ବିପ୍ଳବୀ ସଂଗ୍ରାମୀ, ସରସ୍ୱତୀ ରାଜମଣିଙ୍କ ସ୍ୱକୀୟ ପୁସ୍ତକରେ ସେ ଲେଖିଛନ୍ତି- 'ବୃଦ୍ଧାବସ୍ଥାରେ ମୁଁ ଟଙ୍କା ପାଖରେ ରଖି କ'ଣ କରିବି ? ମୋଠାରୁ ଅଧିକ, ସେହି ପୀଡ଼ିତାମାନେ ତାଙ୍କୁ ଆବଶ୍ୟକ କରୁଥିଲେ, ଯାହାର ସବୁକିଛି ନଷ୍ଟ ହୋଇଯାଇଥିଲା । ମୋର ବର୍ତ୍ତମାନ ଏକ ସରକାରୀ ଘର ମଧ ଥିଲା, ପେନସନ୍ ମଧ ଆରମ୍ଭ ହୋଇଥିଲା ଏବଂ ମୁଁ ଏହି ଜୀବନରେ କ'ଣ ଚାହୁଁଛି ! ମୁଁ ଚାହୁଁଥିଲି ମୋ ଦେଶର ପ୍ରତ୍ୟେକ ନାଗରିକ ଖୁସି ହେବା ଉଚିତ୍ । ଦୁନିଆକୁ ଅନୁଗ୍ରହ କରିବା ହେଉଛି ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍, ମୁଁ ମୋର ପିଲାଦିନେ ଆର୍ଯ୍ୟ ସମାଜରୁ ଏହା ଶିଖିଥିଲି ।'

ବାସ୍ତବରେ ସ୍ୱାଧୀନତାର ଏହି ପଞ୍ଚସ୍ତରୀ ତମ ଅମୃତମୟ ମହୋତ୍ସବରେ ଏଭଳି ଏକ ବିପ୍ଳବୀ ସଂଗ୍ରାମୀ ସରସ୍ୱତୀ ରାଜମଣିଙ୍କ ଅବଦାନ ସ୍ମରଣ କରିବାର ଯଥେଷ୍ଟ ଆବଶ୍ୟକ ରହିଛି । ସାଧାରଣ ନାଗରିକଙ୍କ ଠାରୁ ରାଜନେତାମାନେ ତାଙ୍କ ଲିଖିତ ଆତ୍ମଜୀବନୀ ପଢ଼ିବା ଅପରିହାର୍ଯ୍ୟ ମନେହୁଏ ।


■ ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ)୯୦୪୦୧୫ ୧୪୭୫


## ସ୍ମୃତି ଶତଦଳ ୨୫୨



# ଅନୁରାଗର ଶାଢ଼ି-୨


ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

> ଆଈ ନାଲି ବର୍ଡର ଥିବା ଧଳା ସୂତା ଶାଢି ପିନ୍ଧି କପାଳରେ ବଡ ସିନ୍ଦୁର ଟୋପାଟିଏ ଲଗାଇଦେଲେ ମା' ଦୁର୍ଗାଙ୍କ ଭଳି ଦିଶୁଥିଲା ଏବଂ ମୋ ପାଇଁ ତା ଶାଢିର କାନି ଖୁବ୍ ପ୍ରଶସ୍ତ ଥିଲା, ଯେଉଁଥିରେ ପିଲାଦିନେ ମୁଁ ମୋ ହାତ ଓ ମୁହଁ ପୋଛୁଥିଲି ।

ଶାଢି କିଣିବା ବେଳେ, ଶାଢିର ରଙ୍ଗ ମନ ଛୁଇଁବା ଭଳି ଡିଜାଇନ, ସୂତାର କୋମଳତା ଶାଢିର ଲେ ଆଉଟ ଏବଂ ଶାଢିର କୋଟିକମ ଓ ପଣତକାନିର କଳା ଚିତ୍ର ମତେ ଆକର୍ଷିତ କଲେ ହିଁ ମୁଁ ସେ ଶାଢିକୁ ପସନ୍ଦ କରୁଥିଲି । ଏମିତିରେ ଗୋଟିଏ ଶାଢିକୁ କିଣିବା ପାଇଁ ମତେ ଅନେକ ସମୟ ଲାଗିଯାଉଥିଲା । ପ୍ରାୟ ତିରିଶ ବର୍ଷ ତଳେ ଶାଢି କିଣୁ କିଣୁ ତିନି ଚାରୋଟି ଶାଢି ମୋର ଖୁବ୍ ପସନ୍ଦ ଆସିଥିଲା, ସେଇଠି ମୁଁ ଅଟକି ଯାଇଥିଲି କିଛି କ୍ଷଣ । ପ୍ରତ୍ୟେକ ଶାଢି ମୋ ମନକୁ ଛୁଉଁଥିଲା । ତା' ଭିତରୁ କେଉଁ ଶାଢିଟିକୁ ବାଛି ବାଛି କିଣିବି ସ୍ଥିର କରି ପାରୁନଥିଲି । ମୋ ପାଇଁ ଏହା ଗୋଟିଏ ବିରାଟ ଗୋଲକ ଧନ୍ଦା ସୃଷ୍ଟି କରିଥିଲା । ଏପଟେ ରମାରମଣ କାରରେ ବସି ହର୍ଣ୍ଣ ଉପରେ ହର୍ଣ୍ଣ ମାରୁଛନ୍ତି, ଜଲଦି ଶାଢି କିଣି ଆସ ଏବଂ ଦୋକାନ ଭିତରେ ମୁଁ କିଛି ଚଏସ କରିପାରୁନି । ସେ ଗାଡି ଷ୍ଟାର୍ଟ ବନ୍ଦ କରି ଦୋକାନ ଭିତରକୁ ପଶି ଆସି ଦେଖିଲେ ମୁଁ ଶାଢିର ସ୍ତୁପ ଭିତରେ ବସିଛି ମୋ ଚାରିପଟେ ଖେଳାଇ ହୋଇ ଶାଢି ପଡିଛି ଏବଂ ଶାଢିର ଚଏସ କରିବା ନେଇ ଦ୍ୱନ୍ଦରେ ପଡିଛି । ମୋର ମନକଥା ବୁଝିପାରି ଗୋଟିଏ ପ୍ରଶ୍ନ ପଚାରିଥିଲେ, ତୁମକୁ କ'ଣ ସବୁ ଶାଢି ଭଲ ଲାଗୁଛି ?" ମୋର ଉତ୍ତରକୁ ଅପେକ୍ଷା ନକରି ମୁଁ ହାଁ ହାଁ କହୁ କହୁ ସେ ଚାରୋଟି ଯାକ ଶାଢି କିଣି ପ୍ୟାକ କରି ମୋ ହାତକୁ ବଢାଇ ଦେଲେ । ମୋର ଦୁଇ ଆଖି ଆଶ୍ଚର୍ଯ୍ୟରେ ବଡ ବଡ ହୋଇଗଲା । ଶାଢି ବାଛି ବାଛି କିଣିବାର ଏ ଉଦାର ରୂପ ତାଙ୍କର କେବେ ମୁଁ ଦେଖିନଥିଲି । ସେଇ ଦିନ ଠାରୁ ମୋ ପାଇଁ ଶାଢି କିଣିବାର ଦାୟିତ୍ୱ ସେ ପୁରା ମୁଣ୍ଡ ଉପରକୁ ନେଇଗଲେ ନୁହେଁ, ମୁଁ ତାଙ୍କୁ ହସ୍ତାନ୍ତର କରିଦେଲି । ସେ ଦିନଠାରୁ ଆଜି ଯାଏଁ ଥରଟିଏ ଶାଢି ଦୋକାନ ଯିବାକୁ ଇଚ୍ଛା କରି ନାହିଁ କି ଯାଇ ନାହିଁ କି କିଣି ନାହିଁ । ରମାରମଣ ଖୁବ୍ ଆନନ୍ଦର ସହ ସେ ଗୁରୁ ଦାୟିତ୍ୱଟିକୁ ମୋ ଠାରୁ ଗ୍ରହଣ କରିନେଲେ । ପୂଜାବେଳେ କି ଘରର କୌଣସି ଉତ୍ସବ ବେଳେ ମୋ ପାଇଁ ନୂଆ ନୂଆ ଡିଜାଇନ୍‌ର ପାଟ ଶାଢି କିଣିବା ବୋଧହୁଏ ତାଙ୍କର ସବୁଠାରୁ ବଡ କାମ ହୋଇ ଗଲା । ସେ ଖୁବ୍ ଖୁସିରେ, ଖୁବ୍ ମନ ଦେଇ ସେ କାମଟିକୁ ଆଜି ପର୍ଯ୍ୟନ୍ତ କରି ଆସୁଛନ୍ତି ।

ଦିନଥିଲା ପିଲାଦିନେ ମୁଁ ହାତ ପୋଛିବାକୁ ଶାଢି ଖୋଜିଲା ବେଳେ ମୋ ଆଈ (ମା) ହିଁ ମତେ ଶାଢି କାନି ବଢାଇ ଦେଇଥିଲା, କାରଣ ମୋ ବୋଉର ଦେହ ଖରାପ ପାଇଁ ମୋ ପାଖରେ ସେ ନଥିଲା ଏବଂ ମୋ କୁନି କୁନି ହାତ ତା ଶାଢିର ଅଞ୍ଚଳକୁ ଛୁଇଁ ପାରୁନଥିଲା । ଆଈ ନାଲି ବର୍ଡର ଥିବା ଧଳା ସୂତା ଶାଢି ପିନ୍ଧି କପାଳରେ ବଡ ସିନ୍ଦୁର ଟୋପାଟିଏ ଲଗାଇଦେଲେ ମା' ଦୁର୍ଗାଙ୍କ ଭଳି ଦିଶୁଥିଲା ଏବଂ ମୋ ପାଇଁ ତା ଶାଢିର କାନି ଖୁବ୍ ପ୍ରଶସ୍ତ ଥିଲା, ଯେଉଁଥିରେ ପିଲାଦିନେ ମୁଁ ମୋ ହାତ ଓ ମୁହଁ ପୋଛୁଥିଲି । ବୋଉ ପାଖକୁ ଆସିଲା ବେଳକୁ ହାତ ପୋଛିବାର ବୟସ ନଥିଲା ।

ଚଣ୍ଡୀଗଡରେ ପୋଷ୍ଟଗ୍ରାଜୁଏଟ କରୁଥିଲା ବେଳେ ପ୍ରାୟ ସତର ଅଠର ଘଣ୍ଟା ଲେବର ରୁମ ଡିଉଟି କରିବାକୁ ପଡୁଥିଲା । ଘରୁ ଡିଉଟି ପାଇଁ ବାହାରିବା ବେଳେ ପୁଅଝିଅ କାନିକୁ ଟାଣି ଧରୁଥିଲେ, ସେତେବେଳେ ତାଙ୍କ ହାତ ମୁଠାରୁ କାନି ଛଡେଇ ଆସିବାକୁ ପଡୁଥିଲା । ଡିଉଟି ସିନା କରୁଥିଲି କିନ୍ତୁ ତାଙ୍କର କୁନି କୁନି ହାତ ସବୁବେଳେ ମୋ ଆଖି ଆଗରେ ନାଚୁଥିଲା ଏବଂ ନିଜକୁ ଖୁବ୍ ଦୋଷୀ ଲାଗୁଥିଲା । ସେଥିପାଇଁ କବିତା ଟିଏ ଲେଖିଥିଲି- ମା'ର ପଣତ କାନି ଏତେ ପ୍ରଶସ୍ତ ଯେ/ଆଜନ୍ମରୁ ଲମ୍ବିଥାଏ ମାଟିରୁ ଆକାଶଯାଏଁ/ଧରିତ୍ରୀରୁ ବ୍ୟାପିଥାଏ ଦୂର ଦିଗବଳୟ/ କେତେବେଳେ ତା' ସୁନ୍ଦର ଲୋହିତ ଅଞ୍ଚଳ/ ମର୍ତ୍ତ୍ୟରେ ଲୋଟୁଥାଏ ତ' କେତେବେଳେ ଛୁଇଁଥାଏ/ ଅମର ବୈକୁଣ୍ଠ । ବେଳେବେଳେ ଝିଅ ଖୁବ୍ ଛୋଟ ଥିଲା ବେଳେ, ମୁଁ ଡିଉଟି ବାହାରିବା ବେଳକୁ ଝିଅ ଶାଢି କାନିକୁ ପାଟି ଭିତରେ ପୁରେଇ ଦେଇ କାମୁଡି ଦେଉଥିଲା ଏବଂ ଶାଢିର କାନି ଛିଣ୍ଡି ଯାଉଥିଲା । କିନ୍ତୁ ତା' ଉପରେ ମୁଁ ରାଗି ପାରୁନଥିଲି, କାରଣ ତାର କିଛି ଦୋଷ ନଥିଲା । ସେ ତ' ଏକନ୍ତ ଭାବରେ ତା' ମା'କୁ ଓ ମା'ର ଶାଢି କାନିକୁ ପାଖରେ ଚାହୁଁଥିଲା ନାଁ । ତେଣୁ ଏ ଯାଏଁ ସେଇ ଶାଢିକୁ ମୁଁ ସାଇତିରଖିଛି ଯାହାକୁ ଦେଖିଲା ମାତ୍ରେ ମୁଁ ଅନୁତାପରେ ମ୍ରିୟମାଣ ହୋଇଯାଏଁ ।

ଫେୟାରୱେଲ ବେଳର ସେ ଶାଢିଟି ଖୁବ୍ ସୁନ୍ଦର ଭାବରେ କର୍ପୂର ଦେଇ ଆଜି ପର୍ଯ୍ୟନ୍ତ ସଜାଡି ରଖିଛି । କଦବା କ୍ୱଚିତ୍ ସେ ଶାଢିଟିକୁ ପିନ୍ଧିଲେ ଏସ.ସି.ବି ମେଡିକାଲ କଲେଜର ଦୀର୍ଘ ପଚିଶ ବର୍ଷର ସ୍ମୃତି ଉଜ୍ଜୀବିତ ହୋଇ ଉଠେ ଏବଂ କିଛିକ୍ଷଣ ପାଇଁ ମତେ ବିହ୍ୱଳ କରିଦିଏ । ଶେଷରେ ଏତିକି କହିବି ଶାଢି ପାଇଁ ଫର୍ଦ୍ଦ ଫର୍ଦ୍ଦ ଲେଖିଲେ ବି' ଲେଖନୀ ବନ୍ଦ ହେବ ନାହିଁକି କାଗଜ ସରିବନି । ସବୁ ଶାଢିର ମର୍ଯ୍ୟାଦା ଅଛି, ପ୍ରତ୍ୟେକ ପଣତ କାନିର ଅଲଗା ମାଧୁର୍ଯ୍ୟ ଅଛି ଏବଂ ପ୍ରତିଟି ଶାଢିର ଅନନ୍ୟ ସ୍ୱତନ୍ତ୍ରତା ଅଛି, ଯାହାକୁ ସମସ୍ତେ ସମ୍ମାନ କରିବା ଉଚିତ୍ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୦)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

### ॥ ତିନି ବନ୍ଧୁ ॥

ମୁଁ ତାକୁ ବାଡ଼େଇବାକୁ ଉତ୍ସାହିତ ହୋଇ ଉଠିଲି । ମୁଁ ଏତେ ମାତ୍ରାରେ ଉତ୍ସାହିତ ହେଲି ଯେ, ଅଧା ବାଟରେ ରହି କରି ମୁଁ ତାକୁ ଲଲ୍‌କାରିଲି । 'ଆରେ ନନହକା, ଶଳା, ବଦମାସ, ରହ । ଆଜି ତୋ ରକ୍ତ ମୁଁ ପିଇବି । ହାରାମିଛୁଆ, ତୁ ବହୁତ ପିଲାଙ୍କର ବହିପତ୍ର ଛିଡ଼ି଼ଛୁରେ । ତୋ ହାତ ଗୋଡ଼ ଆଜି ଭାଙ୍ଗିଦେବି । ଯଦି ବାପର ପୁଅ ହୋଇଥିବୁ ସାମ୍ନାକୁ ଆ ।

ମୋ ମୁଠା ଦୁଇଟି ଝାଲୁଆ ହୋଇ ଯାଇଥିଲା ମୁଁ ରାଗରେ ଫଁଫଁ ହେଉଥିଲି । ନନହକା ବହୁତ ଚାଲାକ ଥିଲା । ମୋ ଲଲକାର ଶୁଣିଲା ପରେ ବି ମୋତେ ବାଳା ଭଳିଆ ଚାହିଁଥିଲା । ପୁଣି ସବୁ କିଛି ବୁଝିଗଲା । ଡାହାଣକୁ ମୋଡ଼ି ଗୋଟେ ନିଃଶ୍ୱାସକେ ଦୌଡ଼ିଲା । ମୁଁ ବି ତା ପଛେ ପଛେ ଦୌଡ଼ିଲି । ଗଳି ଶେଷରେ ଠିଆ ହୋଇ ଚିଲ୍ଲେଇ ଚିଲ୍ଲେଇ ଲଲକାରିଲି । 'ଏବେ ଶଳା କୁଆଡ଼େ ଯାଉଛଉ ?' ଏବେ ଛୁଆଙ୍କ ବହି ଖାତା ଛିଡ଼େଇ ଥିବୁ ଯଦି କେବେ ମାରି ମାରି ତୋର ଅନ୍ତବୁଜୁଳା ବାହାର କରିଦେବି । କୁକୁର କୋଉଠି କାର ।'

ସେ ଯଥାଶିଘ୍ର ସେସ ଜାଗା ଛାଡ଼ି ଚାଲିଗଲା । ଅତିଶିଘ୍ର ଆଖି ସାମ୍ନାରୁ ଉଭାନ ହୋଇଗଲା । ମୁଁ ମୋର ଗନ୍ତବ୍ୟ ପଥରେ ଚାଲିବାକୁ ଲାଗିଲି । ମୁଁ ମୋ ନିଜ ଉପରେ ଖୁବ୍ ସନ୍ତୁଷ୍ଟ ଥିଲି । ଧିରେ ଧିରେ ଯେତେବେଳେ ମୋ କ୍ରୋଧ ହେଲା ସେତେବେଳେ ମୋତେ ଖୁବ୍ ହସ ମାଡ଼ିଲା । ନନହକା ଜୀବନ ବଞ୍ଚାଇ ଯେମିତି ସେମିତି ଦୌଡୁଥିଲା ।

ଏକଥା ଯେତେବେଳେ ମୋ ସାଙ୍ଗମାନଙ୍କୁ ଯାଇ କହିଲି ସେମାନେ ବି ଖୁବ୍ ହସିଲେ । ଦୀନାନାଥ ବହୁତ ଉତ୍ସାହିତ ହେଲା ଶୁଣିକି । କ୍ରାନ୍ତିକାରୀ ସଦସ୍ୟମାନଙ୍କ ଦ୍ୱାରା ସହର ସାରା ବୁଲୁଥିବା ଦୁଷ୍ଟ ମାନଙ୍କୁ ପିଟାପିଟି କରିବା ପାଇଁ ଯୋଜନା ବନେଇଲା । ପୁନଷ୍ଟ ସେ ଯୋଜନାକୁ ସ୍ଥଗିତ କରିଦିଆଗଲା । ପରୀକ୍ଷା ପରେ ୟା, ଉପରେ ବିଚାର କରାଯିବ ।

ୟା' ଭିତରେ, ପରୀକ୍ଷା ଦେବା ପୂର୍ବରୁ ଦୁଇଟି ଘଟଣା ଘଟିଗଲା । ଯାହା ଆମ ଶାରିରୀକ ଓ ମାନସିକ ବିକାଶ ଦୃଷ୍ଟିରୁ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ଥିଲା । କେବେ କେବେ ଆମେ ବିଜୟପୁର ଘାଟରୁ ତଳକୁ ଓହ୍ଲେଇ ତମସା ନଦୀ କୂଳେ କୂଳେ ନିର୍ଜନ ତଥା ପରିଷ୍କାର ଯାଗା ଦେଖି ସେଠି ବସିଯାଉ । ସେଠି ବସି ବସି ପଦ୍ମ ଆସନ କର । ନାକରୁ ପବନ ଭିତର ବାହାର କରି ପ୍ରାଣାୟମ କରୁ । ଉତ୍ସାହର ସହିତ ବ୍ରହ୍ମଚର୍ଯ୍ୟ ଏବଂ କ୍ରାନ୍ତୀ ବିଷୟରେ କଥାବାର୍ତ୍ତା କରୁ । ଶେଷରେ ସନ୍ଧ୍ୟା ହୋଇ ଆସିଲେ ଆମେ ଫେରୁ ।

ଥରେ ଆମେ ଫେରିଲା ବେଳେ ଆମ ଦୃଷ୍ଟି ଗୋଟେ ଧୋବାର ସୁଖା ହୋଇଥିବା ଲୁଗା ଉପରେ ପଡ଼ିଲା । କିଛି ଲୁଗା ସେ ତୋଳି ସାରି ଗଣ୍ଠିଲି ବାନ୍ଧି ଦେଇଥିଲା । ଆଉ କିଛି ଲୁଗା ତୋଳୁ ଥିଲା । ଦୀନାନାଥ ଗୋଟେ ବିଚିତ୍ର କାମକଲା । ସେ ସୁଖିଲା ଲୁଗାରୁ ଗୋଟେ ଛୁଆର ଜାମାକୁ ଧରି ଦଉଡ଼ିବାକୁ ଲାଗିଲା । ଧୋବା ଦେଖିଲା କିଏ ତା'ର ଲୁଗା ନେଉଛି ଚୋରୀକରି । ସେ ଧୋବାକୁ ଦେଖେଇ ଦେଖେଇ ଜାମା ଉଠାଇ ଥିଲା ।

'ଏଇ ଟୋକା ମୁଁ ସବୁ ଦେଖୁଛି । ଚୁପଚାପ୍ ଜାମା ରଖ । ଧୋବା ଚିଲ୍ଲେଇଲା । ନହେଲେ ଠିକ୍ ହେବନି ।'

କିନ୍ତୁ ଦୀନାନାଥ 'ଜାମା ରଖିଲାନି । ବରଂ ଟିକେ ଯୋର ଦୌଡ଼ କହି ନିଜେ ଦୌଡ଼ିଲା । ମୁଁ ତାକୁ ମନାକରିଲି, 'ଦେଖ ଧୋବା ଗରୀବ ଲୋକ, ତା'ଠାରୁ ଜାମା ଖଣ୍ଡେ ନେଲେ କି ଲାଭ ?' କନ୍ତୁ ସେସ ମାନିଲାନି । ଧୋବା ତ ଆଉ କାହାର ଲୁଗା କାଚିଛି ସେ ବି କାହିଁକି ଛାଡ଼ିବ ? 'ଆଚ୍ଛା ଶଳା' କହି ସେ ବି ଆମ ପଛରେ ଦୌଡ଼ିବାକୁ ଲାଗିଲା । ଦୀନାନାଥ ବି ଆହରି ଜୋର୍‌ରେ ଜାମା ଧରି ଦୌଡ଼ିଲା । ଆମ ପାଇଁ ଆଉ କିଛି ଚାରା ନଥିଲା । ଆମେ ବି ତାଙ୍କ ସସହିତ ଦୌଡ଼ିଲୁ ଧୋବା ଆମକୁ ଭୟଙ୍କର ଭାବେ ଅଭଦ୍ର ଭାଷାରେ ଗାଳି ଦଉଥିଲା ।

ରାସ୍ତା ବିଲକୁଲ ଭଲ ନଥିଲା । ଦୌଡ଼ିବା ପାଇଁ ସଂପୂର୍ଣ୍ଣ ଅନୂପଯୁକ୍ତ । ସନ୍ଧ୍ୟା ଶିଘ୍ର ଶିଘ୍ର ଅନ୍ଧାର ରାତି ଆଡ଼କୁ ଧାଉଁଥିଲା । ଅତିକଷ୍ଟରେ ରା୍ତା ଜଣା ପଡୁଥିଲା । କେବେ କେବେ ପାଦତଳେ ଢ଼େଲା ପଥର, ଧାରୁଆ ଖପରା, କଣ୍ଟଝଣ୍ଟା ଲାଗୁଥାଏ । ଆମେ ତାକୁ ଜଲଦି ଜଲଦି କାଢ଼ି ପୁଣି ଦୌଡୁଥିଲୁ । କେତେବେଳେ ଛୋଟେଇ ଛୋଟେଇ ଦୌଡୁଥିଲୁ । କେତେଥର ଆମେ ଦୀନାନାଥକୁ 'ଜାମା' ଫୋପାଡ଼ିବାକୁ କହୁଥିଲୁ । କିନ୍ତୁ ସେ କହୁଥିଲା 'ଶଳା ଧୋବା ଦୌଡୁ ।' ମୋତେ ବହୁତ ରାଗ ଲାଗୁଥାଏ ଦୀନାନାଥ ଉପରେ । କାରଣ ମୁଁ ତାକୁ ଏତେ ନିଚ ଭାବିନଥିଲି । ଧୋବା ତୁଠରୁ ଜାମା ଧରି ଦୌଡ଼ିଲେ କୋଉ ବଡ଼ କାମଟା ହେବ ଯେ ? ରାଗର ଆଉ ଗୋଟେ କାରଣ ଥିଲା କି ଦୀନେଶ୍ୱର ମରୁଡ଼ିଆ ଘୋଡ଼ା ପରି ଦୌଡୁଥିଲା । ଯଦି ଆମେ ସମସ୍ତେ ଦୌଡ଼ିକରି ପଳଉ, ସେ କିନ୍ତୁ ଧରାପଡ଼ିବ । ଯଦି ଧରା ପଡ଼ିବ ତା' ପରେ କେମିତିଆ ଜେରା ହେବ ଆଉ କେମିତିକା ମାଡ଼ ମିଳିବ ?

ଧୋବା କାହିଁକି ଥକିବ । ସେ ଗେଡ଼ା କିନ୍ତୁ ତାଗଡ଼ା ଥିଲା । 'ଧର ଶଳାଙ୍କୁ' ଚିଲ୍ଲେଇ ଚିଲ୍ଲେଇ ଆମ ପଛରେ ଦୌଡୁଥିଲା । ସୌଭାଗ୍ୟକୁ ସେ ରାସ୍ତାରେ କେହି ଲୋକ ନଥିଲେ । ନହେଲେ ସେମାନେ ବି ଆମକୁ ଗୋଡ଼େଇ ଥାଆନ୍ତେ । ଆମେ ଖୁବ୍ ଜୋର୍‌ରେ ଦୌଡୁଥିଲୁ । କେବେ କେବେ ଦୀନେଶ୍ୱର ରହି ଯାଉଥିଲା, ଆମେ ବି ଟିକେ ରହିଯାଉଥିଲୁ । ସତରେ ଦୌଡ଼ିବାକୁ ଆମକୁ ଭଲ ଲାଗୁଥିଲା । ଆମେ ତ ଏମିତି ପ୍ରାୟ ତୁଚ୍ଛାଟାରେ ଦୌଡ଼ିବା ଅଭ୍ୟାସ କରୁଥିଲୁ । ସେଥିପାଇଁ ଆମେ ନିଃଶ୍ୱାସ ନେବାରେ ବାଧା ଆସୁଥିଲା କି ଆମେ ଥକୁ ନଥିଲୁ । ଆଗରୁ ଆମକୁ ଭୟ ଲାଗୁଥିଲା । କିନ୍ତୁ ଦୌଡ଼ିବା ଦ୍ୱାରା କସରତ ହୋଇ ମନ ସବୁ ଆମର ଆନନ୍ଦିତ ହେଉଥାଏ । ଧୋବା ଯେତେ ଆମକୁ ଗୋଡ଼େଇଲେ ବି ଆମକୁ ଟପି ପାରିବନି । ଆମେ ଯୁବଗୋଷ୍ଠୀ ଆମେ କ୍ରାନ୍ତିକାରୀ, ଆମେ କାହାଠାରୁ କମ୍ ନଥିଲୁ । ଧୋବା କ'ଣ ଆମକୁ ପାରିବ ?

ଧୋବା କୋଉ କମ୍ ଥିଲା କି ସେ ବି ଦୌଡ଼ ଜାରି ରଖିଥିଲା । ଯେତେବେଳେ ଆମେ ଦୌଡ଼ି ଦୌଡ଼ି ନଦୀ ପଠା ପାଖରେ ମୁଣ୍ଡିଆ ସେପାଖରେ ପହଞ୍ଚିଲୁ । ସେତେବେଳକୁ ଧୋବା ଆମ ପାଖାପାଖି ପହଞ୍ଚ ଯାଇଥିଲା । ସେତିକି ବେଳେ ଦୀନାନାଥ ଧୋବା ଉପରକୁ 'ଜାମା' ଫୋପାଡ଼ି କହିଲା, 'ନେ ନେ ତୋ ଜାମା । 'ଧୋବା ଅଟକି ଗଲା । ତଲୁ 'ଜାମା' ଉଠାଇ କହିଲା, ଶଳେ ଦୌଡୁଛ, 'ଶଳେ ଯଦି ଅସଲି ବାପାର ଛୁଆ ହୋଇଥିବ ସାମ୍ନାକୁ ଆସିବ । ଶଳାଙ୍କୁ କାଟି ଫୋପାଡ଼ି ଦେବି । ଶଳା କୋଉଠୁ ଏ ଦରିଦ୍ରଗୁଡ଼ା ଆସିଥିଲେ କେଜାଣି ? 'ଜୋର ଜୋର ଚିତ୍କାର କରି ଧୋବା କହୁଥିଲା ।'

ଆମେ ସେମିତି ଦୌଡ଼ି ଦୌଡ଼ି ମୁଣ୍ଡିଆ ଉପରେ ଚଢ଼ିଗଲୁ । ଆମ ସମସ୍ତଙ୍କର ଝାଳ ବୋହି ଯାଉଥିଲା । ଆମେ ସବୁ ସେଠି ଅନ୍ଧାରରେ ବସିଗଲୁ । ଘୋଡ଼ା ଭଳିଆ ସଁ ସଁ ହେଉଥିଲୁ ।

ମନୋହର ଦୀନାନାଥକୁ ପ୍ରଶଂସାପୂର୍ଣ୍ଣ ଭାବରେ ଚାହିଁ କହିଲା, 'ଆରେ ସାଙ୍ଗ ତୁ ତ ବଡ଼ ସଇତାନ ।'

ଦୀନାନାଥ ବହୁତ ଗମ୍ଭୀର ଥିଲା । ସେ ବୁଝେଇଲା, ଆରେ ଭାଇ, ଏସବୁ ମୁଁ ଜାଣିଶୁଣି କରିଛି । ଏଥିରେ ଆମର କେତେ ଅଭ୍ୟାସ ବଢ଼ିଲା । 'ମୁଁ କ'ଣ 'ଜାମା' ଚୋରୀ କରିବାକୁ ଚାହୁଁଥିଲି । ମୁଁ ଦେଖିବାକୁ ଚାହୁଁଥିଲି କି ଯଦି ଆମର କିଏ ପିଛା କରିବ ଆମେ କେତେ ଶୀଘ୍ର ଦୌଡ଼ି ପାରିବା । ଧର ସେ ଧୋବା ନହୋଇ ପୋଲିସ କନେଷ୍ଟବଳ ହୋଇ ଥାଆନ୍ତା, ଆମକୁ ଦୌଡ଼ିବାକୁ ପଡ଼ିଥାଆନ୍ତା କି ନାହିଁ ? ଧୋବ କଣ ପୁଲିସ କନେଷ୍ଟବଳ ଠାରୁ କମ୍ ତାଗଡ଼ା ନା ଆମକୁ କମ୍ ଦୌଡ଼ାଇଲା । ଏବେ ଯଦି କେଉଁ ପୋଲିସ କନେଷ୍ଟବଳ ଆମକୁ ଗୋଡ଼େଇବ ସେ ଆମକୁ ଧରି ପାରିବନି । ଏଇଟା ଥୟ । ଆମ ଟ୍ରେନିଂ ପାଇଁ ଏଇଟା ବହୁତ ବଡ଼ କାମ ହେଲା । ଏବେ ଆମକୁ ଆମ ଆଡ୍ଡାରେ ଯାଇ ଭାରତମାତାଙ୍କୁ ନମନ କରିବାକୁ ପଡ଼ିବ ଓ ଚିନି ସରବତ ଖାଇବାକୁ ପଡ଼ିବ ।

ଏହି ସ୍ୱଷ୍ଟିକରଣ ଦ୍ୱାରା ଆମେ ଜାଗ୍ରତ ହେଲୁ । ମୁଁ କିମ୍ବା ମୋ ସାଙ୍ଗମାନେ ଏ ଦୃଷ୍ଟିକୋଣରୁ ବିଚାର କରିନଥିଲୁ । ପ୍ରକୃତରେ ଦେଶର ସୁରକ୍ଷା ପାଇଁ ବହୁତ ବଡ଼ କାମ ହୋଇଛି ଏହାଦ୍ୱାରା ଆମ କ୍ରାନ୍ତିକାରୀ ଦଳର ଆତ୍ମବିଶ୍ୱାସ ତେଜିୟାନ ହେଲା । ଆଡ୍ଡାକୁ ଯାଇ ଭାରତମାତାଙ୍କ ସାମ୍ନାରେ ଆଣ୍ଠେଇ କରି ବହୁତ ସମୟ ଯାଏ ନମସ୍କାର କରିଲୁ । ଚୋରୀ ଚିନିରେ ସରବତ ବନା ହେଲା । ସମସ୍ତେ ପିଇଲୁ ।

ଦ୍ୱିତୀୟ ଘଟଣାଟି ଶ୍ମଶାନଘାଟରେ ଘଟିଥିଲା । କେତେବେଳେ କେତେବେଳେ ଆମର କଥାବାର୍ତ୍ତା ଭିତରେ ଭୂତପ୍ରେତ, ଡାହାଣୀ-ଚିରୁଗୁଣୀ, ଜିନ ଆଦି ବିଷୟରେ ପଡୁଥିଲା । ଦୀନେଶ୍ୱର କିଛିଦିନ ପୂର୍ବରୁ ଜଣେ ଯାଦୁଗର ଓ ଆଉଜଣେ ମାଙ୍କଡ଼ନଚାଳୀଙ୍କ ସହ ବୁଲୁଥିଲା । ଯେତେବେଳେ ଭୂତପ୍ରେତ କଥା ପଡୁଥିଲା ଦୀନେଶ୍ୱର ଉତ୍ସାହ ବହୁତ ବଢ଼ି ଯାଉଥିଲା । ସେ ସବୁବେଳେ କହୁଥିଲା ଭୂତପ୍ରେତଙ୍କୁ ବଶରେ କରାଯାଇ ପାରିବ । ଯିଏ କେହି ହେଉ ନା କାହିଁକି ଯଦି ଗଙ୍ଗାକୂଳ ଶ୍ମଶାନଘାଟରେ ରାତି ବାରଟାରେ ରହିଯିବ, ତା' ଦେହରେ ଏକ ଦୈବୀଶକ୍ତି ଆସିଯିବ । ଯିଏ ଯାହା ଚାହିଁବ ପ୍ରେତାତ୍ମା ଦ୍ୱାରା କରାଇ ପାରିବ । କିନ୍ତୁ ତାକୁ ଗୋଟିଏ କ୍ଷଣ ପାଇଁ ବି ଭୟ ନ କରି ରହି ପାରିଲେ ହେଲା । ଯଦି ନିଡର ହୋଇ ରହିବ ତ କିଛି ହେବନି । ଯଦି ଟିକେ ବି ସେ ଡରିବ ତା' ହେଲେ ସେଇଠି ତାକୁ ପ୍ରେତ ପିଶାଚ ଖାଇଦେବେ ।

ଉପନ୍ୟାସ ପଢ଼ିବା ଦ୍ୱାରା ମୋର ସାମାନ୍ୟ ଲାଭ ହୋଇଥିଲା । ଭୂତପ୍ରେତ ପ୍ରତି ମୋର କୌଣସି ଶ୍ରଦ୍ଧା ନଥିଲା । କିନ୍ତୁ ମନରୁ ଭୟ ଦୂର ହୋଇ ନଥିଲା । ନିର୍ଜନ ସ୍ଥାନରେ ମୋତେ ଏମିତି ଏକ ଭୟ ଆଚ୍ଛନ୍ନ କରି ରଖେ ଯେ, ଯାହା ଅବର୍ଣ୍ଣନୀୟ । ଏ ପ୍ରକାର ବିରୋଧଭାଷା ମୋତେ ସ୍ୱୀକାର ନଥିଲା । (କ୍ରମଶଃ)


♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ବାଲେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ




ବାଲେଶ୍ୱର,୧୩/୦୮ (ନି.ପ୍ର): ଆମ ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବାପାଇଁ ବିଜୁ ଜନତା ଦଳର ସଭାପତି ତଥା ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ । ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଜିଲ୍ଲାରେ ୨ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୨୯୨କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୩ଟି ବ୍ଲକ ଅଧିନରେ ଥିବା ୪୧ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୦୧ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୨୬୨୦୯୩ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇଦିଆଯିବ । ତନ୍ମଧ୍ୟରୁ ବାଲେଶ୍ୱର ସଦର ବ୍ଲକ ଅଧୀନରେ ଥିବା ୧୪ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୮୧ଟି ଗ୍ରାମର ପ୍ରାୟ ୧୦୧୩୨୧ଜଣ, ରେମୁଣା ବ୍ଲକ ଅଧିନରେ ଥିବା ୨୦ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୬୦ଟି ଗ୍ରାମର ପ୍ରାୟ ୧୨୧୨୧୦ଜଣ, ଖଇରା ବ୍ଲକ ଅଧିନରେ ଥିବା ୭ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୬୦ଟି ଗ୍ରାମର ପ୍ରାୟ ୩୯୫୬୨ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ । ସମସ୍ତ ପ୍ରକଳ୍ପ ଗୁଡିକୁ ୨୪ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବାତ୍ୟା ପ୍ରବଣ ଆମ ଜିଲ୍ଲା ପାଇଁ 'ବାତ୍ୟା ପ୍ରତିରୋଧକ ଲୁଣା ବନ୍ଧ ପ୍ରକଳ୍ପ' କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ୩୭୫କୋଟି ୩୨ଲକ୍ଷ ଟଙ୍କା ବ୍ୟୟରେ ଆମ ଜିଲ୍ଲାର ମୋଟ ୮୫.୩୦ କିମି ଦୀର୍ଘ ୨୦ଟି ଲୁଣା ବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ କରାଯିବ । ଉକ୍ତ ଲୁଣା ବନ୍ଧ ଗୁଡିକୁ ବାତ୍ୟା ପ୍ରତିରୋଧକ ସ୍ତରକୁ ଅଣାଯାଇ ଘଣ୍ଟାପ୍ରତି ୨୫୦କିମି ବେଗରେ ବହୁଥିବା ବାତ୍ୟା, ଉଚ୍ଚଜୁଆର, ଲୁଣାପାଣି ମାଡିଯିବା ତଥା ବାତ୍ୟା ଦାଉରୁ ନିକଟସ୍ଥ ସ୍ଥଳଭାଗ ଓ ଜନବସତି କୁ ସୁରକ୍ଷା ପ୍ରଦାନ କରାଯିବ । ଏହି ଲୁଣାବନ୍ଧ ଦ୍ୱାରା ବାଲେଶ୍ୱର ଜିଲ୍ଲାର ସଦର, ଭୋଗରାଇ ଓ ରେମୁଣା ବ୍ଲକର ୧୧,୬୦୦ହେକ୍ଟର ଚାଷ ଜମିକୁ ବନ୍ୟା ଓ ଲୁଣା ପାଣି ମାଡିଯିବାରୁ ରକ୍ଷା କରାଯିବା ସହିତ ୪୩ଟି ଗ୍ରାମର ୨ଲକ୍ଷରୁ ଅଧିକ ପରିବାରଙ୍କ ଧନଜୀବନ ସୁରକ୍ଷିତ ରହିପାରିବ । ଜିଲ୍ଲାର ବିକାଶ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଅବଦାନ ପାଇଁ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଯାଇ ବାଲେଶ୍ୱର ବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡ଼ି ସଭାପତି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭୋଗରାଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅନନ୍ତ ଦାସ, ସିମୁଳିଆର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ସଦର ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବାଲେଶ୍ୱର ପୌର ପରିଷଦ ଅଧ୍ୟକ୍ଷା ସବିତା ସାହୁ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ କୁମାର ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସମହାପାତ୍ର, ଜିଲ୍ଲା ବିଜେଡ଼ି ଉପସଭାପତି ଗୌରୀ କୁମାର ରାଉତ, ଭୁବନାନନ୍ଦ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ବିଜୁ କୃଷକ ଜନତା ଦଳ ସଭାପତି ଅଜୟ ସାମଲ, ଜିଲ୍ଲା ଅନୁସୂଚିତ ଜାତି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ ଏବଂ ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଆଜାଦିକା ମହୋତ୍ସବ ପାଳନ ଅବସରରେ ଦୀନକୃଷ୍ଣ ମହାବିଦ୍ୟାଳୟରେ ସାଇକେଲ ଶୋଭାଯାତ୍ରା

ଜଳେଶ୍ୱର, ୧୩/୮(ନି.ପ୍ର): ସମଗ୍ର ଦେଶରେ ଆଜାଦିକା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଆଜି ଦୀନକୃଷ୍ଣ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ପାଳନ କରିଛନ୍ତି । ଏଥିରେ ଅଧ୍ୟକ୍ଷ ରାଧାରଂଜନ ସେନାପତି ପୌରହିତ୍ୱ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ ଓ ଗାଇଡ୍‌ର ଛାତ୍ରଛାତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀମାନେ ଯୋଗ ଦେଇଥିଲେ । ତ୍ରୀରଙ୍ଗା ପତାକା ଧରି ଏକ ବିଶାଳ ସାଇକେଲ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ବିଭିନ୍ନ ଦେଶାତ୍ମବୋଧକ ନାରା ଦେଇ ଜଳେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା । ସ୍ୱାଧୀନତାର ଅମୃତ ମହୋତ୍ସବକୁ ଲୋକାଭିମୁଖୀ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ସଂକଳ୍ପ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି ।

## ବିଜେପିର ଆଜାଦିକା ଅମୃତ ମହୋତ୍ସବ ପାଳନ

ଜଳେଶ୍ୱର, ୧୩/୮(ନି.ପ୍ର): ଦେଶରେ ସ୍ୱାଧିନତାର ୭୫ବର୍ଷ ପୁର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଅମୃତ ମହୋତ୍ସବକୁ ଲୋକାଭିମୁଖୀ କରିବା ଲାଗି ଆଜି ବିଜେପି ପକ୍ଷରୁ ଏକ ପଦାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ବ୍ଲକବଜାରସ୍ଥିତ କାର୍ଯ୍ୟାଳୟରୁ ଏହି ପତାକା ଶୋଭାଯାତ୍ରା ବାହାରି ରେଳ ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା । ଏହି ପଦାଯାତ୍ରାରେ ସାଂସଦ ପ୍ରତାପ ଷଢ଼ଙ୍ଗୀ ଯୋଗ ଦେଇଥିବା ବେଳେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତା ଅରୁଣ ବେଜ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଜିଲ୍ଲା ଉପସଭାନେତ୍ରୀ ସାବିତ୍ରୀ ଜେନା, କାଉନ୍‌ସିଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ଉମାହେମ୍ବ୍ରମ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ନଗର ସାଧାରଣ ସଂପାଦକ ରବୀନ୍ଦ୍ର ପାତ୍ର, ୮ନଂ ଜୋନ୍ ସଭାପତି ବିଶ୍ୱରୂପ ଦାସ, ତନ୍ମୟ ଚାନ୍ଦ, ମୁକ୍ତାରାଣୀ ପାଲ, ଦେବଯାନୀ ଅଣ୍ଡିଆ, ଜ୍ୟୋସ୍ନା ମହାନ୍ତି, ଶେଖ ସୁଲତାନ, ବନମାଳି ଧଳ, ନଗେନ୍ଦ୍ର ପାତ୍ର, ସୁମତି ରଣା, ରାମକୃଷ୍ଣ ସାହୁ, କମଳଲୋଚନ ପାଳ, ତନ୍ମୟ ଚାନ୍ଦ, ମିଡିଆ କୋଡିନେଟର ଜଗନ୍ନାଥ ଗୋଛାୟତ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ବୋଲଂ - ପାଉଁଶିଆ ସଂଯୋଗ ରାସ୍ତାର ବନ୍ଧ ଭାଙ୍ଗି ନଷ୍ଟ



ଲଙ୍ଗଳେଶ୍ୱର,୧୩/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଂ ଗ୍ରାମ ପଞ୍ଚାୟତ ର ଲଗାଣ ବର୍ଷାରେ ବୋଲଂର ମୁଖ୍ୟ ରାସ୍ତାରୁ ପାଉଁଶିଆ କୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ମାଟି ରାସ୍ତା ବନ୍ଧ ଭାଙ୍ଗି ଜଳ ବୁଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ରାସ୍ତା ଦେଇ ପ୍ରତିଦିନ ହସ୍ପିଟାଲ୍ କୁ ବିଭିନ୍ନ ଜାଗାରୁ ଲୋକ ମାନେ ଶରୀର ଆରୋଗ୍ୟ ପାଇଁ ଆସନ୍ତି । ଏହି ରାସ୍ତା ଦୈନନ୍ଦିନ ଯିବା ଆସିବା ରାସ୍ତା ହେଉଥିବାରୁ ଲୋକ ମାନେ ଶସ୍ୟ ଅମଳ ପାଇଁ ଚାଷ ଜମି କୁ ପ୍ରତ୍ୟେକ ଦିନ ଯିବା ଆସିବା କରନ୍ତି ଲଗାଣ ବର୍ଷା ଯୋଗୁଁ ଏହି ରାସ୍ତା ଅଞ୍ଚଳ ବାସୀ ଙ୍କ ପାଇଁ ସଂପୂର୍ଣ୍ଣ ବିଛିନ୍ନ ହୋଇଯାଇଛି । କହିବାକୁ ଗଲେ ଲୋକ ମାନେ ପଞ୍ଚାୟତ ଅଫିସ କୁ ବିଭିନ୍ନ କାର୍ଯ୍ୟ ପାଇଁ ଜମା ଆସି ପାରୁନାହାଁନ୍ତି ବଡ଼ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଖବର ପାଇ ବାଲିଆପାଳ ବ୍ଲକ ବିଡ଼ିଓ ଦୀପକ କୁମାର ଦାସ ଘଟଣା ସ୍ଥଳରେ ପହଞ୍ଚି ଏହି ରାସ୍ତାର ତଦନ୍ତ କରି ବିଭିନ୍ନ ସମସ୍ୟା ବାବଦରେ ତଦା ରଖ କରିଛନ୍ତି । ପଥର ପେଚିଂ ସହ ନୂତନ ରାସ୍ତା ପାଇଁ ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନା ରାଣୀ ମଲ୍ଲିକ, ସରପଞ୍ଚ ପ୍ରତିନିଧି କାର୍ତ୍ତିକ ମଲ୍ଲିକ , ବିଜୁଜନତା ଦଳର ପଞ୍ଚାୟତ ସଭାପତି ଯୋଗେନ୍ଦ୍ର ମହାପାତ୍ର, ସମିତି ସଭ୍ୟ ତପନ ରାଉତ, ଗୌତମ ପାତ୍ର, ବାବୁଧର ସାହୁ, ବାଦଲ ବେହେରା ପ୍ରମୁଖ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ।

## ସମୀର ୱାନଖେଡ଼ଙ୍କୁ ଆଶ୍ୱସ୍ତି : ମୁସଲମାନ ହେବାର କୌଣସି ପ୍ରମାଣ ନାହିଁ

ମୁମ୍ବାଇ, ୧୩/୦୮ : ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ (ଏନସିବି) ର ପୂର୍ବତନ ବିଭାଗୀୟ ନିର୍ଦ୍ଦେଶକ ସମୀର ୱାନଖେଡ଼ଙ୍କୁ ଜାତି ପ୍ରମାଣପତ୍ର ଯାଂଚ କମିଟିରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ସମୀର ୱାନଖେଡ଼ ଏବଂ ତାଙ୍କ ପିତା ଇସଲମାନ ଧର୍ମ ଗ୍ରହଣ କରିଥିବା କୌଣସି ପ୍ରମାଣ ନାହିଁ । ତେଣୁ ଜାତି ପ୍ରମାଣପତ୍ର ଯାଂଚ କମିଟି ତାଙ୍କ ହିନ୍ଦୁ ମୋହର ଜାତି ପ୍ରମାଣପତ୍ର ବୈଧ ବୋଲି ନିଷ୍ପତି ନେଇଛି । ଏହା ସମୀର ୱାନଖେଡ଼ଙ୍କୁ ଆରମ ପ୍ରଦାନ କରିଥିବା ବେଳେ ଜାତି ପ୍ରମାଣପତ୍ର ଯାଂଚ କମିଟିର ନିଷ୍ପତି ପୂର୍ବତନ ମନ୍ତ୍ରୀ ନବାବ ମଲ୍ଲିକଙ୍କ ପାଇଁ ଏକ ପ୍ରତିବନ୍ଧକ ବୋଲି ବିବେଚନା କରାଯାଉଛି ।

## ସ୍ୱାଧୀନତା ଅମୃତ ମହୋତ୍ସବ ପାଇଁ ଶୋଭାଯାତ୍ରା

ବାରିପଦା, ୧୩/୦୮ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ତଥା "ହର୍ ଘର୍ ତ୍ରିରଙ୍ଗା" କାର୍ଯ୍ୟକ୍ରମ ପାଳନ ପରିପ୍ରେକ୍ଷୀରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାକର୍ମୀରୀ ତଥା ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ବିଭିନ୍ନ ଦେଶଭକ୍ତି ମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷକ ଅମିତାଭ ମିଶ୍ର, ଅମୂଲ୍ୟ କୁମ୍ଭକାର, ମନୋଜ କୁମାର ପରିଡା, ପ୍ରଦୀପ କୁମାର ଦଣ୍ଡପାଟ, ଉପେନ୍ଦ୍ର ନାଥ ବେହେରା ପ୍ରମୁଖ ଭାରତବର୍ଷର କଷ୍ଟଲବ୍ଧ ସ୍ୱାଧୀନତାକୁ ମର୍ମେ ମର୍ମେ ଅନୁଭବ କରିବା ସହ ଦେଶମାତୃକା ସେବା ପାଇଁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷୟିତ୍ରୀ ସୋନାଲି ପରିଡା, ଶିକ୍ଷକ ରାଜୀବ ଲୋଚନ ଜେନା ଓ ଅର୍ଜୁନ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଳନାରେ ସହଯୋଗ କରିଥିଲେ ।

## ସବାଇ ସାମଗ୍ରୀର ବିବିଧକରଣ ସମ୍ପର୍କିତ ତାଲିମ ଶିବିର



ବାରିପଦା, ୧୩/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଏବଂ ଅମ୍ୱାଡିସ୍ ସହାୟତାରେ ବାରିପଦା ବ୍ଲକ ଅନ୍ତର୍ଗତ ଲଙ୍ଗଳକଟା ଠାରେ ମୁଲୁଚାନ୍ଦ କାରିଗର ଉତ୍ପାଦକ ସଂଗଠନ ଓ ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ତରଡାପାଳ ଠାରେ ନିଝାରି ବଡାମ କାରିଗର ଉତ୍ପାଦକ ସଂଗଠନ ଆନୁକୁଲ୍ୟରେ ଆଦିବାସୀ କାରିଗରମାନଙ୍କ ପାଇଁ ସବାଇ ଘାସ ସାମଗ୍ରୀର ବିବିଧକରଣ ଉପରେ ଏକ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଅଛି । ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ତାଲିମ କାର୍ଯ୍ୟକ୍ରମରେ ମୋଟ ୧୦୦ ଜଣ କାରିଗର ଅଂଶଗ୍ରହଣ ପୂର୍ବକ ତାଲିମ ନେଉଛନ୍ତି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ସ୍ୱୀକୃତିପ୍ରାପ୍ତ ଗୌତମ ମୋଦକ ଓ ମୃତ୍ୟୁଂଜୟ କୁମାର ପ୍ରମୁଖ ପ୍ରଶିକ୍ଷକ ଭାବେ କାରିଗର ମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି । ଏହାର ଉଦଘାଟନ ଉତ୍ସବରେ ପ୍ରକଳ୍ପ ଟିମ୍ ଲିଡର ଶ୍ୱେତା ମିଶ୍ର ଅନଲାଇନ ମାଧ୍ୟମରେ ଯୋଗଦାନ କରି କାରିଗରୀ ମାନଙ୍କୁ ବଜାର ଚାହିଦା ଅନୁସାରେ ସବାଇଘାସ ସାମଗ୍ରୀର ବିବିଧ କରଣର ଗୁଣାତ୍ମମାନର ବିଭିନ୍ନ ସାମଗ୍ରୀ ଉତ୍ପାଦନ କରି କିପରି ସେ ସମ୍ପର୍କରେ ସୂଚାଇଥିଲେ । ଏହି ତାଲିମ ଶିବିରରେ ଶ୍ରୀ ମୋଦକ ମୁଖ୍ୟ ପ୍ରଶିକ୍ଷକ କାରିଗର ମାନଙ୍କ ଭିତରେ ଥିବା କୌଶଳକୁ ଉନ୍ନତ କରି ସବାଇଘାସ ସାମଗ୍ରୀର ବିବିଧ କରଣ କରିପାରିବେ ବୋଲି କହିଥିଲେ । ସେହିପରି ମୃତ୍ୟୁଂଜୟ କୁମାର ପ୍ରଶିକ୍ଷକ ତୋରଡାପାଳ ବଜାର ଚାହିଦା ଅନୁସାରେ ପ୍ରସ୍ତୁତ ସାମଗ୍ରୀ ଗୁଡିକର ଡିଜାଇନର ନୂତନତ୍ୱ ଆଣିବା ଆବଶ୍ୟକତା ଉପରେ ତାଲିମ ଦେଇଥିଲେ । ଏହି ୧୦ଦିନିଆ ତାଲିମ ଶିବିର କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ବୁଧୁରାମ ପାତ୍ର, ଚିନ୍ତାମଣି ମହାପାତ୍ର କାର୍ଯ୍ୟକ୍ରମ ଅଧିକାରୀ ପ୍ରମୁଖ ସଂଯୋଜନା କରୁଛନ୍ତି । ମୁକୁନ୍ଦ ଚାନ୍ଦ କାରିଗରୀ ଉତ୍ପାଦକ ସଂଗଠନ ର ସଭାନେତ୍ରୀ କୁନି ସିଂ, ସମ୍ପାଦିକା ରମିତା ସିଂ ଓ କୋଷାଧକ୍ଷା ନିଶାମଣି ନାଏକ, ଲଙ୍ଗଳକଟା ଠାରେ ଚାଲିଥିବା ତାଲିମ ଶିବିର ଆୟୋଜନରେ ସହଯୋଗ କରୁଥିବାବେଳେ ତୋରଡାପାଳ ବାଙ୍ଗିପୋଷିଠାରେ ଚାଲିଥିବା ତାଲିମ ଶିବର ଆୟୋଜନରେ ଏବଂ ନିଝାରିବଡାମ କାରିଗରୀ ଉତ୍ପାଦକ ସଂଗଠନର ସଭାନେତ୍ରୀ ସରସ୍ୱତୀ ନାଏକ ଓ କୋଷାଧକ୍ଷ୍ୟା ବିନ୍ଦୁମତି ନାଏକ ଶିବିର ଆହୋଜନରେ ସହଯୋଗ କରୁଛନ୍ତି ।

## ଖୋର୍ଦ୍ଧା ଜିଲ୍ଲାରେ ଗୋରୁଚରାଭୂମି ନାହିଁ : ଗୋରୁ ବଂଶକୁ ବିପଦ

ଖୋର୍ଦ୍ଧା, ୧୩/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ପ୍ରାୟେ ସବୁଅଞ୍ଚଳ ଗୋରୁ ଗାଈ , ଛେଳି,ମେଣ୍ଢା , ଗୃହ ପାଳିତ ପଶୁଙ୍କ ଚରା ଭୂମି ବିଲୁପ୍ତ ହୋଇ ଗଲାଣି । ଖୋର୍ଦ୍ଧା ଜିଲ୍ଲା ରାଜଧାନୀ ଜିଲ୍ଲା ହୋଇ ଥିବାରୁ, ସବୁଆଡେ କୋଠା , ଆପାଟମେଣ୍ଟ ବଢ଼ି ଚାଲିଛି । ଯାହାଫଳରେ ଚାଷଜମି, ଜଙ୍ଗଲଜମି, ଜଗନ୍ନାଥଜମି ମଠଜମି, ଦାମୀ କୋଠା ଠିଆ । କୋଠା ବାଡି ଧନୀଙ୍କ, ରାଜନେତା, ହାକିମ ହକିମଆଣି ନିଜ ଜନ୍ମ ଜଗା ଛାଡ଼ି ଦାମୀ କୋଠା କରି ରାଜଧାନୀ ରହିବାକୁ ପସନ୍ଦ କରୁଛନ୍ତି । ବାହାର ଜିଲ୍ଲା ଓ ପ୍ରଦେଶରୁ ପଇସା ବାଲା ଲୋକ ଯାଗା କିଣି ଘର କରୁଛନ୍ତି । ନିଜ ଜନ୍ମ ଯାଗା ଭୂଲୀ ଆମଘର ଭୁବନେଶ୍ୱର କହୁଚନ୍ତି । ନିଜ ଗାଁ ନାମ କହିବାକୁ ଲାଜ ଲାଗୁଚି । ଚାଷ ଜମି, ପଡିଆ ଜମି, ଆକାଶ ଛୁଆଁ ଦାମ ଯୋଗୁ ଗ୍ରାମ ଲୋକ ବିକି ଦେଉଛନ୍ତି । ୨୦୩୦ ବେଳେକୁ ଆଉ ଚାଷଜମି ଭୁବନେଶ୍ୱର କଟକ, ପୁରୀ ଜିଲ୍ଲାରେ ଦେଖିବାକୁ ମିଳିବ ନାହିଁ । ବାକି ରହିଲା ସରକାରୀ ଜମୀ ଓ ଗୋଚର ଜମି ବସ୍ତି ବାସିନ୍ଦା ଜବର ଦାଖଲ କରି ଘର କରି ବିଭିନ୍ନ ଜିଲାରୁ ଆସି ରହୀ ରାଜନେତାଙ୍କ ଭୋଟ ବାକ୍ସ ପାଲଟି ଯାଇଛନ୍ତି । ସରକାର ତାଙ୍କୁ ସୁଯୋଗ ଦେଉଛନ୍ତି କାରଣ ଭୋଟ ଗୋଟେ ପଟକୁ ଯିବ । ଉକ୍ତ ଅଞ୍ଚଳ ମାଙ୍ଗଡା, ମୋରମ, କଳା ମୁଗୁନି ଖଣି, ସରକାରି, ଗୋଚର, ମଠ, ଜଗନ୍ନାଥ ଜମି ଉପରେ ଚାଲିଛି । ଯାହା ଯୋଗୁ ପଡିଆ ଜମି ବିରାଟ ବିରାଟ ଗାତ ହୋଇ ଯାଇଛି । ଆଉ କ୍ରସର, ମେଣ୍ଟାଲ କଳା ମୁଗୁନି ଚାଙ୍ଗଡ଼ା, କ୍ରସର ଗୁଣ୍ଡ ଓ କେମିକାଲ ଦେଇ ସିମେଣ୍ଟ ଇଟା ତିଆରି, ସରକାରୀ ଯାଗାରେ ହୋଇଛି । ଗୋରୁ ,ଗାଈର, ଗୃହ ପାଳିତ ପଶୁ ଆଉ ଏହି ଅଞ୍ଚଳରେ ଦେଖିବାକୁ କମ । ଗୋରୁ ଖତ ଜମି ପାଇଁ ଆଉ ମିଳୁ ନାହିଁ । ବଳଦ, ଶଗଡ଼, ହଳ, ଲଙ୍ଗଳ ଲୋପ ପାଇ ଗଲାଣି । ଗୋରୁ ଯେତିକି ଅଛନ୍ତି ସେମାନଙ୍କ ପାଇଁ ସବୁଜ ଘାସ, ବୃକ୍ଷ , ପ୍ରକୃତି ଦତ୍ତ ଖାଦ୍ୟ ଅଭାବ । ଯେଉଁମାନେ ଚରିବା ପାଇଁ ଯାଉଛନ୍ତି ସେମାନେ ଏହି ଖଣି ଗର୍ତ୍ତରେ ସଦା ପଡ଼ି ମରୁଛନ୍ତି । ଏପରିକି ବହୁ ଲୋକ ଖଣିରେପଡ଼ି ମରୁଛନ୍ତି ଓ ଅକ୍ରମଣ ହୋଇ ଘରେ ପଡ଼ି ରହୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଜି ଅବପାତର ରୂପ ନେବ....

ଏହି ଜିଲ୍ଲାଗୁଡିକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି,, ବାଲେଶ୍ୱର, ମୟୂରଭଞ୍ଜ , କେନ୍ଦୁଝର , ଅନୁଗୁଳ,ସମ୍ବଲପୁର,ସୋନପୁର, ବରଗଡ,ବୌଦ୍ଧ,କଳାହାଣ୍ଡି, କନ୍ଧମାଳ ଏବଂ ରାୟଗଡା । ସେହିପରି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ନୂଆପଡା, ବଲାଙ୍ଗୀର, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିବିଭାଗ । ଅନ୍ୟପକ୍ଷରେ ୧୩ରୁ ୧୪ ତାରିଖ ମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ପାଇଁ ୧୦ଟି ଜିଲ୍ଲାକୁ ରେଡ ଆଲର୍ଟ ଜାରି କରାଯାଇଛି । ନୂଆପଡା, କଳାହାଣ୍ଡି, ବଲାଙ୍ଗୀର, ବରଗଡ, ସୋନପୁର, ବୌଦ୍ଧ, ଝାରସୁଗୁଡା, ସମ୍ବଲପୁର, ଦେବଗଡ ଏବଂ ଅନୁଗୁଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ୧୧ ଜିଲ୍ଲାକୁ ଅରେଞ୍ଜ ଏବଂ ୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ ।

### ସଲମାନ ରୁସଦିଙ୍କ....

ସଂକଟାପନ୍ନ ଥିବା ସୂଚନା ମିଳିଛି । ଶୁକ୍ରବାର ପଶ୍ଚିମ ନ୍ୟୁୟର୍କରେ ଆୟୋଜିତ ସଭାକୁ ରସିଦ ସମ୍ବୋଧନ କରିବାକୁ ଯିବା ବେଳେ ଆକ୍ରମଣ କରିଥିଲେ ଜଣେ ଯୁବକ । କେହି କିଛି ବୁଝିବା ପୂର୍ବରୁ ହଠାତ୍ ଜଣେ ୨୪ ବର୍ଷ ବୟସ୍କ ଯୁବକ ମଂଚକୁ ଡେଇଁ ସଲମାନ ରସଦିଙ୍କୁ ମୁଥ ପରେ ମୁଥ ମାରିଥିଲେ । ଏହାପରେ ଛୁରି ଧରି ରସଦିଙ୍କ ବେକ, ତଳିପେଟ ଓ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିବା ନ୍ୟୁୟର୍କ ପୁଲିସ ସୂଚନା ଦେଇଛି । ଆକ୍ରମଣ ପରେ ଉପସ୍ଥିତ ଲୋକେ ଅଭିଯୁକ୍ତକୁ କାବୁ କରିନେଇଥିଲେ । ଅଭିଯୁକ୍ତ ଜଣକ ନ୍ୟୁଜର୍ସିର ହାଦି ମତାର ବୋଲି ଚିହ୍ନଟ କରାଯାଇଛି । ବିବାଦୀୟ କଥାବସ୍ତୁକୁ ନେଇ ଉପନ୍ୟାସ ଲେଖିଥିବା ସଲମାନ ରସଦିଙ୍କୁ ଏହା ପୂର୍ବରୁ ମଧ ହତ୍ୟା ପାଇଁ ଉଦ୍ୟମ ହୋଇଥିଲା । 'ସୈନେଟିକ ୱର୍ସେଜ୍' ଉପନ୍ୟାସରେ ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଭଳି କାହାଣୀ ଲେଖିଥିଲେ ରସଦି ଯାହାକୁ ନେଇ ଜୋରଦାର ବିରୋଧ ହୋଇଥିଲା । ପ୍ରଥମେ ଏହି ଉପନ୍ୟାସ ଉପରେ ଭାରତ ଓ ପରେ ପାକିସ୍ତାନ ସମେତ ଅନ୍ୟ ଇସଲାମିକ୍ ଦେଶଗୁଡିକ ପ୍ରତିବନ୍ଧକ ଲଗାଇଥିଲେ । ଧର୍ମକୁ କଟାକ୍ଷ କରି ଉପନ୍ୟାସ ଲେଖିଥିବାରୁ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି ।

## ରାଜ୍ୟରେ ନୂଆ ୪୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୨୧୮୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୪୦୩ ଆକ୍ରାନ୍ତଙ୍କ ମଧ୍ୟରୁ ୨୩୭ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୬୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ନୂଆ ୮୪୪ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୯୦୧୦ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୯୬୬ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୪୦୩ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୭, ବରଗଡ ଜିଲ୍ଲାରେ ୧୩, ଭଦ୍ରକ ଜିଲ୍ଲାରେ ଜଣେ, ବଲାଙ୍ଗୀର ଜିଲ୍ଲାରେ ୨୨, ବୌଦ୍ଧ ଜିଲ୍ଲାରେ ୬, କଟକ ଜିଲ୍ଲାରେ ୧୬, ଦେବଗଡ ଜିଲ୍ଲାରେ ୨, ଢ଼େଙ୍କାନାଳ ଜିଲ୍ଲାରେ ଜଣେ, ଗଜପତି ଜିଲ୍ଲାରେ ୬, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୨, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡା ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୧୯, କନ୍ଧମାଳ ଜିଲ୍ଲାରେ ୪ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯, ମାଲକାନଗିରି ଜିଲ୍ଲାରେ ଜଣେ, ମୟୁରଭଞ୍ଜ ଜିଲ୍ଲାରେ ୧୯, ନବରଙ୍ଗପୁର ଜିଲ୍ଲାରେ ୧୭, ନୟାଗଡ ଜିଲ୍ଲାରେ ୧୫, ନୂଆପଡ଼ା ଜିଲ୍ଲାରେ ୧୭, ପୁରୀ ଜିଲ୍ଲାରେ ୨, ରାୟଗଡା ଜିଲ୍ଲାରେ ୪, ସମ୍ବଲପୁର ଜିଲ୍ଲାରେ ୩୬, ସୋନପୁର ଜିଲ୍ଲାରେ ୧୪ , ସୁନ୍ଦରଗଡ ଜିଲ୍ଲାରେ ୬୬ ଓ ଷ୍ଟେଟ ପୁଲରେ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବିଜେପିର 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ' ଆରମ୍ଭ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତି ଅବସରରେ ସମଗ୍ର ଭାରତବର୍ଷ ଆଜି ଆଜାଦି କା ଅମୃତ ମହୋତ୍ସବ ପାଳନ କରୁଛି । ସ୍ୱାଧିନତା ସଂଗ୍ରାମୀଙ୍କ ତ୍ୟାଗ ଓ ଅବଦାନକୁ ମନେ ପକାଇ ଅମୃତ ମହୋତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆଜିଠାରୁ 'ହର୍ ଘର ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହୋଇଛି । ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ସମସ୍ତ କାର୍ଯ୍ୟକର୍ତା ଆଜି ନିଜ ନିଜ ଘରେ ତ୍ରିରଙ୍ଗା ପତାକା ଉତୋଳନ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ତ୍ରିରଙ୍ଗା ପତାକା ଉତୋଳନ କରିଥିଲେ । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀଣ ସଦସ୍ୟ ଲକ୍ଷ୍ମଣ ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ସାଇ ସାଧନା ସାଇନ୍ସ କଲେଜରେ ଅମୃତ ମହୋତ୍ସବ ପାଳିତ



ବାରିପଦା, ୧୩/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥିତ ସାଇ ସାଧନା ସାଇନ୍ସ କଲେଜରେ ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସାଇସାଧନା ଟ୍ରଷ୍ଟର ଚେୟାରମ୍ୟାନ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ସସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ, କୋଷାଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ପରିଛା, ଅଧ୍ୟକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା, ସଭ୍ୟା ମମତା ପରିଛା, ପ୍ରଭାସିନୀ ବିନ୍ଧାଣୀ, ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱାଧୀନତାର ପଚସ୍ତରୀ ବର୍ଷର ସ୍ମୃତି ଚାରଣ କରିଥିଲେ ଏବଂ ଦେଶ ସ୍ୱାଧିନତା ପାଇଁ ଆତ୍ମବଳୀ ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନୁଷ୍ଠାନର ଏକାଡେମୀକ୍ ଡାଇରେକ୍ଟର ପ୍ରଫେସର ଅନାଦି ଚରଣ ଗାଁଣ ଅତିଥି ରୂପେ ଯୋଗଦେଇ ଭାରତର ସ୍ୱର୍ଣ୍ଣିମ ଅତୀତରେ ସ୍ମୃତି ଚାରଣ କରି ଛାତ୍ରଛାତ୍ରୀଙ୍କୁ ଦେଶର ଭବିଷ୍ୟତ ଶ୍ରୀବୃଦ୍ଧି ପାଇଁ କଠିନ କରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ କଲ୍ୟାଣ କୁମାର ହାତୀ ଧନ୍ୟବାଦ ଅର୍ପଣ କରିଥିଷଲ । ଶେଷରେ ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ କଲେଜ ନିକଟସ୍ଥ ଗ୍ରାମ ଗୁଡ଼ିକରେ ପରିକ୍ରମା କରିଥିଲେ ।

## ଲଘୁଚାପ ଜନିତ ବର୍ଷା, ତଳି ନଷ୍ଟ : ଚାଷୀ ହତାଶ

ଲଙ୍ଗଳେଶ୍ୱର, ୧୩/୦୮ (ନି.ପ୍ର): ଜଳ ବିହୁନେ ସୃଷ୍ଟି ନାଶ,ଜଳ ବହୁଳେ ସୃଷ୍ଟି ନାଶ ଭଳି ପ୍ରଥମେ ନିଅଣ୍ଟିଆ ବର୍ଷା ଓ ପରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଚାଷୀମାନେ ନାହିଁ ନଥିବା ଅସୁବିଧା ରେ ହତାଶ ହୋଇପଡିଛନ୍ତି । ବାଲେଶ୍ୱର ଜିଲ୍ଲା, ବାଲିଆପାଳ ବ୍ଲକ ର ଲଙ୍ଗଳେଶ୍ୱର ଅଞ୍ଚଳ ର ଚାଷୀମାନେ ବହୁ କ୍ଷତି ର ଶିକାର ହୋଇଛନ୍ତି ।ଶ୍ରାବଣ ମାସର ପନ୍ଦର ଦିନ ଯାଏ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀମାନେ ତଳି ପକାଇ ପାରି ନଥିଲେ ।ଏକପ୍ରକାର ମରୁଡି ଆଶଙ୍କା ଦେଖା ଯାଇଥିଲା । ଡେରିରେ ହେଉ ବରଂ ଅସରାଏ ବର୍ଷା ହେବା ଯୋଗୁଁ ସମସ୍ତେ ତଳି ପକା କାର୍ଯ୍ୟ ସାରିଥିଲେ ।କିନ୍ତୁ ଗତ ଆଠ ଦିନ ଧରି ପ୍ରବଳ ବର୍ଷା ହେବା ଯୋଗୁଁ ଜମି ବୁଡି ବନ୍ଧ ଉପରେ ଆଣ୍ଠୁଏ ପାଣି ଜମି ରହିବା ଫଳରେ ତଳି ପଚି ନଷ୍ଟ ହୋଇଯାଇଛି ।ଯାହାବି ବାକି ରହିଛି ପୁଣି ଲଗାତାର ବର୍ଷା ସବୁ ନଷ୍ଟ ହେବା ଆଶଙ୍କାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରବଳ ବର୍ଷା ପାଇଁ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡିଛି । ବିଦ୍ୟୁତ ସରବରାହ ବାଧା ପ୍ରାପ୍ତ ହୋଇଛି ।ବହୁ ଘର ଦ୍ୱାର ନଷ୍ଟ ହେବା ସହ ରାସ୍ତା ଘାଟ, ଏବଂ କଚା ବନ୍ଧ ଭାଙ୍ଗିଯାଇ ଜାତୟତରେ ଅସୁବିଧା ଦେଖାଯାଇଛି ।ତଳିଆ ଅଞ୍ଚଳ କୁଣ୍ଡୁଳି, ସାଉଡି, ବଳଙ୍ଗ, ବଣିଆଡିହା ଆଲୁ ମେଦା, ଇତ୍ୟାଦି ଘୋର ପ୍ରଭାବିତ ହୋଇଛନ୍ତି, ଜଳକା ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ଭୟରେ ଲୋକେ ଛାନିଆ ହୋଇପଡିଛନ୍ତି ।ପନ୍ନି ପରିବା ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁଁ ଲୋକେ ଅସ୍ତବ୍ୟସ୍ତ ହୋଇପଡିଲେଣି । ତେବେ ଏସବୁ ଦିଗରେ ସ୍ଥାନୀୟ ପ୍ରଶାସନ ଏବଂ ନିର୍ବାଚିତ ନେତାମାନେ ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି ।

ବାଲେଶ୍ୱର, ରବିବାର, ୧୪ ଅଗଷ୍ଟ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରେଲୱେ ଆବାସ ଓ କ୍ୱାର୍ଟର୍ସମାନଙ୍କରେ ତ୍ରିରଙ୍ଗା ଉଡିଲା

ଭୁବନେଶ୍ୱର,୧୩/୦୮ (ନି.ପ୍ର): ଭାରତ ସ୍ୱାଧୀନତାର ୭୫ ତମ ବର୍ଷ ପାଳନ କରିବା ଅବସରରେ ପୂର୍ବ ତଟ ରେଳପଥ ଆଜାଦୀର ଅମୃତ ମହୋତ୍ସବର ଏକ ଅଂଶ ଭାବେ ପ୍ରତିଘରେ ତ୍ରିରଙ୍ଗା ଅଭିଯାନକୁ ସଫଳ କରାଇବା ପାଇଁ ନିଜ କର୍ମଚାରୀମାନଙ୍କୁ ନିଜ ଘରେ ୧୩ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ତିରଙ୍ଗା ଉଡ଼ାଇବାକୁ ପ୍ରୋତ୍ସାହିତ କରିଛି । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ହର ଘର ତିରଙ୍ଗା ଅଭିଯାନରେ ଅଂଶଗ୍ରହଣ କରି ରେଳ କର୍ମଚାରୀଙ୍କ ମଧ୍ୟରେ ଦେଶଭକ୍ତି ଆଣିବା ସହ ସେମାନଙ୍କ ଘରେ ଜାତୀୟ ପତାକା ଉତୋଳନ କରିଛନ୍ତି । ପୂର୍ବରୁ ମହାପ୍ରବନ୍ଧକ ଶ୍ରୀ ଶ୍ରୀବାସ୍ତବ ରେଳପଥର ସମସ୍ତ କର୍ମଚାରୀଙ୍କୁ ହର ଘର ତିରଙ୍ଗା ଅଭିଯାନରେ ଭାଗ ନେବାକୁ ନିବେଦନ କରିଥିବା ସହିତ ରେଳପଥର ବିଭିନ୍ନ ବିଭାଗୀୟ ପ୍ରମୁଖ ଅଧିକାରୀ ମାନଙ୍କୁ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ଯାହା ଦ୍ୱାରା ପ୍ରତ୍ୟେକ କର୍ମଚାରୀ ଏହି ଅଭିଯାନରେ ଜଡିତ ହୋଇପାରିବେ । ରେଳପଥର କର୍ମଚାରୀଙ୍କ ମଧ୍ୟରେ ଜାତୀୟ ପତାକା ବଣ୍ଟନ କରିବା ପାଇଁ ବିଶେଷ ପଦକ୍ଷେପ ନିଆଯାଇଥିଲା ଯାହାଦ୍ୱାରା ପୂର୍ବତଟ ରେଳପଥର ବହୁ ସଂଖ୍ୟକ ରେଳ କର୍ମଚାରୀ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିପାରିବେ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ପୁରୀ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର ଏବଂ କଟକ ଷ୍ଟେସନରେ; ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଥିବା ଭବାନୀପାଟଣା, ନୂଆପଡା ରୋଡ଼, ମହାସମୁନ୍ଦ, ବଲାଙ୍ଗୀର, ବରଗଡ଼ ରୋଡ଼ ଓ ସମ୍ବଲପୁର ଏବଂ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ ବିଶାଖାପାଟଣା, ବିଜୟନଗରମ ଓ ରାୟଗଡା ରେଳ ଷ୍ଟେସନ ମାନଙ୍କଠାରେ ହର ଘର ତୀରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ କରାଯିବ ସହିତ ଏହାକୁ ସ୍ମରଣୀୟ କରାଇବା ପାଇଁ ସେଲ୍ଫି ଉଠାଇବାପାଇଁ ଉପଯୁକ୍ତ ସ୍ଥାନ ସୁବିଧା ପ୍ରଦାନ କରାଯାଇଛି ।

# କବି ନିରାକାର ଦାସ ପାଇଲେ 'ବିପ୍ଲବୀକବି ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି ସମ୍ମାନ'



ଭୁବନେଶ୍ୱର,୧୩/୦୮ (ନି.ପ୍ର): "ଦୁଃଖିନୀକନିକା"ରଲେଖକମହାନ ସ୍ୱାଧୀନତାସଂଗ୍ରାମୀ ଓ ବିପ୍ଲବୀକବି ଆନନ୍ଦ ଚନ୍ଦ୍ରଜେନାଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ "ଅଗ୍ନିପୁତ୍ର ବିପ୍ଲବୀ ଆନନ୍ଦ ଚନ୍ଦ୍ର" ଉନ୍ମୋଚନ ଉତ୍ସବ ଅବସରରେ ବିଶିଷ୍ଟକବି, ଲେଖକ ତଥା ପୂର୍ବ ତଟ ରେଳପଥର ବରିଷ୍ଠ ଜନ ସଂପର୍କ ଅଧିକାରୀ ନିରାକାର ଦାସଙ୍କୁ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ "ବିପ୍ଲବୀକବି ଆନନ୍ଦ ଚନ୍ଦ୍ରଜେନାସ୍ମୃତି ସମ୍ମାନ"ରେ ସମ୍ମାନିତ କରିଛନ୍ତି । ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଧାରାର କବିଶ୍ରୀ ଦାସଙ୍କ କବିତାରେ ବୈପ୍ଲବିକ ସ୍ୱର ଏବଂ ଅନ୍ୟାୟ, ଅନିତୀ ଓ ଅସମାନତା ବିରୁଦ୍ଧରେ ତାଙ୍କ ଲେଖନୀ ଚାଳନା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ାସ୍ଥ ଟାଉନ୍‌ହଲ୍‌ଠାରେ ଆୟୋଜିତ ଏହିଉତ୍ସବରେ ଓଡ଼ିଶାର ଖାଦ୍ୟ ଯୋଗାଣ, ଖାଉଟୀ କଲ୍ୟାଣ ଓ ସମବାୟମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ରାଜ୍ୟସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନିଳମଣୀ ସାମଲ, ସ୍ମୃତିକମିଟି ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ, ସଭାପତି କରୁଣାକର ଦାସ, ସଂପାଦକ ରମଣୀ ରଞ୍ଜନ ରାଉତରାୟ, ପ୍ରକାଶକ ଡ. ହୟଗ୍ରୀବଗୁରୁ, ଏବଂ ଆଇନଜ୍ଞ ତଥା ବିପ୍ଲବୀ ଆନନ୍ଦ ଚନ୍ଦ୍ରଜେନାଙ୍କ ଦାୟଦ ସଂଜୟଜେନା ଅତିଥି ଭାବେ ମଞ୍ଚାସୀନ ଥିଲେ।

## ରାଜ୍ୟସ୍ତରୀୟ ପ୍ୟାରେଡ ପାଇଁ ପ୍ରଦର୍ଶନୀ ପଡ଼ିଆରେ ଫୁଲ ଡ୍ରେସ ରିହରସଲ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ସ୍ୱାଧୀନତା ଦିବସରେ ରାଜ୍ୟସ୍ତରୀୟ ପରେଡ ପାଇଁ ଫୁଲ ଡ୍ରେସ ରିହରସଲ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଶେଷ ହୋଇଛି । ପୁଲିସ ମହାନିର୍ଦ୍ଦେଶକ ଫୁଲ ଡ୍ରେସ ରିହରସଲରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମିଳିଥିବା ସୂଚନା ଅନୁସାରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଉତ୍ତୋଳନ କରିବେ।ଚଳିତ ବର୍ଷ ପ୍ୟାରେଡରେ ୩ ଟି କଂଟିନଜେଂଟ ଭାଗ ନେବେ। ଏହା ସହ ବ୍ରାସ ବ୍ୟାଣ୍ଡ ମଧ୍ୟ ପରେଡରେ ସାମିଲ ହେବେ। ୩ ଟି କଂଟିଜେଂଟରେ ଓଡ୍ରାଫ, ଓଏସଏପି ଓ ଏସଏସବି ସାମିଲ ହେବେ। କରୋନା କଟକଣାକୁ ନଜରରେ ରଖି ଛାତ୍ରଛାତ୍ରୀମାନେ ଭାଗ ନେବେ ନାହିଁ। ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା ରହିବ। ପୁରା ଗ୍ରାଉଣ୍ଡ ସିସିଟିଭି ବଳୟରେ ରହିବ। ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନଜରରେ ରଖି ପରେଡ ଗ୍ରାଉଣ୍ଡରେ ୧୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ।

# ଗ୍ରାମସଭାରେ ଉପସ୍ଥାପିତ ହେବ ଲୋକଙ୍କ ମୌଳିକ ସମସ୍ୟା : ଜନଜାଗୃତି ମଞ୍ଚ



ଉଦଳା, ୧୩/୦୮ (ନି.ପ୍ର): ଦେଶ ସ୍ୱାଧିନ ହେବାର ଦିର୍ଘ ୭୫ ବର୍ଷ ପୁରିଲା । ତେଣୁ ଚଳିତ ବର୍ଷଟିକୁ ଦେଶ ତମାମ ଅମୃତ ମହୋତ୍ସବର ବର୍ଷ ଭାବରେ ପାଳନ କରାଯାଉଛି । ଏହି ଅବସରରେ ମୟୂରଭଞ୍ଜରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଞ୍ଚ'ର ନେତୃତ୍ୱରେ ଚଳିତ ଅଗଷ୍ଟ ୧୫ ତାରିଖ ଦିନ ହେବାକୁ ଥିବା ଗ୍ରାମସଭା ମାନଙ୍କରେ ଲୋକଙ୍କ ମୌଳିକ ସମସ୍ୟା ଉପସ୍ଥାପିତ ହେବ ବୋଲି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ଏଥିପାଇଁ ମଞ୍ଚ ତରଫରୁ ରଣନୀତି ପ୍ରସ୍ତୁତ କରାଯାଇ କର୍ମୀ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିବାର ଜଣାଯାଇଛି । ଲୋକଙ୍କ ତରଫରୁ ଉପସ୍ଥାପିତ ହେବାକୁ ଥିବା ସମସ୍ୟା ଗୁଡ଼ିକ ମଧ୍ୟରେ ଖାଦ୍ୟ, ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ ଗୁଡ଼ିଏ କଥା ରହିଛି । ପ୍ରକାଶ ଥାଉକି ପୁର୍ବରୁ ମଞ୍ଚର କର୍ମୀ ମାନଙ୍କ ଦ୍ୱାରା ଜିଲ୍ଲାର ୬ ଗୋଟି ବ୍ଲକରେ ୬୫ ଗୋଟି ଗ୍ରାମରୁ ପିଇବା ପାଣି, ବିଦ୍ୟାଳୟର ଭିତ୍ତିଭୂମୀ ଏବଂ ଅନ୍ୟାନ୍ୟ ସମସ୍ୟା ଚିହ୍ନଟ କରାଯାଇଛି । ଏହି ୬ ଗୋଟି ବ୍ଲକ ମଧ୍ୟରେ କପ୍ତିପଦା, ଉଦଳା, ଖୁଣ୍ଟା, ଗୋପବନ୍ଧୁନଗର, ବଡ଼ସାହି ଓ ବେତନଟୀ ରହିଛି । ଏହି ସବୁ ବ୍ଲକର ୩୦ ଗୋଟି ପଞ୍ଚାୟତର ଗ୍ରାମସଭା ମାନଙ୍କରେ ସଚେତନ ନାଗରିକ ମାନଙ୍କ ଦ୍ୱାରା ସମସ୍ୟା ଉପସ୍ଥାପିତ ହେବ । ଉପସ୍ଥାପନ ପରେ ସମସ୍ୟା ଗୁଡ଼ିକ ସ୍ଥାନୀୟ ବିଡ଼ିଓ, ଲୋକପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ୱ ମଞ୍ଚର ସଭାପତି ଚିତ୍ତରଂଜନ ମୁଖୀ ଓ ସମ୍ପାଦିକା ରାଇମଣୀ ବାସ୍କେ ନେଇଛନ୍ତି ।

## ସଦର ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ବାଲେଶ୍ୱର,୧୩/୦୮ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦେଶବ୍ୟାପୀ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିକ୍ଷିତ ହୋଇଛି। ଶନିବାର ଅପରାହ୍ନରେ ସଦର ବିଜେପି ପକ୍ଷରୁ ୫ଶହ ଫୁଟ ଲମ୍ବର ତ୍ରିରଙ୍ଗା ଯାତ୍ରା ସିନେମାଛକରୁ ବାହାରି ସହର ପରିକ୍ରମା କରିଥିଲା। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ ଦତଙ୍କ ନେତୃତ୍ୱରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସୁଷମା ବିଶ୍ୱାଳ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ସୋର ମ୍ୟୁନିସିପାଲଟି ଚେୟାରମେନ ମାଧବ ଧଡା, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ଦୁକୁଲ ଘୋଡେଇ, ବରିଷ୍ଠ ଆଇନଜୀବି ବୈଲୋଚନ ଦାଶ, କାଉନସିଲର ରୋଜାଲିନ ପାଣି, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ପ୍ରବୀର ଶଙ୍କର ଦାଶ, ଚନ୍ଦ୍ର ଶେଖର ନନ୍ଦ, ମିହିର ପାଣି, ଉମେଶ ବେହେରା, ବଳରାମ ପାତ୍ର, ବିକାଶ ପାଢ଼ୀ, ରାଜେନ୍ଦ୍ର ଚାଟାର୍ଜୀ, ପବନ କମିଲା, ଦୁର୍ଗା ପ୍ରଧାନ, ସୌଭାଗ୍ୟମାନସ ନାୟକ, ହରେନ୍ଦ୍ର ପ୍ରଧାନ, ବିବେକାନନ୍ଦ ରାଉତ,ମାନସ ସାହୁ, ମନ୍ମଥ ପାତ୍ର, ଜୀବନ ପାଣି ପ୍ରମୁଖ ଯୋଗ ଦେଇଥିଲେ।

# ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ ପାଳିତ



ଭଦ୍ରକ,୧୩/୦୮ (ନି.ପ୍ର): ଭାଇ ହାତରେ ଭଉଣୀର ରାକ୍ଷୀ। ରଖେ ସାକ୍ଷୀ। ଆପଦ କାଳରେ ଭାଇ ହୁଏ ଆରକ୍ଷୀ। ପୌରାଣିକ ତଥା ଐତିହାସିକ ସତ୍ୟତା ଅବଲମ୍ବନରେ ଏ ଯାବତ୍ ପରମ୍ପରା ଚଳି ଆସିଛି ବୋଲି ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ମଞ୍ଚର ସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବୀ ନିରାକାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଚରମ୍ପା ସ୍ଥିତ ଜନତା ସେବା କେନ୍ଦ୍ରରେ ମଞ୍ଚାସିନ ଅତିଥିମାନେ ମତପୋଷଣ କରିଥିଲେ। ମଞ୍ଚର ସମ୍ପାଦକ ଉମାକାନ୍ତ ନାୟକଙ୍କ ଆତ୍ମ ଜୀବନୀ ପୁସ୍ତକ 'ମନେପଡ଼େ ସେ ଦିନ' ଓ ନାତୁଣୀ ସୁଶ୍ରୀ ଶିଖା ନାୟକଙ୍କ ଲିଖିତ 'ଫାଉଣ୍ଡେସନାଲ ସୋସିଓଲୋଜି' ପୁସ୍ତକ ଲୋକାର୍ପଣ କରାଯାଇ ଶିକ୍ଷାବିତ୍ ଗଗନ ବିହାରୀ ରାଉତ ଓ ସାହିତ୍ୟିକ ଇଂ ଅଭୟ ସୂତାରଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ମଞ୍ଚ ଆହ୍ୱାନ ଓ ମଙ୍ଗଳାଚରଣ ପାଠ କରିଥିଲେ କାର୍ଯ୍ୟକାରୀ ସମ୍ପାଦକ ବାବୁଲାଲ ଦାସ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ ଭାରତୀ ପଲେଇ। ମଞ୍ଚ ଉଦ୍‌ଘାଟନ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର କରିଥିବା ବେଳେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିତ୍ ଗଗନ ବିହାରୀ ରାଉତ। ମୁଖ୍ୟବକ୍ତା ଡଃ ରାମଚନ୍ଦ୍ର ପଣ୍ଡା ସମ୍ମାନିତ ବକ୍ତା ଲଲାଟେନ୍ଦୁ ମହାନ୍ତି, ଆକାଶବାଣୀ ଗୀତିକାର ପିତାମ୍ବର ମିଶ୍ର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର କାଳଜୟୀ ରଚନା ଉପରେ ଆଲୋକପାତ କରିବା ସଙ୍ଗେସଙ୍ଗେ ଓଡ଼ିଆ ବାଣୀ ଭଣ୍ଡାରକୁ ତାଙ୍କର ଅମୂଲ୍ୟ ଓ ଅତୁଳନୀୟ ଦାନର ପଟ୍ଟାନ୍ତର ନାହିଁ ବୋଲି ବର୍ଣ୍ଣନା କରିଥିଲେ। ମେହେରଙ୍କ କବିତା 'ମଧୁମୟ' ପାଠ କରିଥିଲେ ଆଇନଜୀବୀ କୁଳମଣି ବେହେରା। ବିଶ୍ୱନାଥ ଅଗ୍ରୱାଲ ଓ ଶିକ୍ଷୟତ୍ରୀ ତଥା ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମର ନନ୍ଦିନୀ ଭଉଣୀ ସହ ତାଙ୍କ ସାଥୀ ସ୍ନେହ ଶ୍ରଦ୍ଧ ସ୍ୱରୂପ ରାକ୍ଷୀ ବାନ୍ଧିଥିଲେ।

## ରାଜଧାନୀରେ ୭୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୭୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୯୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୧୯୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୧ ହଜାର ୯୫୫ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୫ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୨୭ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୬୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ରୋଜଗାର ଆନ୍ଦୋଳନରେ ସାମିଲ୍ ହେଲେ ରାଜ୍ୟର ଶତାଧିକ ସଂଗଠନ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ବେରୋଜଗାର ବିରୁଦ୍ଧରେ ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ ପାଇଁ ସଂଯୁକ୍ତ ରୋଜଗାର ଆନ୍ଦୋଳନ ସମିତି ପକ୍ଷରୁ ଏକ ପଦଯାତ୍ରା ମାଷ୍ଟର କ୍ୟାଂଟିନ ଗୋଲେଇ ଛକରୁ ବାହାରି ରେଲୱେ ଷ୍ଟେସନ ନିକଟରେ ପହଂଚିଥିଲା । ଏହି ପଦଯାତ୍ରାରେ ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ ଗଣସଂଗଠନ ସାମିଲ୍ ହୋଇଥିଲେ। ଆସନ୍ତା ଅଗଷ୍ଟ ୧୬ ତାରିଖରୁ ୨୨ ତାରିଖ ୭ ଦିନ ପର୍ଯ୍ୟନ୍ତ ଦିଲ୍ଲୀର ଯନ୍ତରମନ୍ତର ମଇଦାନରେ ସତ୍ୟାଗ୍ରହରେ ଅଂଶଗ୍ରହଣ କରିବା ପାଇଁ ସ୍ଲୋଗାନ ଦେଇଥିଲେ ଏବଂ ସଂଗଠନର କର୍ମକର୍ତ୍ତା ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ଆଜି ଦେଶ ବେକାରୀ ସମସ୍ୟାକୁ ନେଇ ଭୟଙ୍କର ସଙ୍କଟ ଦେଇ ଗତି କରୁଛି। ଏପରିକି ବଡ଼ ବଡ଼ ଡିଗ୍ରୀ ହାସଲ କରି ମଧ୍ୟ ଯୁବକମାନେ ଚାକିରୀ ପାଇଁ ଏଠି ସେଠି ବୁଲୁଛନ୍ତି। ନୂତନ ନିଯୁକ୍ତି ସୃଷ୍ଟି କରିବା ତ ଦୂରର କଥା, ଖାଲି ପଡ଼ିଥିବା ଲକ୍ଷ ଲକ୍ଷ ପଦବୀରେ ମଧ୍ୟ ନିଯୁକ୍ତି କରାଯାଉ ନାହିଁ। ଚାକିରୀ ପାଇଁ ଦାବି କରୁଥିବା ଯୁବକଙ୍କୁ ମିଳୁଛି ଲାଠିର ପ୍ରହାର। ନିକଟରେ ରେଳବାଇ ଓ ଏନ୍‌ଟିପିସିରେ ଚାକିରୀ ପାଇଁ ଆଶାୟୀ ଯୁବକଙ୍କ ଉପରେ ଆକ୍ରମଣ ସଦ୍ୟତମ ଉଦାହରଣ। ଶିକ୍ଷିତ ଯୁବବର୍ଗଙ୍କ ପାଇଁ ଯୋଗ୍ୟତା ଅନୁସାରେ ଚାକିରୀ ଆଜିର ଦିନ ପାଇଁ ସ୍ୱପ୍ନ ହୋଇଯାଇଛି। ଯାହା ବି ନିଯୁକ୍ତି ମିଳୁଛି ତାହା ବି ସ୍ଥାୟୀ ନୁହେଁ। ସବୁବେଳେ ଛଟେଇର ଭୟ ଲାଗି ରହୁଛି ଏବଂ ଯାହା ବି ଆୟ ହେଉଛି ସେଥିରେ ସମ୍ମାନ ସହକାର ବ‌‌ୁ୍‌ବା ସମ୍ଭବପର ନୁହେଁ। ଗାଁ ଠୁ ସହର, କୃଷକଙ୍କ ଠାରୁ ମହିଳା, ଶିଳ୍ପୀ, କଳାକାର, କାରିଗର, ସବୁ ଧର୍ମ, ସବୁ ଜାତି, ସବୁ ଲିଙ୍ଗ ଆଦି ସମସ୍ତେ ଏହାର ଶିକାର। ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କର କୌଣସି ଉପଯୁକ୍ତ ନୀତି ନାହିଁ। ରୋଜଗାର ମାନବ ଜାତିର କେବଳ ଅର୍ଥନୈତିକ ପ୍ରସଙ୍ଗ ନୁହେଁ, ବରଂ ଏହା ରାଷ୍ଟ୍ର ନିର୍ମାଣରେ ସମସ୍ତଙ୍କର ଅଂଶିଦାର ବିଷୟ ଅଟେ। ଆମ ଦେଶରେ ମାନବ ସମ୍ବଳ, ବୌଦ୍ଧିକ ସମ୍ବଳ, ପ୍ରାକୃତିକ ସମ୍ବଳ ଆଦି ସବୁକିଛି ମହଜୁଦ ଅଛି। କିନ୍ତୁ ପରିତାପର ବିଷୟ ସ୍ୱତନ୍ତ୍ରତାର ୭୫ବର୍ଷ ବିତି ଯାଇଥିଲେ ମଧ୍ୟ ସମସ୍ତଙ୍କୁ ରୋଜଗାର କରିବା ପାଇଁ କୌଣସି ନୀତି ନାହିଁ କି ଆଜି ପର୍ଯ୍ୟନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଫଳରେ ଦେଶରେ ଆର୍ଥିକ ଅସମାନତା ଋଣଭାର ବଢ଼ିବା ସହ ବେକାରୀହାର ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଦେଶର ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ କରିବାର ଆବଶ୍ୟକତା ରହିଛି ବୋଲି ଦେଶ୍ କି ବାତ୍ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ରଞ୍ଜନ ମିଶ୍ର କହିଛନ୍ତି ଏବଂ ୧୬ରୁ ୨୨ ଅଗଷ୍ଟ ବେରୋଜଗାର ବିରୁଦ୍ଧରେ ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ ପାଇଁ ହେଉଥିବା ଆନ୍ଦୋଳନରେ ରାଜ୍ୟର ସମସ୍ତ ଛାତ୍ର, ଯୁବକ, ଶ୍ରମିକ, ମହିଳା, ଶିଳ୍ପୀ, କଳାକାର, କାରିଗର ସାମିଲ୍ ହେବା ପାଇଁ ଆହ୍ୱାନ ଦେଇଛନ୍ତି।

# ଜଳେଶ୍ୱର ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା



ଜଳେଶ୍ୱର, ୧୩/୮(ନି.ପ୍ର): ଭାରତୀୟ ଜନତା ପାର୍ଟି ଜଳେଶ୍ୱର ଶାଖା ପକ୍ଷ୍ୟରୁ ସ୍ୱାଧିନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଶିଖରପୁର ଦୁର୍ଗା ମନ୍ଦିରରୁ ପୂଜାର୍ଚ୍ଚନା ପରେ ଏହି ଶୋଭାଯାତ୍ରା ବାହାରି ପୁରୁଣା କୋର୍ଟ ଠାରେ ସମାପ୍ତ ହୋଇଥିଲା। ସେଠାରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହିତ ବିଭିନ୍ନ ନାରାରେ ପ୍ରକମ୍ପିତ କରିଥିଲେ । ପ୍ରତ୍ୟେକ ଘରେ ତ୍ରୀରଙ୍ଗା ଉଠାଇବାକୁ ସଚେତନା କରିବା ସହିତ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରଯାଇଥିଲା। ବିଜେପି ଯୁବ ନେତା ଦିବ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଶହ ଶହ ବିଜେପି କର୍ମୀ ଓ ସାଧାରଣ ଜନତା ଏହି ଜାତୀୟ ପତାକା ଧରି ବିଶାଳ ଶୋଭାଯାତ୍ରାରେ ଆସିଥିଲେ। ବରିଷ୍ଠ ନେତା ଅଭିଜିତ୍ ପ୍ରଧାନ, ସିର୍ଦ୍ଧାର୍ଥଶଂକର ପାଳ, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସ୍ୱେପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ଅଚ୍ୟୁତ ମହାନ୍ତି, ସଂଜିବ ରାଉତ, ଅଶୋକ ପରିଡା, ରବିନ୍ଦ୍ର ଦତ୍ତ, ବିଦ୍ୟାଧର ବେହେରା, ସରୋଜ ଗିରି, ରବିନ୍ଦ୍ର ଦାସ, ଦିଲ୍ଲିପ ପଣ୍ଡାଙ୍କ ସହିତ ବିଭିନ୍ନ ପଂଚାୟତରୁ କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ ।

# ମାଗୁଣି ଚରଣ ବାଳାଶ୍ରମରେ ୭୫ତମ ଆଜାଦି କା ମହୋତ୍ସବ ଉଦ୍‌ଘାଟିତ



ବସ୍ତା, ୧୩/୦୮ (ନି.ପ୍ର): ମାଗୁଣି ଚରଣ ବାଳାଶ୍ରମ ଠାରେ ୭୫ ତମ ସ୍ୱାଧୀନତା ଦିବସ ଓ ଆଜାଦି କା ଅମୃତ ମହୋତ୍ସବ ର ଉଦଘାଟନ ହୋଇଯାଇଛି ।ମାଗୁଣି ଚରଣ ବାଳାଶ୍ରମର ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର ସଭାପତିତ୍ୱରେ ଆଶ୍ରମର ପିଲାମାନେ ଆବାହନୀ ସଂଗୀତ ପରିବେଷଣ କରିଥିଲେ । ଉତ୍ତ୍ର ଚାରିଟେବୁଲ ଟ୍ରଷ୍ଟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ସହଯୋଗରେ ଏକ ସଚେତନତା ଶିବିର ମାଧ୍ୟମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହେବାସହିତ ଏକ ସଭା ର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଡ଼. ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭୂବନେଶ୍ୱର ଆଇ ଏମ ପ୍ରଫେସର ସୁପ୍ରିତି ମିଶ୍ର,ସମ୍ମାନିତ ଅତିଥି ସନ୍ତୋଷ କୁମାର ଅଗ୍ରୱାଲକ୍ଷ, ନିହାର ରଞ୍ଜନ ରାଉତ, ଏମ ସି ଅଧିକାରୀ ଓ ଭବାନୀ ଶଙ୍କର ଜେନା ତଥା ପ୍ରଫେସର ମାନ୍ୟବର ଶ୍ରୀଯୁକ୍ତ ଆକାଶ ଦାସ ନାୟକ ଭିଡିଓ କନଫେରନସି ମାଧ୍ୟମରେ ଯୋଗ ଦେଇ ପିଲା ମାନଙ୍କ ଶିକ୍ଷା କ୍ଷେତ୍ରରେ ନିର୍ଭିକ ଭାବ ରେ ପ୍ରଶ୍ନ ପଚାରିବାକୁ ପରାମର୍ଶ ଦେଇଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ



ବାରିପଦା, ୧୩/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୩.୦୮.୨୦୨୨ ରିଖରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦୌରାଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ଶ୍ରୀ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ମୋଟ ୬୧୩ ଟି ବିଭିନ୍ନ ମାମଲା ମଧ୍ୟରେ ବ୍ୟାଙ୍କ ଋଣ ଆଦାୟ ମାମଲା ଆଦି ସମ୍ବନ୍ଧୀୟ ୬୦୨ଟି ଏବଂ ଅନ୍ୟାନ୍ୟ (ଫୌଜଦାରୀ ଓ ଦେୱାନୀ) ମାମଲା ସମ୍ପର୍କୀତ ୧୧ଟି ମାମଲାର ଫଇସଲା କରାଯାଇ ମୋଟ୍ ୧ କୋଟି ୬୧ଲକ୍ଷ ୯୫ହଜାର ୩୮୦ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି (ପାର୍ଟ-ବି) ଅନ୍ତର୍ଗତ ବକେୟା ଥିବା ବିଭିନ୍ନ ମାମଲା ମଧ୍ୟରେ ଫୌଜଦାରୀ ୭ଟି, ଏନ୍‌ଆଇ ଆକ୍ଟ (ଜାତୀୟ ବୀମା)ଧାରା ୧୩୮ ଅନ୍ତର୍ଗତ ୧୮ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୧୩ଟି ମାମଲା, ଏମ୍‌ଏସିଟି (ମୋଟର ଦୁଘର୍ଟଣା) ମାମଲା ୨୩ଟି, ଶ୍ରମ ଓ ନିୟୋଜନ ସମ୍ବନ୍ଧୀୟ ମାମଲା ୧ଟି, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ସମ୍ବନ୍ଧୀୟ ମାମଲା ୪ଟି, ବୈବାହିକ ବିବାଦ ମାମଲା ୧୦ଟି, ଚାକିରୀ ସମ୍ବନ୍ଧୀୟ ମାମଲା ୩ଟି, ତହସିଲ (ରାଜସ୍ୱ) ସମ୍ବନ୍ଧୀୟ ମାମଲା ୨୬୯୭ଟି ଏବଂ ଅନ୍ୟାନ୍ୟ ଦେୱାନୀ ସମ୍ବନ୍ଧୀୟ ମାମଲା ୨୯ଟି ଓ ଅନ୍ୟାନ୍ୟ ୨୫୪୧ ଟି ଫୌଜଦାରୀ ମାମଲା ସମେତ ମୋଟ ୫୩୪୬ଟି ମାମଲାର ଫଇସଲା କରାଯାଇ ମୋଟ୍ ୨କୋଟି ୦୩ଲକ୍ଷ ୨୫ ହଜାର ୬୫୩ଟଙ୍କା ଆଦାୟ କରାଯାଇ ଏହିପରି ସର୍ବମୋଟ୍ ୫୯୫୯ ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ ସର୍ବମୋଟ ୩କୋଟି ୬୫ଲକ୍ଷ ୨୧ହଜାର ୩୩ଟଙ୍କା ଆଦାୟ ହୋଇଛି। ଅନୁଷ୍ଠିତ ଏହି ଲୋକ ଅଦାଲତରେ ଚେୟାର ପରସନ୍ ପିଏଲ୍‌ଏ(ପିୟୁଏସ୍)ବାରିପଦା ଶ୍ରୀ ବିଜୟ କୁମାର ମିଶ୍ର, ଫେମିଲି କୋର୍ଟ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଚୌଧୁରୀ ପ୍ରବୀର କୁମାର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁ, ସିନିୟର ସିଭିଲ୍ ଜଜ୍ (ଏଲ୍.ଆର) ମିସ୍ ଦୀପା ଦାସ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମିସ୍ ଶିବାନୀ, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ଶ୍ରୀମତୀ ଅପୂର୍ବା ଚୌଧୁରୀ, ବରିଷ୍ଠ ସିଭିଲ୍ ଜଜ୍ ପଲ୍ଲବୀ ରାଣୀ ସାହୁ, ଦ୍ୱିତୀୟ ଅରିତିକ୍ତ ବରିଷ୍ଠ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ଏସ୍‌ଡିଜେଏମ୍ ମିସ୍ ବିଶ୍ୱକଳ୍ପିତା ମହାନ୍ତି, ଜେଏମ୍‌ଏସ୍‌ସି ବାରିପଦା ଶ୍ରୀ ଅଭିଷେକ ପୋଥାଳ, ଜେଏମ୍‌ଏସ୍‌ସି, ବାରିପଦା ସାରନ୍ ବସ୍ତିଆ, ଜେଏମ୍‌ଏସ୍‌ସି, ବାରିପଦା ମନ୍ଦିରା ମହାନ୍ତ ଏବଂ କୋର୍ଟ ମ୍ୟାନେଜର ଶ୍ରୀ ମଳୟ କୁମାର ଗିରି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା। ଉକ୍ତ ଲୋକ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିବେଳେ ଏଥିରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ / ଘରୋଇ ବ୍ୟାଙ୍କର ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।

# ସହପାଠୀ ପରି ବନ୍ଧୁ ଜଗତରେ ନାହିଁ

ଉଦଳା, ୧୩/୦୮ (ନି.ପ୍ର): ଉଦଳା ସହରର ୱାର୍ଡ଼ନଂ-୮ ସ୍ଥିତ ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୯୮୫ ମସିହାରେ ସପ୍ତମ ଶ୍ରେଣୀ ପାସ କରିଥିବା ଛାତ୍ର ଛାତ୍ରୀ ମାନେ ଆଜି ଅଗଷ୍ଟ ୧୩ ତାରିଖ ଶନିବାର ଦିନ ଏକ ସହପାଠୀ ମିଳନର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଦିର୍ଘ ୩୮ ବର୍ଷ ପରେ ସାଙ୍ଗମାନେ ପରସ୍ପରକୁ ପାଖରେ ପାଇ ଖୁବ ଭାବବିହ୍ୱଳ ହୋଇ ଉଠିଥିଲେ । ସେ ସମୟରେ ଏଠାରେ କାର୍ଯ୍ୟରତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ପୁରାତନ ଛାତ୍ର ଛାତ୍ରୀଙ୍କ ଗହଣରେ ଆନନ୍ଦ ଅନୁଭବ କରିଥିଲେ । ଏହାପରେ ସୁବ୍ରତ ଓ ରାଜଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ସମସ୍ତେ ଜଣ ଜଣ କରି ନିଜ ନିଜର ପିଲା ଦିନର ଅନୁଭବ ଓ ବର୍ତ୍ତମାନ କିପରି ସମୟ ବିତାଉଛନ୍ତି ବର୍ଣ୍ଣନା କରିଥିଲେ । ଅନୁପ ଏକ ହ୍ୱାଟସଅପ ଗ୍ରୁପ ଖୋଲି ସମସ୍ତେ ଭାବର ଆଦାନ ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ । ନମିତା, ଦିବ୍ୟଦର୍ଶନୀ, କାଶୀନାଥ ଏଣିକି ଆମେ ପ୍ରତିବର୍ଷ ଏକତ୍ରୀତ ହେବା ବୋଲି କହିଥିଲେ । ଯେଉଁ ସାଙ୍ଗ ମାନେ ଅନୁପସ୍ଥିତ ଅଛନ୍ତି ସେମାନଙ୍କ ସହିତ କିପରି ଆଗାମୀ ଦିନରେ ଯୋଗାଯୋଗ କରାଯାଇ ପାରିବ ସେଥିପାଇଁ ଅଭୟକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଜୟନ୍ତୀ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ପରେ ଯବନିକା ପଡ଼ିଥିଲା । ପ୍ରକାଶ ଥାଉକି ଏହି ବ୍ୟାଚର ଛାତ୍ର ଛାତ୍ରୀ ମାନେ ୧୯୭୮ରୁ ୧୯୮୫ ଦିର୍ଘ ୭ ବର୍ଷ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ପଢୁଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo